ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଗ୍ରାମାଞ୍ଚଳ ବିକାଶ

ପାଠ୍ୟକ୍ରମ -୬
ଓଡ଼ିଶାରେ ଗ୍ରାମାଞ୍ଚଳ ବିକାଶ

ବ୍ଲକ୍

## ୨ ଓଡ଼ିଶାରେ ଗ୍ରାମାଞ୍ଚଳ ବିକାଶ ପ୍ରଶାସନ

ପ୍ରଥମ ଏକକ
ଓଡ଼ିଶାରେ ଗ୍ରାମୀଣ ବିକାଶ ପ୍ରଶାସନର ସଂରଚନା ଓ କାର୍ଯ୍ୟ

ଦ୍ୱିତୀୟ ଏକକ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା

ତୃତୀୟ ଏକକ
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା

ଚତୁର୍ଥ ଏକକ
ସଂଶୋଧିତ କ୍ଷେତ୍ର ବିକାଶ ସଂସ୍ଥା ଏବଂ କ୍ଷୁଦ୍ର ପ୍ରକଳ୍ପ

## ବିଶେଷଜ୍ଞ ପରିଷଦ



| | | | |
|---|---|---|---|
| ୧. | ଶ୍ରୀ ଜଗଦାନନ୍ଦ | ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ ଏବଂ ସହ ଉଦ୍ୟୋଗୀ, ସି.ଓ୍ୱାଇ ଏସ୍.ଡ଼ି., ଭୁବନେଶ୍ୱର, ଓଡ଼ିଶା | ଅଧ୍ୟକ୍ଷ |
| ୨. | ଡକ୍ଟର ଶ୍ରୁତି ମହାପାତ୍ର | ମୁଖ୍ୟ ନିର୍ବାହୀ, ସ୍ୱାଭିମାନ, ଭୁବନେଶ୍ୱର | ସଭ୍ୟା |
| ୩. | ଡକ୍ଟର ଧର୍ମବ୍ରତ ମହାପାତ୍ର, | ବିଭାଗୀୟ ମୁଖ୍ୟ, ଗ୍ରାମ୍ୟ ବିକାଶ, ସ୍ନାତକୋତ୍ତର ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ | ସଭ୍ୟ |
| ୪. | ଡକ୍ଟର ଏମ୍. ଜି. ବାଗେ | ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| ୫. | ଶ୍ରୀମତୀ ଦୀପ୍ତି ରାୟ, | ସହ-ପ୍ରାଧ୍ୟାପିକା, ଗ୍ରାମ୍ୟ ପରିଚାଳନା ବିଭାଗ, ନିଶ୍ୱାସ, ଭୁବନେଶ୍ୱର | ସଭ୍ୟା |
| ୬. | ଡକ୍ଟର ରବିନ୍ଦ୍ର ଗାରାଡ଼େ | ପ୍ରାଧ୍ୟାପକ, ଗ୍ରାମ୍ୟ ବିକାଶ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଭ୍ୟ |
| ୭. | ଡକ୍ଟର ଏସ୍.ଟି. ରେହମାନ | ଶିକ୍ଷଣୀୟ ପରାମର୍ଶଦାତା, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର | ସଂଯୋଜକ |




**ଅନୁବାଦକ : ଡକ୍ଟର ସ୍ୱାଗତିକା ସାମଲ**

ଅଧ୍ୟାପିକା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ।

**ପାଠ୍ୟ ସମ୍ପାଦକ : ଡକ୍ଟର ବିଳାଶ ଚନ୍ଦ୍ର ମନ୍ତ୍ରୀ**

ଶୈକ୍ଷିକ ପରାମର୍ଶଦାତା, ଗ୍ରାମାଞ୍ଚଳ ବିକାଶ ବିଭାଗ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଅଳଙ୍କରଣ ଓ ଡିଟିପି : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ



© OSOU, 2021. **ODISHA RE GRAMANCHALA BIKASHA O PRASASHANA** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ :
# ଓଡ଼ିଶାରେ ଗ୍ରାମୀଣ ବିକାଶ ପ୍ରଶାସନର ସଂରଚନା ଓ କାର୍ଯ୍ୟ

## ବିଷୟ ଗଠନ :


୧.୦ ପଠନର ଉଦ୍ଦେଶ୍ୟ

୧.୧ ଉପକ୍ରମ

୧.୨ ଗ୍ରାମୀଣ ବିକାଶ ବିଭାଗ

୧.୩ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

୧.୪ ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ଅନ୍ତର୍ଗତ ପଞ୍ଚାୟତିରାଜ ବ୍ୟବସ୍ଥା -

  ୧.୪.୧ ଗ୍ରାମ ସଭା

  ୧.୪.୨ ଗ୍ରାମପଞ୍ଚାୟତ (GramPanchyat)

  ୧.୪.୩ ପଞ୍ଚାୟତ ସମିତି

  ୧.୪.୪ ଜିଲ୍ଲା ପରିଷଦ

୧.୫ ପଞ୍ଚାୟତିରାଜ ବ୍ୟବସ୍ଥାର ଆନୁଷ୍ଠାନିକ ଢ଼ାଞ୍ଚା

୧.୬ ପଞ୍ଚାୟତିରାଜର କାର୍ଯ୍ୟ

୧.୭ ଜିଲ୍ଲା ଯୋଜନା କମିଟି

୧.୮ ସାରାଂଶ

୧.୯ ମୂଖ୍ୟ ଶବ୍ଦାବଳୀ

୧.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୧୧ ସହାୟକ ଗ୍ରନ୍ଥସୂଚୀ


## ୧.୦ ପଠନର ଉଦ୍ଦେଶ୍ୟ

ଏହି ଏକକ ପାଠ କରି ସାରିଲା ପରେ ବିଦ୍ୟାର୍ଥୀ ସକ୍ଷମ ହେବେ -

- ଗ୍ରାମୀଣ ବିକାଶ ବିଭାଗର କାର୍ଯ୍ୟ ବର୍ଣ୍ଣନା କରିବା
- ଗ୍ରାମସଭାର କାର୍ଯ୍ୟ, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର କାର୍ଯ୍ୟ ଆଲୋଚନା କରିବା
- ଜିଲ୍ଲା ଯୋଜନା କମିଟି ବା ସମିତିର କାର୍ଯ୍ୟ ବର୍ଣ୍ଣନା କରିବା।

## ୧.୧ ଉପକ୍ରମ

ସ୍ୱାଧୀନତା ପରଠାରୁ ସମଗ୍ର ରାଜ୍ୟର ସର୍ବାଙ୍ଗୀନ ବିକାଶ ହିଁ ରାଜ୍ୟ ସରକାରଙ୍କ ଏକ ମୂଳ ଲକ୍ଷ୍ୟ ରହିଆସିଛି । ପ୍ରାରମ୍ଭରରେ କୃଷି, ଶିଳ୍ପ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସମବର୍ଗୀ କ୍ଷେତ୍ର ଗଡ଼ିକ ବିକାଶର ମୁଖ୍ୟ ବିଷୟ ଥିଲା କିନ୍ତୁ ଜଲ୍‌ଦି ହିଁ ଏହା ଅନୁଭବ ହେଲା ଯେ ଦେଶର ସଂପୂର୍ଣ୍ଣ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ଏହାର ଗ୍ରାମାଞ୍ଚଳର ଉନ୍ନତି ହେବା । ନିହାତି ଦରକାର । ଏହି ଉକ୍ତିକୁ ଗ୍ରହଣ କରି ପଞ୍ଚାୟତିରାଜ ବ୍ୟବସ୍ଥା ଆମ ଦେଶର ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ଦ୍ୱାରା କାର୍ଯ୍ୟକାରୀ କରାଗଲା । ଏହା ବିଶ୍ୱାସ କରାଗଲା ଯେ ତୃଣମୂଳସ୍ତରର ଗଣତାନ୍ତ୍ରିକ ସରଂଚନାକୁ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ସମୃଦ୍ଧ ଓ ଦୃଢ଼ କଲେ ହିଁ ଦେଶର ଉନ୍ନତି ସାଧିତ ହୋଇ ପାରିବ । ପ୍ରଭାବଶାଳୀ ପଞ୍ଚାୟତିରାଜ ବ୍ୟବସ୍ଥା ହିଁ ଗ୍ରାମାଞ୍ଚଳର ମୂଳଭୂତ ସୁବିଧା ବା ଅବସଂରଚନା (Infrastructure)ରେ ଉନ୍ନତି, ଗ୍ରାମୀଣ ପରିବାରର ଆୟ ବୃଦ୍ଧି ଓ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁବିଧା ପ୍ରଦାନ କରିବାର ଆବଶ୍ୟକୀୟ ପଦକ୍ଷେପ ନେଇପାରିବ । ଓଡ଼ିଶା ସରକାର ଏହାର ଗ୍ରାମାଞ୍ଚଳ ର ବିକାଶ ପାଇଁ ରାଜ୍ୟରେ ଗ୍ରାମାଞ୍ଚଳ ବିକାଶ ବିଭାଗ ଏବଂ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର ପ୍ରତିଷ୍ଠା କରିଛନ୍ତି । ଏହି ଏକକରେ, ଆମେ ଓଡ଼ିଶା ସରକାରଙ୍କର ଏହି ଦୁଇ ବିଭାଗର ସଂରଚନା ଓ କାର୍ଯ୍ୟ ବିଷୟରେ ବିଷଦଭାବେ ଆଲୋଚନା କରିବା ।

## ୧.୨ ଗ୍ରାମୀଣ ବିକାଶ ବିଭାଗ

ଗ୍ରାମୀଣ ବିକାଶ ବିଭାଗ ୧ ଜୁଲାଇ, ୧୯୯୦ ମସିହାରେ କ୍ଷୁଦ୍ର ଜଳସେଚନ, ଉପଜଳସେଚନ, ଗ୍ରାମୀଣ ରାସ୍ତାଘାଟ, ପାନୀୟ ଜଳ ଯୋଗାଣ, ଏବଂ ପରିମଳ ଆଦି କ୍ଷେତ୍ରରେ କାର୍ଯ୍ୟ କରିବାକୁ ପ୍ରତିଷ୍ଠା କରାଯାଇଥିଲା । ପରେ ୧୯୯୬ ମସିହାରେ ଏହି ବିଭାଗର ପୁର୍ନସଂରଚନା କରାଯାଇ, ଏଥିରୁ କ୍ଷୁଦ୍ରଜଳସେଚନ ଓ ଉଠାଜଳସେଚନ ବିଷୟକୁ ଜଳସମ୍ପଦ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଏହା ଦ୍ୱାରା ସମସ୍ତ ଜଳସେଚନ କାମକୁ ଗୋଟିଏ ବିଭାଗର ଛାତ ତଳକୁ ଅଣାଯାଇଥିଲା । ବର୍ତ୍ତମାନ ଅବସ୍ଥାରେ, ଗ୍ରାମୀଣ ବିକାଶ ବିଭାଗରେ ଦୁଇଟି ସଂସ୍ଥା କାମ କରୁଛନ୍ତି ଯଥା – (୧) ଗ୍ରାମୀଣ କାର୍ଯ୍ୟ ଓ (୨) ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ।

ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ସଂସ୍ଥା ତ୍ୱରିତ ଗ୍ରାମୀଣ ଜଳ ଯୋଗାଣ କାର୍ଯ୍ୟକ୍ରମ (Acceleribe Rural Water Supply-ARWSP) କେବିକେ (KBK) ଜିଲ୍ଲା ପାଇଁ ଥିବା ସଂଶୋଧିତ ଦୀଘାବଧି କାର୍ଯ୍ୟ ଯୋଜନା (RLTAP) ଅନ୍ତର୍ଗତ ବିଶେଷ କେନ୍ଦ୍ରୀୟ ସହାୟତା (Special Control Assistance - SCA) ଏବଂ ସ୍ୱଜଳଧାରା ର ବ୍ୟୟ ଅଧୀନରେ ବିଭିନ୍ନ ଗ୍ରାମ ଜଳ ଯୋଗାଣ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଉଛି । କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ପରିମଳ ଅଭିଯାନ (TSC) ଅଧିନରେ ଏହା ଗ୍ରାମୀଣ ପରିମଳ କାର୍ଯ୍ୟକ୍ରମ ମଧ କାର୍ଯ୍ୟକାରୀ କରୁଛି । ଏହା ବ୍ୟତୀତ, ଏହି ଦୁଇ ସଂସ୍ଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ସହାୟତା ଓ ସେବା ପ୍ରଦାନ କରନ୍ତି ।

ଗୋଷ୍ଠୀ ଆଧାରିତ ଏବଂ ଆବଶ୍ୟକତା - ଉତ୍ତରଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମମାନ ଯେପରିକି ସ୍ୱଜଳଧାରା ଏବଂ ସମ୍ପୂର୍ଣ୍ଣ ପରିମଳ ଅଭିଯାନର ସଫଳ କାର୍ଯ୍ୟକାରିତା ପାଇଁ ଓଡ଼ିଶା ରାଜ୍ୟ ଜଳ ଓ ପରିମଳ ମିଶନ, - ଏକ ରେଜିଷ୍ଟ୍ରିଭୁକ୍ତ ସଂସ୍ଥା ଗ୍ରାମୀଣ ବିକାଶ ବିଭାଗ ଅଧୀନରେ ନିର୍ମିତ କରାଯାଇଥିଲା । ଏହି ମିଶନ UNICEF ଏବଂ ଅନ୍ୟ ସଂସ୍ଥାମାନଙ୍କ ସହିତ ମିଳିତ ଭାବରେ କାର୍ଯ୍ୟକରେ ।

ଗ୍ରାମାଞ୍ଚଳରେ ଲୋକମାନଙ୍କର ଜୀବନଶୈଳୀ ବା ଜୀବନସ୍ତରରେ ଉନ୍ନତି ଏବଂ ସେମାନଙ୍କ ବିଭିନ୍ନ ବହୁମୁଖୀ ସମସ୍ୟା ଗୁଡ଼ିକର ମୁକାବିଲା କରିବାକୁ ବହୁଗୁଡ଼ିକ କାର୍ଯ୍ୟକ୍ରମ ମାନ ପ୍ରସ୍ତୁତ କରି କାର୍ଯ୍ୟକାରୀ କରାଯାଇଛି । ଯେକୌଣସି ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମର ସଫଳତା, ସୁଯୋଗ ଓ ସମ୍ବଳର ସଦ୍‌ବ୍ୟବହାର ପାଇଁ ଥିବା ଆନୁଷ୍ଠାନିକ ଆୟୋଜନ ଓ ଅଙ୍ଗୀକାରବଦ୍ଧ ଉପଯୁକ୍ତ କାର୍ଯ୍ୟନୀତି (Strategy) ଉପରେ ବିଶେଷ ଭାବରେ ନିର୍ଭର କରେ ।

**ବିଭାଗର ମୁଖ୍ୟ କାର୍ଯ୍ୟ :-**

- ଗ୍ରାମାଞ୍ଚଳରେ ପିଇବା ଯୋଗ୍ୟ ପାଣିର ସୁବିଧା ପ୍ରଦାନ କରିବା ଓ ଅସଂଯୁକ୍ତ ଗ୍ରାମୀଣ ବସତିକୁ ସଂଯୋଗ ପ୍ରଦାନ କରିବା
- ଗ୍ରାମୀଣ ସଡ଼କ ଓ ସରକାରୀ ଭବନଗୁଡ଼ିକର ରକ୍ଷଣାବେକ୍ଷଣ କରିବା

**ଏହି ବିଭାଗ ଅଧୀନରେ କାର୍ଯ୍ୟକରୁଥିବା ସଂସ୍ଥା :-**

ଏହି ବିଭାଗ ଅଧୀନରେ ବିଶେଷ କରି ଦୁଇଟି ସଂସ୍ଥା କାର୍ଯ୍ୟ କରନ୍ତି ଯଥା -

(କ) ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ସଂସ୍ଥା ଏବଂ (RWSS)

(ଖ) ଗ୍ରାମୀଣ କାର୍ଯ୍ୟ (Rural Works - RW) ସଂସ୍ଥା

**ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ସଂସ୍ଥା :-**

- ଏହି ସଂସ୍ଥା ଗ୍ରାମୀଣ ଜଳ ଯୋଗାଣ ଓ ଗ୍ରାମୀଣ ପରିମଳ କ୍ଷେତ୍ରରେ କାର୍ଯ୍ୟ କରେ ପାୀୟ ଜଳସୁବିଧା କରିବା ହେଉଛି ରାଜ୍ୟର ବିଷୟ । ଏହା ସମସ୍ତ ଗ୍ରାମୀଣ ବସତିକୁ ରସାୟନ (Chemical) ସହିତ ଓ ଜୀବାଣୁଯୁକ୍ତ ପିଇବା ଯୋଗ୍ୟ ପାଣିର ସୁବିଧା ପ୍ରଦାନ କରିବାକୁ, କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ଯୋଜନା ଅଧୀନରେ ମିଳୁଥିବା ଅନୁଦାନ ସହାୟତାରେ ବିଭିନ୍ନ ପଦକ୍ଷେପ ନେଇଥାଏ ।

**RWSS ଅଧୀନରେ କାର୍ଯ୍ୟ କରୁଥିବା ସଂସ୍ଥା ଓ ଅଧିକାରୀ :-**

RWSS ଅଧୀନରେ ଦୁଇଟି ସଂସ୍ଥା କାମ କରନ୍ତି । ସେମାନେ ହେଲେ

- ମୁଖ୍ୟ ଯନ୍ତ୍ରୀ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ (RWSS)
- ମୁଖ୍ୟଯନ୍ତ୍ରୀ, ଓଡ଼ିଶା ରାଜ୍ୟ ଜଳ ଓ ପରିମଳ ମିଶନ (OSWSM)

## ମୁଖ୍ୟଯନ୍ତ୍ରୀ, RWSSଙ୍କର କାର୍ଯ୍ୟ

- RWSSର ମୁଖ୍ୟଯନ୍ତ୍ରୀ ହେଉଛନ୍ତି ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ସଂସ୍ଥାର ମୁଖ୍ୟ ଦାୟିତ୍ୱ ନିର୍ବାହକ । ସେ ବିଭିନ୍ନ ସ୍କିମ୍ ଅଧୀନରେ ଗ୍ରାମୀଣ ବସତିକୁ ପାୀୟ ଜଳଯୋଗାଣ କିପରି ହୋଇପାରିବ ତା'ର ଯତ୍ନ ନିଅନ୍ତି । ଏହି ଶାଖାର ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକର ମଧ ସେ ତଦାରଖ କରନ୍ତି ।

## ମୁଖ୍ୟଯନ୍ତ୍ରୀ, OSWSMଙ୍କର କାର୍ଯ୍ୟ

- OSWSMକୁ 'ରାଜ୍ୟ ମିଶନ' ମଧ କୁହାଯାଏ ଯାହା ଗ୍ରାମୀଣ ବିକାଶ ବିଭାଗରେ ନିର୍ମାଣ କରାଯାଇଛି । ଏହାର କାମ ହେଉଛି ଗୋଷ୍ଠୀ ନେତୃତ୍ୱ ଦ୍ୱାରା ଏବଂ ସହଭାଗୀତା ଦ୍ୱାରା WATSAN ପ୍ରକଳ୍ପ ଗୁଡ଼ିକ ଆବଶ୍ୟକୀୟ ନୀତିଗତ ମାର୍ଗଦର୍ଶନ ଦେବା ।

<table>
<tr><td colspan="3">ମୁଖ୍ୟମନ୍ତ୍ରୀ</td></tr>
<tr><td colspan="3">ମନ୍ତ୍ରୀ, ଗ୍ରାମାଞ୍ଚଳ ବିକାଶ</td></tr>
<tr><td colspan="3">ମନ୍ତ୍ରୀ, (RWSS)</td></tr>
<tr><td colspan="3">ମୁଖ୍ୟ ସଚିବ</td></tr>
<tr><td colspan="3">ବିକାଶ କମିଶନର ଓ ଅତିରିକ୍ତି ମୁଖ୍ୟ ସଚିବ</td></tr>
<tr><td colspan="3">କମିଶନର ଓ ସଚିବ</td></tr>
<tr><td colspan="2">ଅତିରିକ୍ତ ସଚିବ</td><td>ବିତ୍ତ ନିୟନ୍ତ୍ରକ ଓ ଅତିରିକ୍ତ ସଚିବ</td></tr>
<tr><td>ଯୁଗ୍ମ ସଚିବ</td><td>ଡେପୁଟି ସଚିବ</td><td rowspan="2">ବିତ୍ତ ନିୟନ୍ତ୍ରଙ୍କ ଓ ଅନୁଗତ ସଚିବ</td></tr>
<tr><td>ଅନୁଗତ ସଚିବ</td><td>ଅନୁଗତ ସଚିବ</td></tr>
</table>

| ବିଭାଗ | ବିଭାଗ | ବିଭାଗ |
|---|---|---|
| RTI / IMU<br>ଗ୍ରାମାଞ୍ଚଳ ବିକାଶ ଲିଗାଲ୍ କଲ୍<br>ଅଫିସ୍ ପ୍ରତିଷ୍ଠା DAK (ଇସୁ<br>ଡେସପ୍ୟାଚ୍ ଏବଂ ଅନ୍ୟମାନେ) | ଗ୍ରାମୀଣ ପିଇବା ପାଣି ଓ ପରିମଳ<br>ସଂଚାଳକ ଇ - ଗଭର୍ଣ୍ଣାସ୍ ସେଲ୍<br>ନଗଦ ଏବଂ ବିଲ୍ | | ଅଟକଳ ସଂଚାଳକ<br>PMGSY |

ଗ୍ରାମୀଣ ବିକାଶ ବିଭାଗର 'ଅର୍ଗାନୋଗ୍ରାମ' ବା 'ଅନୁଷ୍ଠାନ'

# ୧.୩ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୪୮ ହେଉଛି ପ୍ରଥମ ଆଇନ ଯାହା ଗ୍ରାମ ପଞ୍ଚାୟତରେ ଗଠନ, ଦାୟିତ୍ୱ ଓ କାର୍ଯ୍ୟ ବିଷୟରେ ବିଶେଷ ଭାବେ ଦର୍ଶାଯାଇଛି। ୧୯୬୧ ମସିହାରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରଚଳନ ଆମ ରାଜ୍ୟରେ ଆରମ୍ଭ କରାଯାଇଥିଲା। ଓଡ଼ିଶା ଜିଲ୍ଲା ପରିଷଦ ଆଇନ ୧୯୫୯ ମସିହାରେ ପ୍ରଣୟନ କରାଯାଇଥିଲା ଯାହା (ଓଡ଼ିଶା ଆଇନ ୨୪, ୧୯୬୧) ଅନ୍ତର୍ଗତ ସଂଶୋଧିତ କରାଯାଇ ଓଡ଼ିଶା ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଆଇନ ୧୯୬୧ ଭାବରେ ନାମିତ କରାଯାଇଥିଲା। ଭାରତୀୟ ସମ୍ବିଧାନର ୭୩ତମ ସଂଶୋଧନ ଆଇନ, ୧୯୯୨ ଆଧାରରେ, ଓଡ଼ିଶା ଏହାର ପଞ୍ଚାୟତ ସମ୍ପର୍କିତ ଅନେକ ଆଇନ ଗୁଡ଼ିକ ଯଥା - ଓଡ଼ିଶା ଜିଲ୍ଲା ପରିଷଦ ଆଇନ ୧୯୬୧, ଓଡିଶା ପଞ୍ଚାୟତି ସମିତି ଆଇନ ୧୯୫୯, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଆଦିରେ ଆବଶ୍ୟକୀୟ ସଂଶୋଧନ ଆଣିଛି।

ଓଡ଼ିଶାରେ ୧୯୯୪ ମସିହାରେ ପଞ୍ଚାୟତିରାଜ ବିଭାଗର ଗଠନ କରାଯାଇଥିଲା। ଏହି ବିଭାଗ କେନ୍ଦ୍ରୀୟ ସରକାରଙ୍କ ଦୁଇଟି ମନ୍ତ୍ରାଳୟ ଯଥା - ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଓ ପଞ୍ଚାୟତିରାଜ ମନ୍ତ୍ରାଳୟ ସହିତ ସମ୍ପର୍କ ରଖି କାର୍ଯ୍ୟ କରେ। ଦେଶରେ ଦାରିଦ୍ର୍ୟ ଦୂରୀକରଣ ଓ ଗ୍ରାମୀଣ ବିକାଶରେ ଏହି ବିଭାଗର ସିଧାସଳଖ ଅବଦାନ ଏବଂ ଏକ ଜାତୀୟ ଅଟକଳର ସିଂହଭାଗର ଏହି ବିଭାଗ ପରିଚାଳନା କରୁଥିବାରୁ ବିଭାଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ଏକ କେନ୍ଦ୍ରୀୟ ବିଭାଗ ଅଟେ ଯାହାଦ୍ୱାରା PRIS ମାଧ୍ୟମରେ ତୃଣମୂଳ ସ୍ତରରେ ଗଣତାନ୍ତ୍ର ଓ ବିକେନ୍ଦ୍ରୀକରଣ ବ୍ୟବସ୍ଥା ସ୍ଥାପନ ପାଇଁ ପଦକ୍ଷେପ ନିଆଯାଏ। ପଞ୍ଚାୟତିରାଜ ଅନୁଷ୍ଠାନ ସମସ୍ତ ବିକାଶ ମୂଳକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଅଟେ। ମଜୁରୀ ଭିର୍ତ୍ତିକ ରୋଜଗାର, ସ୍ୱ-ରୋଜଗାର ଏବଂ ଗ୍ରାମୀଣ ଆବାସିକ କାର୍ଯ୍ୟକ୍ରମ ମାନ ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଅଧିନରେ ଥିବାବେଳେ, ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତ କରିବା, ଯୋଜନା ବିକେନ୍ଦ୍ରୀ କରଣ କମିଶନ ଅନୁଦାନ, ଏବଂ ଅନଗ୍ରସର ଅଞ୍ଚଳ ଅନୁଦାନ ପାଣ୍ଠି (Bachwane Rescim Grant End) ଆଦି ପଞ୍ଚାୟତିରାଜ ମନ୍ତ୍ରାଳୟ ଅଧିନରେ କାର୍ଯ୍ୟକାରୀ କରାଯାଏ।

୭୩ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ଗ୍ରାମାଞ୍ଚଳରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଯୋଗୁଁ ବିରାଟ ପରିବର୍ତ୍ତନ ଆସିଛି। ଏହା ପଞ୍ଚାୟତିରାଜ ସଂସ୍ଥା ଗୁଡ଼ିକର ଦାୟିତ୍ୱରେ ଉନ୍ନତି ଆଣି ଲୋକମାନଙ୍କ ହିତ ସାଧନ ସମ୍ପର୍କ ତ ଅନେକ କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରାଇଛି।

## ଆଇନର ବୈଶିଷ୍ଟ୍ୟ :

ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା, ଗଠନ, ଗ୍ରାମ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲାସ୍ତରରେ ତ୍ରି-ସ୍ତରୀୟ ପଞ୍ଚାୟତ ବ୍ୟବସସ୍ଥା, ପ୍ରତ୍ୟେକ ସ୍ତରରେ ସଦସ୍ୟମାନଙ୍କର ଲୋକମାନଙ୍କ ଦ୍ୱାରା ସିଧାସଳଖ ନିର୍ବାଚନ, ଅନୁସୂଚିତ ଜାତି ଓ ଜନଜାତିର ପ୍ରାର୍ଥୀ ମାନଙ୍କ ପାଇଁ ମହିଳାମାନଙ୍କ ପାଇଁ ଆସନ ପ୍ରଶିକ୍ଷଣ ଏକ ତୃତୀୟାଂଶ ଆସନର ସଂରକ୍ଷଣ ବ୍ୟବସ୍ଥା, ପ୍ରତ୍ୟେକ ପଞ୍ଚାୟତର ପାଞ୍ଚବର୍ଷର କାର୍ଯ୍ୟାବଧି ଆଦି ଏଇ ଆଇନର ବୈଶିଷ୍ଟ୍ୟ। ଏହାଛଡ଼ା ଏହି ଆଇନ କୌଣସିଠାରେ ପଞ୍ଚାୟତ କ୍ଷତି ବିଘଟିତ ହୋଇଯାଏ, ଏପରି ସ୍ଥିତିରେ, ଛଅ ମାସ ମଧ୍ୟରେ ନିର୍ବାଚନ କରାଇବାର

ବ୍ୟବସ୍ଥା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବିତ୍ତୀୟ କମିଶନଙ୍କ ନିଯୁକ୍ତି ଏବଂ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତି ପ୍ରତ୍ୟେକ ପାଞ୍ଚବର୍ଷରେ ଥରେ ପଞ୍ଚାୟତ ନିର୍ବାଚନ ପରିଚାଳନା କରାଇବା ପାଇଁ ସୁବିଧା ଓ ନିର୍ଦ୍ଦେଶ ପ୍ରଦାନ କରେ। ରାଜ୍ୟ ସରକାର, ଏହାର ପଞ୍ଚାୟତିରାଜ ସମ୍ପର୍କିତ ଆଗରୁ ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନରେ ସଂଶୋଧନ କରି ଏହାକୁ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ପରିଣତ କରିଛନ୍ତି। ରାଜ୍ୟର ତେଣୁ ଏହି ପଞ୍ଚାୟତିରାଜ ବ୍ୟବସ୍ଥା ଜିଲ୍ଲା ପରିଷଦ ଆଇନ, ୧୯୯୧(OIPA) ଦ୍ୱାରା ଜିଲ୍ଲାସ୍ତରରେ, ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୫୯ (OPSA) ଦ୍ୱାରା ବ୍ଲକ୍ ସ୍ତରରେ ଓ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ (OGPA) ଦ୍ୱାରା ଗ୍ରାମପଞ୍ଚାୟତ ସ୍ତରରେ ପରିଚାଳିତ। ଏହି ବ୍ୟବସ୍ଥା ନିର୍ବାଚିତ ପ୍ରତିନିଧି ମଣ୍ଡଳ ଯଥା- ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ କୁ ନେଇ ତ୍ରି-ସ୍ତରୀୟ ବ୍ୟବସ୍ଥା ଗଠନ କରେ।

ପ୍ରତିନିଧି ମଣ୍ଡଳ ଯଥା- ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ କୁ ନେଇ ତ୍ରି-ସ୍ତରୀୟ ବ୍ୟବସ୍ଥାର ଗଠନ କରେ।

## ୧.୪ ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ଅନ୍ତର୍ଗତ ପଞ୍ଚାୟତିରାଜ ବ୍ୟବସ୍ଥା

ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧୀ ଆମ ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ପୁନରୁତ୍ଥାନ କରିଥିଲେ। ସେ ସାଧାରଣ ଜନତାଙ୍କୁ ମହାତ୍ମାଗାନ୍ଧୀଙ୍କ 'ଗ୍ରାମ ସ୍ୱରାଜ' ନୀତି ଆଧାରରେ ନିଜେ ନିଜକୁ ଶାସନ କରିବାର ଅଧିକାର ଏହାଦ୍ୱାରା ଫେରାଇ ଦେଇଥିଲେ। ପାର୍ଲିଆମେଣ୍ଟ (ସଂସଦ) ଦ୍ୱାରା ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ୨୩ ଡିସେମ୍ବର ୧୯୯୨ ରେ ପ୍ରଣୟନ କରାଯାଇଥିଲା ଯାହା ୨୪ ଏପ୍ରିଲ ୧୯୯୩ ରେ ସାରା ଦେଶରେ ଲାଗୁ କରାଯାଇଥିଲା ଏବଂ ଏହାଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନଙ୍କ ପରିଚୟ ମିଳିଗଲା। ଏହି ଆଇନ୍ ପଞ୍ଚାୟତକୁ ଉଭୟ ଅଧିକାର ଓ ଦାୟିତ୍ୱ ପ୍ରଦାନ କରିଛି ବିଭିନ୍ନ କ୍ଷେତ୍ରରେ ଉନ୍ନତିମୂଳକ ଅର୍ଥନୈତିକ ଯୋଜନାମାନ ତିଆରି କରିବାକୁ, ସାମାଜିକ ସୁରକ୍ଷା ସମ୍ପର୍କିତ କାର୍ଯ୍ୟ କରିବାକୁ ଏବଂ ସମ୍ବିଧାନର ୧୧ ତମ ଅନୁଚ୍ଛେଦରେ ବର୍ଣ୍ଣିତ ୨୯ ଟି ବିଷୟରେ ପଦକ୍ଷେପ ନେଇ କାର୍ଯ୍ୟ କରିବାକୁ।

**୭୩ ତମ ସମ୍ବିଧାନ ସଂଶୋଧନର ମୁଖ୍ୟ ବିଶେଷତ୍ୱ ହେଲା -**

(କ) ଗ୍ରାମସ୍ତରରେ, ବ୍ଲକ୍ ସ୍ତରରେ ଓ ଜିଲ୍ଲା ସ୍ତରରେ ପଞ୍ଚାୟତ ଗଠନ କରିବା, (ଯଦି ବ୍ଲକ୍ ସ୍ତରରେ ୨୦ ଲକ୍ଷରୁ ଅଧିକ ଜନସଂଖ୍ୟା ନାହିଁ, ସେ କ୍ଷେତ୍ରରେ ବ୍ଲକ୍ ସ୍ତରୀର ପଞ୍ଚାୟତ ସମିତି ଗଠନ କରାଯାଇ ପାରିବ ନାହିଁ)

(ଖ) ପ୍ରତି ପାଞ୍ଚ ବର୍ଷରେ ଥରେ ପଞ୍ଚାୟତ ନିର୍ବାଚନର ବ୍ୟବସ୍ଥା

(ଗ) SC / ST ମାନଙ୍କ ପାଇଁ ଜନସଂଖ୍ୟା ଅନୁପାତରେ ଆସନର ସଂରକ୍ଷଣ ବ୍ୟବସ୍ଥା ମହିଳାଙ୍କ ପାଇଁ ଆସନର ଏକ ତୃତୀୟାଂଶ ଆସନର ବ୍ୟବସ୍ଥା ଏବଂ ପଞ୍ଚାୟତ ସ୍ତରରେ ମହିଳାଙ୍କ ପାଇଁ ଏହା ସମ୍ପ୍ରଦାୟ ୩୩% ଆସନ ସଂରକ୍ଷଣ ବ୍ୟବସ୍ଥା ରୁ କମ୍ ହେବା ଉଚିତ୍ ନୁହେଁ।

(ଘ) ସ୍ୱାଧୀନ ବିତ୍ତୀୟ କମିଶନ (Finance କମିଶନ) ର ଗଠନ ଯଦ୍ୱାରା ଆଞ୍ଚଳିକସ୍ତରରେ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରାଯାଇପାରିବ।

(ଙ) ସ୍ୱାଧୀନ ରାଜ୍ୟ ନିର୍ବାଚନ କମିଶନର ଗଠନ ପଞ୍ଚାୟତି ନିର୍ବାଚନ କରାଇବାକୁ

(ଚ) ଗ୍ରାମସଭାକୁ ଆଇନଗତ ପରିଚୟ ପ୍ରଦାନ କରିବା

(ଛ) ୨୯ ଟି ବିଷୟକୁ ନେଇ ୧୧ ତମ ଅନୁଚ୍ଛେଦକୁ ସମ୍ବିଧାନରେ ସ୍ଥାନ ଦେବା ଆଦି।

ଏହା ବ୍ୟତୀତ, (a) ଅର୍ଥନୈତିକ ବିକାଶ କ୍ଷେତ୍ରରେ ଯୋଜନା ତିଆରି କରିବା (b) ଅର୍ଥନୈତିକ ବିକାଶ ଏବଂ ସାମାଜିକ ସୁରକ୍ଷା ଉଦ୍ଦିଷ୍ଟ ଯୋଜନାମାନ କାର୍ଯ୍ୟକାରୀ କରାଇବା - ଆଦି ଦାୟିତ୍ୱମାନ ପ୍ରତ୍ୟେକ ସ୍ତରରେ ପଞ୍ଚାୟତିଗୁଡ଼ିକୁ ଏହି ଆଇନ ପ୍ରଦାନ କରିଛି। ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତିରାଜ ବ୍ୟବସ୍ଥାର ସଂପ୍ରସାରଣ (PESA) ଆଇନ ୧୯୯୬ ଦ୍ୱାରା ଏହି ବ୍ୟବସ୍ଥାକୁ ୯ଟି ରାଜ୍ୟରେ ଅନୁସୂଚିତ ଜନଜାତି ଅଞ୍ଚଳକୁ ସଂପ୍ରସାରିତ କରାଯାଇଛି। ଏହା ଅନୁସୁଚିତ ଜନଜାତି ସମାଜକୁ ନିଜର ବିକାଶ ଓ ପ୍ରାକୃତିକ ସମ୍ବଳ ଉପରେ ସେମାନଙ୍କର ପାରମ୍ପରିକ ଅଧିକାର ଗୁଡ଼ିକର ରକ୍ଷା ଓ ସଂରକ୍ଷଣ କରିବାର କ୍ଷମତା ପ୍ରଦାନ କରିଛି।

**ସମ୍ବିଧାନର ୧୧ତମ ଅନୁଚ୍ଛେଦ (Article ୨୪୩G) :-**

୧. କୃଷି, କୃଷି ସଂପ୍ରସାରଣ

୨. ଭୂମି ବିକାଶ, ଭୂମି ସଂସ୍କାର କାର୍ଯ୍ୟ, ଚକବନ୍ଦୀ, ମୃତ୍ତିକା ସଂରକ୍ଷଣ

୩. କ୍ଷୁଦ୍ର ଜଳସେଚନ, ଜଳ ପରିଚାଳନା, ଜଳ ବିଭାଜିକା ନିର୍ମାଣ

୪. ପଶୁପାଳନ, ଗୋପାଳନ ଓ ଗୋଦୁଗ୍ଧ ଓ କୁକୁଡ଼ା ଚାଷ ଉତ୍ପାଦନ,

୫. ମାଛଚାଷ

୬. ସାମାଜିକ ବନୀକରଣ ଏବଂ ଫାର୍ମ

୭. ଜଙ୍ଗଲ ଜାତୀୟ ଦ୍ରବ୍ୟ

୮. କ୍ଷୁଦ୍ର ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ

୯. ଖଦି ଗ୍ରାମ ଏବଂ କୁଟୀର ଶିଳ୍ପ

୧୦. ଗ୍ରାମୀଣ ଆବାସ

୧୧. ପାୀୟ ଜଳ

୧୨. ଜାଳେଣି ଓ ଗୋଖାଦ୍ୟ

୧୩. ସଡ଼କ, କଲଭର୍ଟ, ବନ୍ଧ, ନୌକା ବ୍ୟବସ୍ଥା, ଜଳମାର୍ଗ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଗମାନଗମନ ବ୍ୟବସ୍ଥା

୧୪. ଗ୍ରାମୀଣ ବିଜୁଳିକରଣ, ବିଜୁଳି ବିତରଣ ବ୍ୟବସ୍ଥା

୧୫. ଅଣ ପାରମ୍ପରିକ ଶକ୍ତି ଉତ୍ସ

୧୬. ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ

୧୭. ଶିକ୍ଷା, ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ

୧୮. ଔଦ୍ଧଶିକ ପ୍ରଶିକ୍ଷଣ ଓ ବ୍ୟବସାୟିକ ଶିକ୍ଷା

୧୯. ପୌଢ଼ ଶିକ୍ଷା

୨୦. ଲାଇବ୍ରେରୀ (ପାଠାଗାର)

୨୧. ସାସ୍କୃତିକ କାର୍ଯ୍ୟକ୍ରମ

୨୨. ବଜାର ଏବଂ ମେଳା

୨୩. ସ୍ୱାସ୍ଥ୍ୟ ଓ ପରିମଳ, ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଔଷଧାଳୟ

୨୪. ପରିବାର କଲ୍ୟାଣ

୨୫. ଶିଶୁ ଓ ମହିଳା ବିକାଶ

୨୬. ସାମାଜିକ କଲ୍ୟାଣ, ଭିନ୍ନକ୍ଷମ କଲ୍ୟାଣ ଓ ମାନସିକ ଭିନ୍ନକ୍ଷମ କଲ୍ୟାଣ

୨୭. ପଛୁଆ ବର୍ଗର କଲ୍ୟାଣ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ

୨୮. ସାଧାରଣ ବଣ୍ଟନ ବ୍ୟବସ୍ଥା

୨୯. ଗ୍ରାମ୍ୟ ସମ୍ପତ୍ତିର ପରିଚାଳନା

୭୩ତମ ସଂଶୋଧନ ଆଇନ ରାଜ୍ୟ ସରକାରଙ୍କୁ ଏହାର ପଞ୍ଚାୟତ ଗୁଡ଼ିକୁ ଆବଶ୍ୟକୀୟ ଅଧିକାର ଓ ଦାୟିତ୍ୱ ଦେବାର କ୍ଷମତା ପ୍ରଦାନ କରିଛି ଯଦ୍ୱାରା ଏହି ପଞ୍ଚାୟତି ଗୁଡ଼ିକ ସୂଚାରୁରୂପେ ସେମାନଙ୍କର କାର୍ଯ୍ୟ କରିପାରିବେ। ସେଗୁଡ଼ିକ ହେଲା -

(୧) ଅର୍ଥନୈତିକ ବିକାଶ ଓ ସାମାଜିକ ନ୍ୟାୟ ପାଇଁ ଅନୁଚ୍ଛେଦ-୧୧ ବିଷୟ ଆଧାରରେ ଯୋଜନାମାନ ତିଆରି କରିବା ଏବଂ କାର୍ଯ୍ୟକାରୀ କରିବା

(୨) ପଞ୍ଚାୟତକୁ ଲେଭି (levy), ଉଚିତ୍ କର, ଶୁଳ୍କ, ଯାତାୟତ ବା ପଥକର କରିବାର ଅଧିକାର ଦେବ।

(୩) ସଂଗୃହୀତ କର, ଶୁଳ୍କ, ପଥକର ରାଜ୍ୟରୁ ପଞ୍ଚାୟତିକୁ ହସ୍ତାନ୍ତର କରିବା ପଞ୍ଚାୟତ ଏହାର ପାଣ୍ଠି ନିମ୍ନପ୍ରଦତ୍ତ ଆକାରେ ପାଇଥାଏ:-

୧. କେନ୍ଦ୍ରୀୟ କମିଶନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ସ୍ଥାନୀୟ ଅନୁଦାନ

୨. କେନ୍ଦ୍ରୀୟ ସରକାର ପ୍ରାୟୋଜିତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ଥିବା ପାଣ୍ଠି

୩. ରାଜ୍ୟ ବିତ୍ତ ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ପାଣ୍ଠି ଆଦି।

## ୧.୪.୧ ଗ୍ରାମସଭା

ଗୋଟିଏ ଗ୍ରାମ ବା ଗ୍ରାମସମୁହରେ ବସବାସ କରୁଥିବା ନିର୍ବାଚନ ସୂଚୀରେ ପଞ୍ଜିକରଣ ହୋଇଥିବା ସମସ୍ତ ବ୍ୟକ୍ତିମାନଙ୍କୁ ନେଇ ଏକ ଗ୍ରାମସଭା ଗଠନ ହୁଏ। ଗୋଟିଏ ଉତ୍ସାହପୂର୍ଣ୍ଣ ଓ ପ୍ରବୃଦ୍ଧ ବା ଅଭିଜ୍ଞ ଗ୍ରାମସଭା ହିଁ ସଫଳ ପଞ୍ଚାୟତିରାଜ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ଅଟେ।

ରାଜ୍ୟ ସରକାରଙ୍କଠାରୁ ଅପେକ୍ଷା କରାଯାଏ :-

- ଗ୍ରାମସଭାକୁ PESAଆଇନ୍ ୧୯୯୬ ଆଧାରରେ ସମସ୍ତ କ୍ଷମତା ପଦାନ କରିବା
- ପ୍ରତ୍ୟେକ ଗଣତନ୍ତ୍ର ଦିବସ, ଶ୍ରମିକ ଦିବସ, ସ୍ୱାଧୀନତା ଦିବସ ଓ ଗାନ୍ଧୀ ଜୟନ୍ତୀ ଦିନ ଗ୍ରାମସଭା ବୈଠକ ଅନୁଷ୍ଠିତ କରିବାର ଅନିବାର୍ଯ୍ୟ ନିୟମ ତିଆରି କରିବ।
- ଗ୍ରାମସଭାର ବୈଠକ ସାଧାରଣ ବୈଠକ, ବିଶିଷ୍ଟ ବୈଠକ ବା ଆଉଥରେ ଆୟୋଜନ କରିଥିବା ବୈଠକର କାର୍ଯ୍ୟସାଧନ ନିମନ୍ତେ ନିର୍ଦ୍ଦିଷ୍ଟ ଉପସ୍ଥାପନ ସଂଖ୍ୟା (Puerum) ଅନିବାର୍ଯ୍ୟ କରିବ।
- ଗ୍ରାମସଭାର ପ୍ରତ୍ୟେକ ସଦସ୍ୟଙ୍କୁ ସେମାନଙ୍କର କ୍ଷମତା ଓ ଦାୟିତ୍ୱ ବିଷୟରେ ସଚେତନ କରାଇବା ଯଦ୍ୱାରା ଅଧିକ ସଂଖ୍ୟାରେ ସେମାନେ ବିଶେଷକରି ଦଳିତ ଓ ନିଷ୍ପେଷିତ, ମହିଳା ଏବଂ SCO/ST ବର୍ଗର ଲୋକେ ବହୁଳ ଭାବରେ ସହଭାଗୀ ହୋଇପାରିବେ।
- ବିଭିନ୍ନ ଗ୍ରାମୀଣ ବିକାଶ ମନ୍ତ୍ରାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ସାମାଜିକ ପରୀକ୍ଷଣ (Social Cauclil) କରିବାକୁ ଗ୍ରାମସଭା ପାଇଁ ନିୟମ ନିର୍ଦ୍ଧାରଣ କରିବା। ବିଶେଷତଃ କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ କରିବାରେ ଆର୍ଥିକ ହେରାଫେରି ମାମଲା ଗୁଡ଼ିକରେ ଗ୍ରାମସଭା ନିର୍ଣ୍ଣୟ ନେଇ ହେରାଫେର ହୋଇଥିବା ଅର୍ଥ ଆଦାୟ କରିବ ବା ଏଥିପାଇଁ ଦଣ୍ଡ ବିଧାନ କରିପାରିବ।
- ଗ୍ରାମସଭା ବୈଠକର ବହୁଳ, ପ୍ରଚୁର ପ୍ରସାର ପାଇଁ କାର୍ଯ୍ୟ ଯୋଜନା ବିକସିତ କରିବା
- ଗ୍ରାମସଭା ବୈଠକ କିପରିହେବା ଉଚିତ ତା'ର ନିର୍ଦ୍ଦେଶାବଳୀ ତିଆରି କରିବା ବୈଠକର କାର୍ଯ୍ୟଶୈଳୀ ବିଷୟରେ ଆଦର୍ଶ ତାଲିକା ପ୍ରସ୍ତୁତ କରିବା
- ପଞ୍ଚାୟତର ପ୍ରାକୃତିକ ସମ୍ପଦ ପରିଚାଳନା, ଜମି କାଗଜପତ୍ର ଏବଂ ଦ୍ୱନ୍ଦ୍ୱ ସମାଧାନ କରିବାରେ ଗ୍ରାମସଭାର ଅଧିକାର ଓ କ୍ଷମତା ବିଷୟରେ ଅଧିକ ଜନ ସଚେତନା ସୃଷ୍ଟି କରିବା।
- ଗ୍ରାମ ସ୍ତରରେ ପଞ୍ଚାୟତ ଏକ ସ୍ୱ-ଶାସିତ ସଂସ୍ଥା ରୂପେ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିବାକୁ ୭୩ ତମ ସଂଶୋଧନ ଆଇନ ଅନ୍ତର୍ଗତ କ୍ଷମତାପ୍ରାପ୍ତ ହୋଇଛି-

- ଲୋକ-ନିର୍ମାଣ କାର୍ଯ୍ୟ ଗୁଡ଼ିକ ଯୋଜନା କରି କାର୍ଯ୍ୟକାରୀ କରେଇବା ଏବଂ ଏହାର ଦେଖିଲେଖ୍ କରିବା।
- ସାଂପ୍ରଦାୟିକ ସଦ୍‌ଭାବ, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ନ୍ୟାୟ ଆଦି କ୍ଷେତ୍ରରେ ଲୋକ କଲ୍ୟାଣ ସୁନିଶ୍ଚିତ କରିବା ବିଶେଷକରି ଜାତି ଏବଂ ଲିଙ୍ଗଗତ ଭେଦଭାବ, ଦ୍ୱନ୍ଦ୍ୱ ସମାଧାନ, ଶିଶୁ କଲ୍ୟାଣ ଆଦି ଉପରେ ପଦକ୍ଷେପ ନେବା।

୭୩ ତମ ସଂଶୋଧନ ଆଇନ୍ ଗ୍ରାମସଭାକୁ ଫଲୋକମାନଙ୍କର ବିଧାନସଭା' ରୂପେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ କ୍ଷମତା ପ୍ରଦାନ କରିଛି।

## ୧.୪.୨ ଗ୍ରାମପଞ୍ଚାୟତ (Gram Panchyat)

ପଞ୍ଚାୟତିରାଜ ବ୍ୟବସ୍ଥାର ଗ୍ରାମପଞ୍ଚାୟତ ସବୁଠୁ ନିମ୍ନତମ ସ୍ତର ଅଟେ ଏବଂ ଏହା ସ୍ଥାନୀୟ ପ୍ରଶାସନ ପାଇଁ ଗ୍ରାମସ୍ତରରେ ଗଠନ କରାଯାଇଛି । ପ୍ରତ୍ୟେକ ଗ୍ରାମପଞ୍ଚାୟତ ବିଭିନ୍ନ ୱାର୍ଡ଼ରେ ବିଭାଜିତ ହୋଇଥାଏ ଏବଂ ପ୍ରତ୍ୟେକ ୱାର୍ଡ଼ରୁ ଜଣେ ଲେଖାଏଁ ୱାର୍ଡ଼ ସଦସ୍ୟ ସେହି ୱାର୍ଡ଼ର ଲୋକଙ୍କ ଦ୍ୱାରା ନିର୍ବାଚନ ହୋଇଥାନ୍ତି । ଗ୍ରାମସଭାର ସମସ୍ତ ସଦସ୍ୟ ମିଶି ସରପଞ୍ଚଙ୍କୁ ନିର୍ବାଚିତ କରିଥାନ୍ତି ଯେ କି ଗ୍ରାମପଞ୍ଚାୟତର ମୁଖ୍ୟ ଅଟନ୍ତି । ଏକ ନିର୍ବାଚିତ ଗ୍ରାମପଞ୍ଚାୟତର କାର୍ଯ୍ୟକାଳ ବର୍ଷେ ଅଟେ । ପଞ୍ଚାୟତ ନିର୍ବାଚନରେ କିଛି ଆସନ ମହିଳା ଓ ଝଉ/ଝଝ ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ କରାଯାଇଥାଏ ।

ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରାମପଞ୍ଚାୟତରେ ଜଣେ ସମ୍ପାଦକ Secretary ନିଯୁକ୍ତ ହୁଅନ୍ତି ଯିଏ କି ଗ୍ରାମ ସଭାର ବୈଠକ ଡକେଇବାକୁ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ରର ରକ୍ଷଣାବକ୍ଷଣ କରନ୍ତି ।

ଗ୍ରାମପଞ୍ଚାୟତରେ ଗ୍ରାମସଭା ହେଉଛି ଏକ ମହତ୍ୱପୂର୍ଣ୍ଣ ଅଙ୍ଗ ଯେ କି ମୁଖ୍ୟ ଭୂମିକା ଏବଂ ଦାୟିତ୍ୱ ନିର୍ବାହ କରିଥାଏ । ଏହା ପଞ୍ଚାୟତକୁ ବିପଥଗାମୀ ହେବାରୁ ବାରଣ କରିଥାଏ ଯେପରିକି - ଅର୍ଥ ହେରଫେର କରିବା ବା ଭେଦଭାବ କରିବା । ଏହା ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥାଏ ଏବଂ ସେମାନଙ୍କ ଲୋକଙ୍କ ପ୍ରତି ଦାୟିତ୍ୱ ନିର୍ବାହ କରିବାକୁ ପ୍ରବର୍ତ୍ତାଇ ଥାଏ । ଏକ ଗ୍ରାମ ପଞ୍ଚାୟତ ବର୍ଷକୁ ନିହାତି ୪ଟି ବୈଠକର ଆୟୋଜନ କରିବା ସହିତ ଏବଂ ବୈଠକର କାର୍ଯ୍ୟ ନିର୍ବାହ କରିବାକୁ ଅତି କମ୍‌ରେ ଗ୍ରାମସଭା ସଦସ୍ୟଙ୍କ ଏକ ତୃତୀୟାଂଶ ସଦସ୍ୟ ଉପସ୍ଥିତ ରହିବା ଉଚିତ୍ ।

**ଗ୍ରାମ ପଞ୍ଚାୟତର କାର୍ଯ୍ୟ -**

(୧) ସଡ଼କ, ଜଳ-ନିଷ୍କାସନ ବ୍ୟବସ୍ଥା ବିଦ୍ୟାଳୟ କୋଠା, ଜଳକ୍ଷେତ୍ର, ବଜାରସ୍ଥାନ ଆଦି ନିର୍ମାଣ କରିବା ଏବଂ ଏହାର ରକ୍ଷାଣବେକ୍ଷଣ କରିବା ।

(୨) ଭୂମି ବିକାଶ ଓ ମୃତ୍ତିକା ସଂରକ୍ଷଣ

(୩) ପାୀୟ ଜଳିର ସୁବିଧା

(୪) ଜନ୍ମ ଏବଂ ମୃତ୍ୟୁ ପଞ୍ଜିକରଣ

(୫) ମନୁଷ୍ୟ ଏବଂ ପଶୁମାନଙ୍କ ମଧରେ ଦେଖାଯାଉଥିବା ମହାମାରୀକୁ ନିୟନ୍ତ୍ରଣ କରିବାର ପ୍ରତିଷେଧାତ୍ମକ ପଦକ୍ଷେପ ଗ୍ରହଣ କରିବା ।

(୬) ଗୋଚ଼ର ଭୂମି, ଶ୍ମଶାନ, କବ୍ରିସ୍ତାନ ଆଦିର ରକ୍ଷଣାବେକ୍ଷଣ କରିବା

(୭) SC/ST ବିଧବା, ନିରାଶ୍ରୟ, ବୃଦ୍ଧାବୃଦ୍ଧାଙ୍କୁ ସାହାର୍ଯ୍ୟ କରିବା

(୮) ସ୍ଥାନୀୟ କର ଆଦାୟ ବା ସଂଗ୍ରହ କରିବା

(୯) ସରକାରୀ ରୋଜଗାର ଯୋଜନାମାନ କାର୍ଯ୍ୟକାରୀ କରାଇବା ।

**ପାଣ୍ଠିର ଉତ୍ସ :-**

୧. ଗୃହ, ବଜାର ସ୍ଥାନ ଏବଂ ପୋଖରୀ ପାଇଁ କର ଆଦାୟ କରିବା

୨. ବିଭିନ୍ନ ବିଭାଗରୁ କାର୍ଯ୍ୟକାରୀ କରାଯାଉଥିବା କାର୍ଯ୍ୟକ୍ରମ ଅନ୍ତର୍ଗତ ମିଳିଥିବା ପାଣ୍ଠି।

୩. ଗୋଷ୍ଠୀ କାମ ପାଇଁ ପ୍ରାପ୍ତ କରିଥିବା ଦାନ (donations)

୪. ଋଣ ଏବଂ

୫. ରାଜ୍ୟ ସରକାରଙ୍କଠୁ ଅନୁଦାନ

## ୧.୪.୩ ପଞ୍ଚାୟତ ସମିତି

ପଞ୍ଚାୟତ ସମିତି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଏକ ମଧ୍ୟମ ସ୍ତର ଅଟେ। ଏହା ଗ୍ରାମପଞ୍ଚାୟତର ଉପରେ ଏବଂ ଜିଲ୍ଲା ପରିଷଦ ତଳେ ରହି ବ୍ଲକ୍‌ସ୍ତରରେ କାର୍ଯ୍ୟକରେ। ପଞ୍ଚାୟତ ସମିତିର ସଭାପତି/ପ୍ରଧାନ ଓ ଉପସଭାପତି/ଉପ-ପ୍ରଧାନ ପରୋକ୍ଷ ଭାବରେ ନିର୍ବାଚିତ ସମିତି ସଭ୍ୟ ମାନଙ୍କଦ୍ୱାରା ନିର୍ବାନତ ହୁଅନ୍ତି। ବିଡ଼ିଓ (Block Development Office) ବା ବ୍ଲକ୍ ଉନ୍ନୟନ ଅଧିକାରୀ ପଞ୍ଚାୟତ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଛନ୍ତି।

**ପଞ୍ଚାୟତି ସମିତିର କାର୍ଯ୍ୟ -**

୧. କୃଷି, ପଶୁପାଳନ, ଶିକ୍ଷା, ପାନୀୟଜଳ, କୁଟୀରଶିଳ୍ପ ଆଦି ଉନ୍ନତିମୂଳକ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରୀ କରାଇବା।

୨. ସଡ଼କ, ବିଦ୍ୟାଳୟ କୋଠା, ବଜାର ଆଦିର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ କରିବା।

୩. ମାରାତ୍ମକ ରୋଗ ନିୟନ୍ତ୍ରଣ କରିବାକୁ ପ୍ରତିଷ୍ପୋତ୍ମକ ଏବଂ ପ୍ରତିକାରକ ପଦକ୍ଷେପ ଗ୍ରହଣ କରିବା।

୪. ପ୍ରାକୃତିକ ଦୁର୍ବିପାକ ସମୟରେ ରାହତ ଓ ପୁନରୁଦ୍ଧାର କାର୍ଯ୍ୟ ଗ୍ରହଣ କରିବା।

୫. ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ କାର୍ଯ୍ୟଗୁଡ଼ିକ କରିବା ଏବଂ ଆଇନ୍ ଅନୁସାରେ ନିଜ କ୍ଷମତା ଓ ଦାୟିତ୍ୱ ନିର୍ବାହ କରିବା।

**ପଞ୍ଚାୟତ ସମିତି ଅଧିନରେ ଥିବା ବର୍ତ୍ତମାନ :-**

୧. ଯୋଜନା ଏବଂ ଉତ୍ପାଦନ କମିଟିଟି

୨. ନିଯୁକ୍ତି କମିଟି

୩. ସମବାୟ ଓ ଶିଳ୍ପ କମିଟି

୪. ଶିକ୍ଷା କମିଟି

୫. ମହିଳା କଲ୍ୟାଣ କମିଟି

୬. ସାମାଜିକ କଲ୍ୟାଣ କମିଟି

୭. ଯୋଗାଯୋଗ କମିଟି

୮. କର ନିର୍ଦ୍ଧାରଣ ଏବଂ ବିତ୍ତ କମିଟି ଆଦି

ପ୍ରତ୍ୟେକ କମିଟି କିଛି ସମିତି ସଭ୍ୟମାନଙ୍କୁ ନେଇ ଗଠିତ ହୋଇଥାଏ। ସମିତିର ସଭାପତି ସମସ୍ତ କମିଟିଗୁଡ଼ିକର ଚେୟାରମ୍ୟାନ୍ ଅଟନ୍ତି। ଏହି ସବୁ କମିଟି ଗୁଡ଼ିକ ବିଭିନ୍ନ ଯୋଜନା ତିଆରି କରିବା, କାର୍ଯ୍ୟକାରୀ କରେଇବା ଏବଂ ମୂଲ୍ୟାଙ୍କନ କରିବା ପାଇଁ ଆବଶ୍ୟକୀୟ ନେତୃତ୍ୱ ଓ ନିର୍ଦ୍ଦେଶ ଦିଅନ୍ତି।

## ୧.୪.୪ ଜିଲ୍ଲା ପରିଷଦ

ଜିଲ୍ଲା ପରିଷଦ ବା ଜିଲ୍ଲା ପଞ୍ଚାୟତ ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବଉଚ୍ଚ ସ୍ତର ଅଟେ। ଏହା ଜିଲ୍ଲା ସ୍ତରରେ କାର୍ଯ୍ୟ କରେ। ଏହା ଏକ ନିର୍ବାଚିତ ସମୂହ ଅଟେ। ଜିଲ୍ଲାର ଭୋଟର ମାନଙ୍କଦ୍ୱାରା ଜିଲ୍ଲା ପରିଷଦର ସଭ୍ୟମାନେ ପତ୍ୟକ୍ଷଭାବେ ପାଞ୍ଚବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି। ସେମାନଙ୍କ ବ୍ୟତୀତ, ପଞ୍ଚାୟତ ସମିତି ସଭାପତି, ସ୍ଥାନୀୟ ଗଖଇ ଏବଂ ଗଚ ମଧ୍ୟ ଏହାର ସଭ୍ୟ ଅଟନ୍ତି। ସମସ୍ତ ସଭ୍ୟମାନେ ମିଶି ଜିଲ୍ଲା ପରିଷଦର ଚେୟାରମ୍ୟାନ୍ ଓ ଉପ-ଚେୟାରମ୍ୟାନ ନିର୍ବାଚିତ କରନ୍ତି। ଜିଲ୍ଲାପରିଷଦରେ ମହିଳା, ପଛୁଆବର୍ଗ, SC/ST ଆଦି ବର୍ଗର ପ୍ରତିନିଧିମାନଙ୍କ ପାଇଁ ଆସନର ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାର ପ୍ରଶାସନ ଦାୟିତ୍ୱ ନିର୍ବାହ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ନିଯୁକ୍ତି ହୋଇଥାଏ ଯେ କି ଜିଲ୍ଲା ପରିଷଦର ପ୍ରଶାସନିକ ମୁଖ୍ୟ ଅଟନ୍ତି।

**ଜିଲ୍ଲା ପରିଷଦର କ୍ଷମତା ଓ କାର୍ଯ୍ୟ :-**

(୧) (କ) ଜିଲ୍ଲା ପରିଷଦ ଏହାର ଅଧିନରେ ଥିବା ପଞ୍ଚାୟତ ସମିତିଗୁଡ଼ିକର ପରାମର୍ଶ ଦାତା ଭାବେ କାର୍ଯ୍ୟକରେ। ଏହା ବିଶେଷ କରି ସେମାନଙ୍କର ଅଟକଳ ଅନୁମୋଦନ କରିବା,

(ଖ) ଯୋଜନା ସଂଚାଳନ କରିବା

(ଗ) ରାଜ୍ୟସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନ ବ୍ଲକ୍‌ଗୁଡ଼ିକୁ ବଣ୍ଟନ କରିବା ଆଦି କାର୍ଯ୍ୟ କରିଥାଏ।

(୨) ଜିଲ୍ଲାସ୍ତରୀୟ ବିକାଶ ମୂଳକ ଯୋଜନାମାନ ତିଆରି କରେ

(୩) ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ନିରୀକ୍ଷଣ କରିବା, ସମୀକ୍ଷା କରିବା ଏବଂ ମୂଲ୍ୟାଙ୍କନ କରେ।

(୪) ରାଜ୍ୟସରକାରଙ୍କ ଦ୍ୱାରା ପ୍ରଦତ୍ତ କାର୍ଯ୍ୟ ଫଜିଲ୍ଲାବୋର୍ଡ଼'ର କ୍ଷମତା ଆଧାରରେ ନିର୍ବାହ କରେ।

(୫) ଜିଲ୍ଲାସ୍ତରୀୟ ଗ୍ରାମୀଣବିକାଶ କ୍ଷେତ୍ରରେ ସମୟ ସମୟରେ ସରକାରଙ୍କୁ ପରାମର୍ଶ ଦିଏ।

## ୧.୫ ପଞ୍ଚାୟତିରାଜ ବ୍ୟବସ୍ଥାର ଆନୁଷ୍ଠାନିକ ଢ଼ାଞ୍ଚା

ରାଜ୍ୟରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ପଞ୍ଚାୟତିରାଜ ବିଭାଗର ପ୍ରଶାସନିକ ତତ୍ତ୍ୱାବମାନରେ କାର୍ଯ୍ୟ କରନ୍ତି ଯାହାର ମୁଖ୍ୟ କମିଶନର (Commissioner cum Secretary) ସହ ସେକ୍ରେଟାରୀ ଅଟନ୍ତି। ତାଙ୍କୁ ସାହାର୍ଯ୍ୟ କରିବାକୁ ନିର୍ଦ୍ଦେଶକ (Director), ପଞ୍ଚାୟତିରାଜ ଓ ନିର୍ଦ୍ଦେଶକ, ବିଶିଷ୍ଟ ପ୍ରକଳ୍ପ ରାଜ୍ୟ ସ୍ତରରେ କାର୍ଯ୍ୟ କରନ୍ତି। ଓଡ଼ିଶା ରାଜ୍ୟରେ ଏହାର ୩୦ଟି ଜିଲ୍ଲା ଅଛି ଏବଂ ଏହାର ୩୦ଟି ଜିଲ୍ଲା ପରିଷଦ (ZP) ଅଛି। ଜିଲ୍ଲା ପରିଷଦ ଲୋକମାନଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ହୁଏ ଯାହାର ମୁଖ୍ୟ ପରିଷଦ ଚେୟାରମ୍ୟାନ୍ ଅଟନ୍ତି ଯିଏ ନିର୍ବାଚିତ ସଭ୍ୟ ମାନଙ୍କଦ୍ୱାରା ନିର୍ବାଚିତ ହୁଅନ୍ତି। ଜିଲ୍ଲାପାଳ ଏହାର ମୁଖ୍ୟ ପ୍ରଶାସନିକ (Chief Executive Officor, CEO) କାର୍ଯ୍ୟନିର୍ବାହୀ ଅଧିକାରୀ ଅଟନ୍ତି। ତାଙ୍କ ଅଧିନରେ ଜଣେ Executive Officor (EO) ବା କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟ କରନ୍ତି ଯେ କି ତଚର ପ୍ରତିଦିନର ପ୍ରଶାସନିକ କାର୍ଯ୍ୟଗୁଡ଼ିକ ସମ୍ପାଦନ କରନ୍ତି।

ବ୍ଲକ୍‌ସ୍ତରରେ ପଞ୍ଚାୟତ ସମିତି କାର୍ଯ୍ୟ କରେ ଯାହା ଏହାର ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ସଭାପତିଙ୍କ ଅଧିନରେ ରହି କାର୍ଯ୍ୟକରେ। ବ୍ଲକ୍ ଉନ୍ନୟନ ଅଧିକାରୀ ପଞ୍ଚାୟତ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ଅଟନ୍ତି। ଗ୍ରାମପଞ୍ଚାୟତ ସ୍ତରରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଏହାର ମୁଖ୍ୟ ସରପଞ୍ଚ କାର୍ଯ୍ୟ କରନ୍ତି। ଏହାର ସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ତତ୍ତ୍ୱାବଧାନ ନିରୀକ୍ଷଣ ଓ ସଂଚାଳନ ଗ୍ରାମସେବକ (Village Level Worker) ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ହିସାବରେ କରିଥାନ୍ତି ଯେ କି ଜିଲ୍ଲା ପଞ୍ଚାୟତ ଅଧିକାରୀ (DPO) ଙ୍କ ଅଧିନରେ ରହି କାର୍ଯ୍ୟ କରନ୍ତି।

ରାଜ୍ୟର ବିକାଶ ନିମିତ୍ତ ଗ୍ରାମୀଣ ବିକାଶ ଏକ ମୁଖ୍ୟ ସ୍ତମ୍ଭ ଅଟେ। ଗ୍ରାମୀଣ ଓଡ଼ିଶା ବିକାଶଧାରାରେ ପଛରେ ରହିଯିବାର ଅନେକ ଐତିହାସିକ କାରଣ ରହିଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗର ନୀତି ଏବଂ କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟ ଅଟେ ସଶକ୍ତିକରଣ ଦ୍ୱାରା ସର୍ବାଙ୍ଗୀନ ଅର୍ଥନୈତିକ ପ୍ରଗତି।



### ପଞ୍ଚାୟତିରାଜ ବ୍ୟବସ୍ଥାର ନିର୍ବାଚିତ ପ୍ରତିନିଧି ସମୂହ :-




## ୧.୬ ପଞ୍ଚାୟତିରାଜର କାର୍ଯ୍ୟ

ପଞ୍ଚାୟତିରାଜ ଏହାର ୭ଟି ସ୍ଥାୟୀ କମିଟି ଦ୍ୱାରା ଅନେକ କାର୍ଯ୍ୟ କରିଥାଏ । ଯଥା-

- ଯୋଜନା, ଅର୍ଥ, ଦାରିଦ୍ର୍ୟ-ଦୂରୀକରଣ ଯୋଜନା ଏବଂ ଏହାର ପରିଚାଳନା
- କୃଷି, ପଶୁପାଳନ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି
- ଲୋକ-କାର୍ଯ୍ୟ, ଜଳସେଚନ, ବିଜୁଳି, ବିଜୁଳି, ଜଳ ଯୋଗାଣ ଆଦି
- ସ୍ୱାସ୍ଥ୍ୟ ସମାଜ କଲ୍ୟାଣ ଆଦି
- ସାଧାରଣ ବଣ୍ଟନ ବ୍ୟବସ୍ଥା, ପଛୁଆ ବର୍ଗର କଲ୍ୟାଣ ଆଦି
- ହସ୍ତକାମ, କୁଟୀରଶିଳ୍ପ, ଖାଦି ଏବଂ ଗ୍ରାମଶିଳ୍ପ ଆଦି
- ଶିକ୍ଷା, ଖେଳ, ସଂସ୍କୃତି ।

ଏହି ସମସ୍ତ କାର୍ଯ୍ୟକ୍ରମଗୁଡ଼ିକର ନିରୀକ୍ଷଣ ଓ ସମୀକ୍ଷା ରାଜ୍ୟସ୍ତରରେ ରାଜ୍ୟସ୍ତରୀୟ ଭିଜିଲାନ୍ସ ଓ ମନିଟରିଙ୍ଗ କମିଟି (SLVMC) କରନ୍ତି ଓ ଜିଲ୍ଲା ସ୍ତରରେ ଜିଲ୍ଲା ମନିଟରିଙ୍ଗ୍ ଓ ଭିଜିଲାନ୍ସ କମିଟି (DMVC) କରନ୍ତି । SLVMC ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୩ ଜଣ ଅଧିନସ୍ତ ସହକାରୀ ଅଧ୍ୟକ୍ଷ ଓ ୨୯ ଜଣ-ସଦସ୍ୟଙ୍କୁ ନେଇ ଗଠିତ ହୋଇଥାଏ । ଉଗଠଉ ରେ ଜିଲ୍ଲାପାଳ ଅଧକ୍ଷ ଅଟନ୍ତି ଏବଂ ସେ ଦୁଇଜଣ ସହକାରୀ ଯନ୍ତ୍ରୀ, ୧ରୁ ୨ ଜଣ କନିଷ୍ଠ ଯନ୍ତ୍ରୀ / ଲୋକକାର୍ଯ୍ୟ ବା ଗ୍ରାମୀଣ ବିକାଶ ବିଭାଗର), ସ୍ଥାନୀୟ ପରୀକ୍ଷଣ ଅଫିସର ସୁପରିଟେଣ୍ଡେଣ୍ଟ ଓ ପବ୍ଲିକ୍ ଗ୍ରିଭାନ୍ସ (Public grievanc) ଅଧିକାରୀଙ୍କୁ ନେଇ ଗଠନ କରିଥାନ୍ତି ।

## ୧.୭ ଜିଲ୍ଲା ଯୋଜନା କମିଟି

ରାଜ୍ୟ ସରକାର ଓଡ଼ିଶା ଜିଲ୍ଲା ଯୋଜନା କମିଟି ଆଇନ୍ ୧୯୯୮ରେ ପ୍ରଣୟନ କରିଥିଲେ ଯେଉଁଥିରେ ପଞ୍ଚାୟତ ଓ ପୌରାଞ୍ଚଳ ସଂସ୍ଥା ଦ୍ୱାରା ଜମା କରାଯାଇଥିବା ଯୋଜନାଗୁଡ଼ିକୁ ସଂଗଠିତ କରି ଜିଲ୍ଲା ସ୍ତରରେ ସମନ୍ୱିତ ବିକାଶ ଯୋଜନାର ରୂପରେଖ (draft) ତିଆରି କରିବାକୁ ଜିଲ୍ଲା ଯୋଜନା କମିଟିର ଗଠନ କରାଯିବା ପାଇଁ

ନିର୍ଦ୍ଦେଶ କରାଯାଇଛି। ପଞ୍ଚାୟତିରାଜ ଓ ପୌରାଞ୍ଚଳ ବିକାଶ ସଂସ୍ଥାମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିକାଶ ମୂଳକ ଯୋଜନା ଗୁଡ଼ିକର ସମୀକ୍ଷା କରିବାର କ୍ଷମତା ମଧ୍ୟ ଏହି କମିଟିକୁ ପ୍ରଦାନ କରାଯାଇଛି। ଏହି କମିଟିର ୮୦ ପ୍ରତିଶତ ସଦସ୍ୟ ପଞ୍ଚାୟତିରାଜ ଓ ପୌରସଂସ୍ଥାର ନିର୍ବାଚିତ ହୋଇ କମିଟିକୁ ଗଠନ କରନ୍ତି। ଜିଲ୍ଲା ଯୋଜନା କମିଟି ମୁଖ୍ୟଙ୍କ ଦ୍ୱାରା ଜିଲ୍ଲା ବିକାଶ ଯୋଜନାକୁ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଏ। ୨୦୦୧-୦୨ ମସିହାରୁ ଜିଲ୍ଲା ଯୋଜନା କମିଟିମାନ ଗଠନ ହୋଇଥିଲେ ମଧ୍ୟ କୁଶଳୀ ସହାୟତା କର୍ମଚାରୀ ଏବଂ ସମ୍ପାଦକୀୟ କର୍ମଚାରୀ ଅଭାବରୁ ଏହା ଏଯାବତ୍ ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ୨୦୦୮ ମସିହାରେ ରାଜ୍ୟ ଯୋଜନା ଓ ପରିଚାଳନା ବିଭାଗ ପକ୍ଷରୁ ୨୩ଟି କୁଶଳୀ ସହାୟତା ଅନୁଷ୍ଠାନ (Technical Support Institution) -TSIମାନଙ୍କୁ ବିଭିନ୍ନ ଜିଲ୍ଲାରେ, ଜିଲ୍ଲା ଯୋଜନା ତିଆରି କରିବାକୁ ନିଯୁକ୍ତ କରାଯାଇଥିଲା।

**Odisha at a Glance:**



**ଓଡ଼ିଶା :-**

୧. କ୍ଷେତ୍ରଫଳ —୧, ୫୫, ୭୦୭

୨. ଜନସଂଖ୍ୟା — ୩୧, ୬୫୯, ୭୩୬

(a) ପୁରୁଷ — ୧୬, ୦୬୪, ୧୪୬

(b) ମହିଳା — ୧୫, ୫୯୫, ୫୯୦

୩. ଜନସଂଖ୍ୟା ଘନତ୍ୱ — ୨୦୩ per KM2 (୧୯୯୧)

୪. ପୌରାଣିକ ଜନସଂଖ୍ୟା (୧୯୯୧) - ୪, ୨୩୪, ୯୮୩

୫. ଗ୍ରାମାଞ୍ଚଳ ଜନସଂଖ୍ୟା (୧୯୯୧) - ୨୭, ୪୨୪, ୭୫୩

ପୁରୁଷ — ୧୩, ୭୯୪, ୯୫୫

ମହିଳା — ୧୩, ୬୨୯, ୭୯୮

୬. ସାକ୍ଷରତା ସଂଖ୍ୟା — ୧୨, ୯୪୫, ୯୧୭ (୧୯୯୧)

୭. ଅନୁସୂଚୀତ ଜାତି ଜନସଂଖ୍ୟା — ୫, ୧୨୯, ୩୩୨ (୧୯୮୧)

୮. ଭାରତ ଜନସଂଖ୍ୟାର କେତେ ପ୍ରତିଶତ ? — ୨୨%

୯. ସମୁଦାୟ ଗ୍ରାମ ସଂଖ୍ୟା (୧୯୯୧) — ୫୦ ୯୭୨

୧୦. ଜିଲ୍ଲା ସଂଖ୍ୟା ——- ୩୦

୧୧. ସବ୍‌ଡିଭିଜନ୍ ସଂଖ୍ୟା — ୫୮

୧୨. ତହସିଲ ସଂଖ୍ୟା —- ୧୭୧

୧୩. ଗ୍ରାମପଞ୍ଚାୟତ ସଂଖ୍ୟା ——— ୬୨୩୪

୧୪. ବ୍ଲକ୍ ସଂଖ୍ୟା —- ୩୧୪

୧୫. ବନଜାତି ବ୍ଲକ୍ ସଂଖ୍ୟା — ୧୧୮

୧୬. ପୌର ପରିଷଦ ସଂଖ୍ୟା ——— ୨

୧୭. ପୌର ପାଳିକା ସଂଖ୍ୟା — ୩୪

୧୮. ବିଜ୍ଞାପିତ ଅଞ୍ଚଳ ପରିଷଦ ସଂଖ୍ୟା — ୬୭

ଓଡ଼ିଶାର ଦାରିଦ୍ର୍ୟତା ସାମାଜିକ ଯୋଜନାକାରୀ ଓ ପ୍ରଶାସନ ପାଇଁ ଏକ ବଡ଼ ସମସ୍ୟା ଅଟେ । ରାଜ୍ୟରେ ପ୍ରାକୃତିକ ସମ୍ପଦ ଏହାର ବିରାଟ ଖଣିଜ ପଦାର୍ଥ ଗନ୍ତାଘର, ଜଙ୍ଗଲ, ଉର୍ବର ଜମି, ଜଳସମ୍ପଦ, ଲମ୍ବା ଉପକୂଳ ପର୍ଯ୍ୟଟନସ୍ଥଳୀ ଆଦି ରୂପରେ ବିଦ୍ୟମାନ । ବିଗତ ୫୦ ବର୍ଷ ମଧ୍ୟରେ ପଞ୍ଚାୟତିରାଜ ସଂସ୍ଥାମାନ ଗ୍ରାମୀଣ

ଓଡ଼ିଶାରେ ଦ୍ରୁତ ଓ ସ୍ଥାୟୀ ବିକାଶ ଆଣିବା ନିମନ୍ତେ ଅହରହ ଚେଷ୍ଟା କରି ଆସୁଛନ୍ତି । ସାଧାରଣ ଲୋକମାନଙ୍କର ବିଶେଷ କରି ଗ୍ରାମାଞ୍ଚଳରେ ସେମାନଙ୍କର ସହଭାଗୀତା ଦ୍ୱାରା ସେମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାର ଲକ୍ଷ୍ୟ ନେଇ ସମନ୍ୱିତ ବିକାଶ ପାଇଁ ଯୋଜନା ପ୍ରଣୟନ କରାଯାଉଛି । ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ ସାମ୍ବିଧାନିକ ସଂସ୍ଥା ରୂପେ ପରିଚୟ ମିଳିଛି । PESA ଆଇନ୍ ପଞ୍ଚାୟତ ସଂସ୍ଥାମାନଙ୍କୁ ଜନଜାତି ବହୁଳ ଅଞ୍ଚଳରେ ସଶକ୍ତିକରଣ ଦ୍ୱାରା ଅର୍ଥନୈତିକ ବିକାଶଧାରା ହାସଲ କରିବାକୁ ପଦକ୍ଷେପ ନିଆଯାଇଛି । ୭୩ ତମ ସମ୍ବିଧାନ ସଂଶୋଧନ ଆଇନ୍ ଦ୍ୱାରା ଗ୍ରାମୀଣ ଭାରତରେ ଏକ ନୂତନ ଯୁଗର ଅୟମାରମ୍ଭ ହୋଇଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଦାରିଦ୍ର୍ୟ ଦୂରୀକରଣ କରିବା, ଗ୍ରାମୀଣ ଜନତାଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା, ଏକ ସୁସ୍ଥ ସମାଜ ଗଠନ କରିବା ଏବଂ ନିରକ୍ଷରତା ଦୂର କରିବା ଆଦି । ପଞ୍ଚାୟତିରାଜ ନିର୍ବାଚନ କରାଇବାକୁ ରାଜ୍ୟ ନିର୍ବାଚନ ଆୟୋଗର ଗଠନ କରାଯାଇଛି । ରାଜ୍ୟ ସରକାର ବିଭିନ୍ନ ଆଇନ୍ ବଳରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ଏହାର ସାମଗ୍ରିକ ବିକାଶ କରିବାକୁ କ୍ଷମତା ପ୍ରଦାନ କରିଛନ୍ତି । ଏହାଦ୍ୱାରା ପଞ୍ଚାୟତଗୁଡ଼ିକ ସ୍ୱୟଂଶାସିତ ସଂସ୍ଥାଭାବେ କାର୍ଯ୍ୟ କରିବେ ଏକ ଆବଶ୍ୟକତା ଅନୁଯାୟୀ ଅର୍ଥନୈତିକ ବିକାଶ ଓ ସାମାଜିକ ସୁରକ୍ଷା ସମ୍ପର୍କିତ ନୂତନ ଯୋଜନାମାନ ତିଆରି କରିବେ ଓ କାର୍ଯ୍ୟକାରୀ କରିବେ । ତତ୍‌ସହିତ ସମ୍ବିଧାନର ଅନୁଚ୍ଛେଦ ୧୧ ରେ ଦର୍ଶାଯାଇଥିବା ୨୪ଟି କ୍ଷେତ୍ରରେ କାର୍ଯ୍ୟ କରି ବିକାଶଲାଭ କରିବେ ।

## ୧.୮ ସାରାଂଶ

ରାଜ୍ୟରେ କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ ପ୍ରକଳ୍ପ, ଗ୍ରାମୀଣ ସଡ଼କ, ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ଆଦି କ୍ଷେତ୍ରଗୁଡ଼ିକରେ କାର୍ଯ୍ୟ କରିବାକୁ ଗ୍ରାମୀଣ ବିକାଶ ବିଭାଗ ୧ଜୁଲାଇ, ୧୯୯୦ରେ ଗଠନ କରାଯାଇଥିଲା । ପରବର୍ତ୍ତୀ ସମୟରେ, ୧୯୯୬ ମସିହାରେ ଏହି ବିଭାଗରେ ପୁର୍ନଗଠନ କରାଯାଇ, ଏହାର କ୍ଷୁଦ୍ର ଜଳସେଚନ କାର୍ଯ୍ୟ ବିଶେଷକୁ ଜଳସଂପଦ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ରାଜ୍ୟର ସମସ୍ତ ଜଳସେଚନ ପ୍ରକଳ୍ପଗୁଡ଼ିକୁ ଗୋଟିଏ ବିଭାଗର ଅନ୍ତର୍ଭୁକ୍ତ କରାଯାଇଥିଲା ଗ୍ରାମୀଣ ବିକାଶ ବିଭାଗ ବର୍ତ୍ତମାନ ଦୁଇଟି ସଂସ୍ଥାକୁ ନେଇ କାର୍ଯ୍ୟ କରୁଅଛି ଯଥା – (i) ଗ୍ରାମୀଣ କାର୍ଯ୍ୟ ଓ (ii) ଗ୍ରାମୀଣ ଜଳଯୋଗାଣ ଓ ପରିମଳ ସଂସ୍ଥା । ଓଡ଼ିଶାରେ ପଞ୍ଚାୟତିରାଜ ବିଭାଗ ୧୯୯୪ ରେ କାର୍ଯ୍ୟକ୍ଷମ ହେଲା । ଏହା କେନ୍ଦ୍ରର ମୁଖ୍ୟତଃ ଦୁଇଟି ମନ୍ତ୍ରାଳୟ ଯଥା – ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଓ ପଞ୍ଚାୟତିରାଜ ମନ୍ତ୍ରାଳୟ ସହିତ ମିଶି କାର୍ଯ୍ୟ କରେ । ମହତ୍ତ୍ୱପୂର୍ଣ୍ଣ ବିଭାଗ ରୂପେ ବିବେଚନା କରାଯାଏ । ଯେହେତୁ ଏକ ବଡ଼ ବିତ୍ତଅଂଶଧନ ଏହା ପରିଚାଳନା କରେ ଏବଂ ଗ୍ରାମୀଣ ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରେ, ତେଣୁ ଏହି ବିଭାଗକୁ ଏକ ମହତ୍ତ୍ୱପୂର୍ଣ୍ଣ ବିଭାଗ ରୂପେ ବିବେଚନା କରାଯାଏ ।

## ୧.୯ ମୁଖ୍ୟ ଶବ୍ଦାବଳୀ

- ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୯୪୮ ହେଉଛି ପ୍ରଥମ ଆଇନ ଯାହା ଗ୍ରାମ ପଞ୍ଚାୟତରେ ଗଠନ, ଦାୟିତ୍ୱ ଓ କାର୍ଯ୍ୟ ବିଷୟରେ ବିଶେଷ ଭାବେ ଦର୍ଶାଯାଇଛି।
- ୭୩ ତମ ସମ୍ବିଧାନ  ସଂଶୋଧନ ଆଇନ ୨୩ ଡିସେମ୍ବର ୧୯୯୨ ରେ ପ୍ରଣୟନ କରାଯାଇଥିଲା ଯାହା ୨୪ ଏପ୍ରିଲ ୧୯୯୩ ରେ ସାରା ଦେଶରେ ଲାଗୁ କରାଯାଇଥିଲା ଏବଂ ଏହାଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନଙ୍କ ପରିଚୟ ମିଳିଗଲା।
- ଗୋଟିଏ ଗ୍ରାମ ବା ଗ୍ରାମସମୁହରେ ବସବାସ କରୁଥିବା ନିର୍ବାଚନ ସୂଚୀରେ ପଞ୍ଜିକରଣ ହୋଇଥିବା ସମସ୍ତ ବ୍ୟକ୍ତିମାନଙ୍କୁ ନେଇ ଏକ ଗ୍ରାମସଭା ଗଠନ ହୁଏ। ଗୋଟିଏ ଉତ୍ସାହପୂର୍ଣ୍ଣ ଓ ପ୍ରବୃଦ୍ଧ ବା ଅଭିଜ୍ଞ ଗ୍ରାମସଭା ହିଁ ସଫଳ ପଞ୍ଚାୟତିରାଜ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ଅଟେ।
- ପଞ୍ଚାୟତିରାଜ ବ୍ୟବସ୍ଥାର ଗ୍ରାମପଞ୍ଚାୟତ ସବୁଠୁ ନିମ୍ନତମ ସ୍ତର ଅଟେ ଏବଂ ଏହା ସ୍ଥାନୀୟ ପ୍ରଶାସନ ପାଇଁ ଗ୍ରାମସ୍ତରରେ ଗଠନ କରାଯାଇଛି। ପ୍ରତ୍ୟେକ ଗ୍ରାମପଞ୍ଚାୟତ ବିଭିନ୍ନ ୱାର୍ଡ଼ରେ ବିଭାଜିତ ହୋଇଥାଏ ଏବଂ ପ୍ରତ୍ୟେକ ୱାର୍ଡ଼ରୁ ଜଣେ ଲେଖାଏଁ ୱାର୍ଡ଼ ସଦସ୍ୟ ସେହି ୱାର୍ଡ଼ର ଲୋକଙ୍କ ଦ୍ୱାରା ନିର୍ବାଚନ ହୋଇଥାନ୍ତି।
- ପଞ୍ଚାୟତ ସମିତି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଏକ ମଧ୍ୟମ ସ୍ତର ଅଟେ। ଏହା ଗ୍ରାମପଞ୍ଚାୟତର ଉପରେ ଏବଂ ଜିଲ୍ଲା ପରିଷଦ ତଳେ ରହି ବ୍ଲକ୍‌ସ୍ତରରେ କାର୍ଯ୍ୟକରେ।
- ଜିଲ୍ଲା ପରିଷଦ ବା ଜିଲ୍ଲା ପଞ୍ଚାୟତ ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର ଅଟେ। ଏହା ଜିଲ୍ଲା ସ୍ତରରେ କାର୍ଯ୍ୟ କରେ। ଏହା ଏକ ନିର୍ବାଚିତ ସମୁହ ଅଟେ।

## ୧.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(୧) ଗ୍ରାମୀଣ ବିକାଶ ବିଭାଗର ମୁଖ୍ୟ କାର୍ଯ୍ୟଗୁଡ଼ିକ ଲେଖ।

(୨) ୭୩ ତମ ସମ୍ବିଧାନ ସଂଶୋଧନ ଆଇନର ବୈଶିଷ୍ଟ୍ୟ ବିଷୟରେ ବର୍ଣ୍ଣନାକର।

## ୧.୧୧ ସହାୟକ ଗ୍ରନ୍ଥସୂଚୀ


- ସାମନ୍ତ, ଆର.କେ ୧୯୮୯ କୃଷି ଏବଂ ଗ୍ରାମୀଣ ବିକାଶରେ ପରିଚାଳନା, ନୂଆଦିଲ୍ଲୀ, UDH ପ୍ରକାଶନ।
- ଗୋଏଲ, ଆର ୨୦୧୨ ପଞ୍ଚାୟତରାଜ ଏବଂ ଗ୍ରାମୀଣ ବିକାଶ, ସୋନାଲି ପ୍ରକାଶନ।

**Websites**

- www. rural.nic.in
- www.odisha.gov.in
- www.rdodisha.gov.in

ସମସ୍ତ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ପରିଚାଳନା ପାଇଁ ଏକ ଜିଲ୍ଲାସ୍ତରୀୟ କୁଶଳ ସଂସ୍ଥାର ଆବଶ୍ୟକତାକୁ ଧ୍ୟାନରେ ରଖି DRDAର ସୃଷ୍ଟି ୧୪ ଏପ୍ରିଲ ୧୯୯୯ ରେ ହୋଇଥିଲା। ସେହି ଧାରାରେ ପ୍ରାୟ ସମସ୍ତ କାର୍ଯ୍ୟକ୍ରମରେ DRDAର ପ୍ରଶାସନିକ ଖର୍ଚ୍ଚ ସମ୍ମିଳିତ କରି ଅଟକଳ ତିଆରି କରାଯାଏ। କେନ୍ଦ୍ର ସରକାର ଅନୁଦାନ ପ୍ରାପ୍ତ ଦାରିଦ୍ର୍ୟ ଦୂରୀକରଣ ଯୋଜନାମାନର ଅନୁଦାନ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୭୫:୨୫ ଅନୁପାତ ଅନୁସାରେ କରାଯାଇଛି ଏବଂ ଏହା ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ପାଇଁ ୯୦:୧୦ ଅନୁପାତରେ ୨୦୦୮ - ୨୦୦୯ ଆର୍ଥିକ ବର୍ଷଠାରୁ କରାଯାଇଛି।

## ୨.୨ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (DRDA)

ଭାରତ ସରକାର ଅକ୍ଟୋବର ୨ ତାରିଖ ୧୯୫୨ ରେ ଐତିହାସିକ ପଦକ୍ଷେପ ନେଇ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମର ସୂତ୍ରପାତ କଲେ ଓ ସେହି ଦିନଠାରୁ ସାରା ଭାରତରେ ନୂଆ ପ୍ରଶାସନିକ ଏକକ ଭାବରେ 'ବ୍ଲକ୍'ର ସୃଷ୍ଟି ହେଲା। ଏହା ତଥାକଥିତ ତହସିଲ ବା ତାଲୁକ ଭଳି କାର୍ଯ୍ୟାଳୟଠାରୁ ଭିନ୍ନ ଥିଲା। ଏହାର ଛତ୍ରଛାୟା ତଳେ ଅନେକ ବିଷୟ ବସ୍ତୁର ସମାହାର କରାଯାଇଥିଲା ଯେପରିକି - କୃଷି, ପଶୁପାଳନ, ସମବାୟ, ଜନସ୍ୱାସ୍ଥ୍ୟ, ଶିକ୍ଷା ଆଦି।

ଏହିସବୁ କ୍ଷେତ୍ରରେ ସାଧାରଣ ଲୋକମାନଙ୍କୁ ଗ୍ରାମସେବକଙ୍କ ଦ୍ୱାରା ସେବା ଓ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ହୋଇଥିଲା। ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଅନ୍ତିମ ଚରଣ ପର୍ଯ୍ୟନ୍ତ ଦେଶରେ ୫୦୦୦ ଜାତୀୟ ସେବା (NES) ବ୍ଲକ୍‌ର ସୃଷ୍ଟି ହୋଇଥିଲା। ବ୍ଲକ୍ ସ୍ତରରେ ସେତେବେଳେ ବିଶେଷକରି ଖାଦ୍ୟ ଉତ୍ପାଦନକୁ ଅଗ୍ରାଧିକାର ଦିଆଯାଇଥିଲା। କିନ୍ତୁ, ଆବଶ୍ୟକୀୟ ସମ୍ବଳର ଅଭାବ ଯୋଗୁଁ ବ୍ଲକ୍ ବ୍ୟବସ୍ଥାରେ ଅବନତି ଘଟିଲା ଏବଂ ଏହା ସହିତ ଗୋଷ୍ଠୀ ଭିତ୍ତିକ ସମନ୍ୱିତ ବିକାଶ କ୍ଷେତ୍ରରେ ମଧ୍ୟ। ବଳବନ୍ତ ରାୟ ମେହଟ୍ଟା କମିଟି ରିପୋର୍ଟ ଦ୍ୱାରା ଆରମ୍ଭ କରାଯାଇଥିବା ପଞ୍ଚାୟତିରାଜ ବ୍ୟବସ୍ଥା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ମୂଳକୁ ଦୋହଲାଇ ପାରି ନଥିଲା। ସେ ସମୟରେ ପଞ୍ଚାୟତିରାଜକୁ ଦୃଢ଼ କରିବା ଅପେକ୍ଷା ସରକାରଙ୍କ କ୍ଷତି ଓ ବିତ୍ତୀୟ ସହାୟତା କୌଶଳ ଆଧାରିତ ହରିତ୍‌କ୍ରାନ୍ତି କ୍ଷେତ୍ରରେ ବିନିଯୋଗ ହେଲା। ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଅୟମାରମ୍ଭରେ, ଏହା ଅନୁଭବ କରାଗଲା ଯେ 'ହରିତ୍ କ୍ରାନ୍ତି' ର ଲାଭ କ୍ଷୁଦ୍ର, ଅତିକ୍ଷୁଦ୍ର ଏବଂ ଭୂମିହୀନ ପାଖରେ ପହଞ୍ଚିପାରୁ ନାହିଁ ଯେ କି ଗ୍ରାମୀଣ ଭାରତର ଏକ ବଡ଼ ଅଂଶ। ତେଣୁ ୧୯୬୯ ମସିହାରେ ପ୍ରାୟୋଗିକ ପରିଯୋଜନା (Pilot Projects) ଲୋକାର୍ପଣ କରାଗଲା। ଏହା ଅନ୍ତର୍ଗତ କ୍ଷୁଦ୍ରଚାଷୀ ବିକାଶ ସଂସ୍ଥା (Small Farmers Development Agency) ଏବଂ ଅତି କ୍ଷୁଦ୍ର ଚାଷୀ ଓ କୃଷି ଶ୍ରମିକ ବିକାଶ ସଂସ୍ଥା (Marginal Farmers end Agricultural Labourer Development Agency - MFALA) ମାନ ଗଠନ କରାଗଲା। ଏହି ବ୍ୟବସ୍ଥାକୁ ୭୦ ଦଶକ ମଧ୍ୟ ଭାଗରେ ଅଧିକ ପ୍ରସାରିତ କରାଗଲା। ୧୯୭୮ ମସିହାରେ ଆହୁରି ଅଧିକ ସମନ୍ୱିତ ଢ଼ାଞ୍ଚାରେ ସମନ୍ୱିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ (IRDP) ର ଲୋକାର୍ପଣ କିଛି ନିର୍ଦ୍ଦିଷ୍ଟ ବ୍ଲକ୍‌ରେ ହେଲା ଏବଂ ପରେ ସମସ୍ତ ବ୍ଲକ୍‌ରେ ୧୯୮୦ ମସିହାରେ ସାର୍ବଭୌମିକ କରାଗଲା। ସେହି ସମୟରେ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାମାନ ପଞ୍ଜିକୃତ ସଂସ୍ଥା ଭାବରେ ପ୍ରତିଷ୍ଠା କରାଗଲା ଏବଂ ପୂର୍ବରୁ ବିଦ୍ୟମାନ SFDA ଗୁଡ଼ିକୁ ଏହାର ଅନ୍ତର୍ଭୁକ୍ତ କରାଗଲା। ସେବେଠାରୁ DRDAଗୁଡ଼ିକ ଗ୍ରାମୀଣ ବିକାଶ

କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି । ସମୟକ୍ରମେ, ବିଭିନ୍ନ ସ୍ୱରୋଜଗାର ଏବଂ ମଜୁରୀ ଭିତ୍ତିକ ରୋଜଗାର ଯୋଜନା ଏବଂ ସର୍ବନିମ୍ନ ଆବଶ୍ୟକତା ଆଧାରିତ ଅବସଂରଚନା ଯୋଜନାମାନ ପରିବାର ଓ ଗୋଷ୍ଠୀ କଲ୍ୟାଣ ପାଇଁ DRDA କୁ ପ୍ରଦାନ କରାଗଲା । ପ୍ରାରମ୍ଭିକ ପର୍ଯ୍ୟାୟରେ DRDA ଗୁଡ଼ିକ କାର୍ଯ୍ୟକାରୀ ସଂସ୍ଥା ରୂପେ ଗଠନ ହୋଇନଥିଲା ବରଂ ସେମାନଙ୍କର ଗଠନ ଏକ ବ୍ୟବସାୟୀ ସଂସ୍ଥା ଭାବେ ସମସ୍ତ ଦାୟିତ୍ୱ ଯଥା ଯୋଜନା ତିଆରି ଆରମ୍ଭ କରି ଏହାର ନିରୀକ୍ଷଣ ଓ ମୂଲ୍ୟାୟନ ସହିତ ଅନ୍ୟ ସଂସ୍ଥାମାନଙ୍କ ସହିତ ସମନ୍ୱୟ ରକ୍ଷା କରିବାକୁ ହୋଇଥିଲା ।

୧୯୯୧ ମସିହାରେ DRDA କାର୍ଯ୍ୟକର୍ତ୍ତାମାନେ ଏ ନିମ୍ନପ୍ରଦତ୍ତ ଭାବେ ଥିଲେ —

- ପରିଯୋଜନା ନିର୍ଦ୍ଦେଶକ / ଅଧିକାରୀ -୧
- ଅତିରିକ୍ତ ପରିଯୋଜନା ଅଧିକାରୀ - ୩ (ପ୍ରତ୍ୟେକ ଜଣେ ଲେଖାଏଁ ମହିଳା, ଋଣ ଏବଂ ଯୋଜନା ଓ ନିରୀକ୍ଷଣ ପାଇଁ)
- ପରିସଂଖ୍ୟାନ ଅନ୍ୱେଷକ - ୨
- ଲେଖା ଅଧିକାରୀ - ୧
- ଲେଖାକାର (Accountants) - ୩
- ଅଫିସ ପ୍ରବନ୍ଧକ - ୧
- ଗାଡ଼ିଚାଳକ - ୧
- ଅଧିକ୍ଷକ - ୩
- ଚତୁର୍ଥ ଶ୍ରେଣୀ କର୍ମଚାରୀ - ୧
- ଚୌକିଦାର - ୧

ଉପରୋକ୍ତ କର୍ମକର୍ତ୍ତା ତାଲିକା ଯଦି ଭିନ୍ନ ହୁଏ କୌଣସି ଡିଆରଡିଏ କାର୍ଯ୍ୟାଳୟରେ ତାହେଲେ ରାଜ୍ୟ ନିୟମାନୁଯାୟୀ ରାଜ୍ୟସ୍ତରୀୟ ସଂଚାଳନା କମିଟି ଦ୍ୱାରା ତାହାର ଅନୁମୋଦନ କରାଯିବା ଆବଶ୍ୟକ ଥିଲା । ୭୩ ତମ ସମ୍ବିଧାନ ସଂଶୋଧନ ଆଇନ୍ ପ୍ରଣୟନ ପରେ DRDAର ଢ଼ାଞ୍ଚାରେ ପରିବର୍ତ୍ତନ କରାଯାଇଥିଲା ଏକ ଗ୍ରାମାଞ୍ଚଳ ଓ ରୋଜଗାର ମନ୍ତ୍ରାଳୟ ତରଫରୁ ଜାରି କରାଯାଇଥିବା ଏକ ପରିପତ୍ର (Circular) ଦ୍ୱାରା ଯାହାର ମୁଖ୍ୟ ବୈଶିଷ୍ଟ୍ୟ ନିମ୍ନମତେ ଥିଲା —

(କ) ଜିଲ୍ଲା ପରିଷଦର ସମ୍ପୂର୍ଣ୍ଣ, ନିରୀକ୍ଷଣ, ନିୟନ୍ତ୍ରଣ ଏବଂ ମାର୍ଗଦର୍ଶନରେ ରହି ଡିଆରଡିଏ କାର୍ଯ୍ୟ କରିବ, ଏବଂ ଜିଲ୍ଲା ପରିଷଦର ଦାୟିତ୍ୱ ନିର୍ବାହ କରିବାରେ ଶାସନାତ୍ମକ ଓ ଔଦ୍ୟାଗିକ ସହାୟତା ପ୍ରଦାନ କରିବ । ଜିଲ୍ଲା ପରିଷଦର ଚେୟାରମ୍ୟାନ ବା ସଭାପତି DRDA ଗଭର୍ନିଂଗ ବଡ଼ିର ex-office ଚେୟାରମ୍ୟାନ ରହିବେ ।

(ଖ) DRDA ଓ ଜିଲ୍ଲା ପରିଷଦ ମଧ୍ୟରେ ଅଧିକ ସମନ୍ୱୟ ରକ୍ଷା କରିବା ଲକ୍ଷ୍ୟରେ ଜିଲ୍ଲା ପରିଷଦର ର ଉରଙ୍ଗ DRDA Governing body ର ସଚିବ ସଦସ୍ୟ (Member Secretary)ରହିବେ ଯେ କି ଅନୁଦନ ଜିଲ୍ଲା ମାଜିଷ୍ଟ୍ରେଟ୍ ପାହ୍ୟାର ଥିବେ।

(ଗ) DRDA ର Governing body ରେ ଅନ୍ୟ ସଦସ୍ୟଙ୍କ ସହିତ, ପଞ୍ଚାୟତ ସମିତି ଗୁଡ଼ିକର ଅନ୍ୟୁନ ଏକ ତୃତୀୟାଂଶ ଚେୟାରମ୍ୟାନ ସଦସ୍ୟ ରହିବେ ଯେ କି ପ୍ରତିବର୍ଷ ଚକ୍ରଗତି (rotation) ଆଧାରରେ ପରତ୍ତିତ ହେବେ।

(ଘ) ପଞ୍ଚାୟତଗୁଡ଼ିକ ଯୋଜନାମାନ ତିଆରି କରି ଏହାର ସୁପାରିଶ ପଞ୍ଚାୟତ ସମିତିକୁ କରିବେ ଏବଂ ପଞ୍ଚାୟତ ସମିତି ଏହାର ପରୀକ୍ଷା ନିରୀକ୍ଷା କରି ସୁପାରିଶ ପାଇଁ ଜିଲ୍ଲା ପରିଷଦକୁ ଏବଂ DRDA କୁ ପଠେଇବ।

(ଙ) DRDA ର Governing body ନୀତି ନିର୍ଦ୍ଦେଶ କରିବେ, ବାର୍ଷିକ ଯୋଜନାର ଅନୁମୋଦନ କରିବେ ଏବଂ ଏହାର କାର୍ଯ୍ୟକାରିତାର ନିରୀକ୍ଷଣ ଓ ସମୀକ୍ଷା କରିବେ।

(ଚ) DRDA ର କାର୍ଯ୍ୟନିର୍ବାହ ଓ ବିତ୍ତୀୟ କ୍ଷମତା କାର୍ଯ୍ୟନିର୍ବାହୀ କମିଟି ବା CEOଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ପ୍ରୟୋଗ ହେବ।

(ଛ) ଯେତେଦୂର ସମ୍ଭବ, କେବଳ ବିଭାଗୀୟ ପ୍ରଶାସନିକ ଧାରଣା ଅନୁସାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଏବଂ ପଞ୍ଚାୟତିରାଜ କର୍ମକର୍ତ୍ତାମାନଙ୍କୁ ଅଧିକ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବାକୁ ହେବ। କିଛି ରାଜ୍ୟ ଏ ପର୍ଯ୍ୟନ୍ତ ଅଧିକ କାର୍ଯ୍ୟ କୁଶଳତା ପାଇଁ ସଫଳତାର ସହିତ ଆର୍ଥିକ ଏବଂ ପଶାସନିକ କ୍ଷମତା ବିଭାଗୀୟ ଅଧିକାରୀଙ୍କଠୁ ନେଇ ସଂଚାଳକ ଅଧିକାରୀ ଯଥା ଜିଲ୍ଲାପାଳ, ଡିଭିଜନାଲ୍ କମିଶନର ଆଦିଙ୍କୁ ପ୍ରଦାନ କରିଛନ୍ତି।

(ଜ) ସୁପରିଚାଳନା ନିଶ୍ଚିତ କରିବାକୁ ଜିଲ୍ଲା ସ୍ତରରେ ଥିବା ଯନ୍ତ୍ରୀ ଏବଂ ଅନ୍ୟ ପଦାଧିକାରୀ କର୍ମକର୍ତ୍ତା ମାନେ DRDAର ନିୟନ୍ତ୍ରଣରେ ରହି କାର୍ଯ୍ୟ କରିବେ। ଲେଖାକାର ଓ ଯନ୍ତ୍ରୀ ଶାଖାଗୁଡ଼ିକୁ ଦୃଢ଼ୀକରଣ କରାଯିବା ଉଚିତ୍।

୧୯୮୭ ମସିହାରେ ପ୍ରଥମେ କର୍ଣ୍ଣାଟକରେ DRDA କୁ ଉନ୍ମୁଚନ କରି ଜିଲ୍ଲା ପରିଷଦରେ ମିଶା ଯାଇଥିଲା ଏବଂ ୭୩ ତମ ସଂଶୋଧନ ପରେ ମଧ୍ୟ ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ରାଜସ୍ଥାନ ଓ କେରଳରେ ଏହାର ଉନ୍ମୁଳନ ହୋଇଥିଲା। ଏହି ରାଜ୍ୟଗୁଡ଼ିକରେ ଉନ୍ମୁଳିତ DRDA ର କର୍ମକର୍ତ୍ତାମାନେ ଜିଲ୍ଲାପରିଷଦରେ ଏକ ସେଲ୍ (Cell) ଭଳି କେନ୍ଦ୍ରୀୟ ଅନୁଦାନ ଗ୍ରହଣ କରିବା, କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ଏହାର ବିତରଣ କରିବା, ଖର୍ଚ୍ଚର ହିସାବନେବା, ବ୍ୟବହାର ପ୍ରମାଣପତ୍ର ପଠେଇବା ଏବଂ ଅଡିଟ୍ କରେଇବା ଆଦି କାର୍ଯ୍ୟ କରନ୍ତି। ଏହି ସେଲ୍‌ଗୁଡ଼ିକ DRDA ର ପ୍ରଶାସନିକ ଯୋଜନା ଅନ୍ତର୍ଗତ ପାଣ୍ଠି ଦ୍ୱାରା ନିୟନ୍ତ୍ରିତ ଅଟନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ DRDA ରେ ଡେପୁଟେସନ୍ ଆଧାରରେ ଓ DRDA ନିଜର କର୍ମକର୍ତ୍ତା ନିଯୁକ୍ତି ହୁଅନ୍ତି। ଡେପୁଟେସନ୍‌ରେ ଆସିଥିବା କର୍ମକର୍ତ୍ତା ପ୍ରାୟତଃ ଗ୍ରାମୀଣ ବିକାଶ ବିଭାଗ ବା ଅନ୍ୟ ବିଭାଗରୁ ଆସିଥାନ୍ତି। ଦେଖିବାକୁ ଗଲେ କୁଶଳୀ ବ୍ୟବସାୟିକ କର୍ମକର୍ତ୍ତା ସଂଖ୍ୟା DRDA ରେ ଖୁବ୍ କମ୍। ସାଧାରଣ ଲିପିକ ବର୍ଗୀୟ କର୍ମଚାରୀଙ୍କ ପ୍ରଭାବ ଅଧିକ

ଦେଖିବାକୁ ମିଳେ ଯାହା ବ୍ୟବସାୟିକ ଓ ସହାୟକ କର୍ମକର୍ତ୍ତାଙ୍କ ସଂଖ୍ୟାରେ ୧.୪ ଅନୁପାତ ରହିଛି ଯାହା କ ୧:୨ ଅନୁପାତରେ ରହିବା ଉଚିତ। ବିଭିନ୍ନ ରାଜ୍ୟମାନଙ୍କ କ୍ଷେତ୍ରରେ DRDA ଦ୍ୱାରା ପରିଚାଳିତ କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକରେ ମଧ୍ୟ ଭିନ୍ନତା ଦୃଷ୍ଟିଗୋଚର ହୁଏ।

## ୨.୩ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭୂମିକା କାର୍ଯ୍ୟ ପ୍ରଣାଳୀ

ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ଯୋଜନାର ପ୍ରଭାବଶାଳୀ ରଚନା ହେବା ଯେପରି ଅପରିହାର୍ଯ୍ୟ ସେହିପରି କାର୍ଯ୍ୟକାରୀ କରାଇବାକୁ ଥିବା ସଂସ୍ଥା ମଧ୍ୟ ପ୍ରଭାବଶାଳୀ ହେବା ଦରକାର। କୌଣସି ଦାରିଦ୍ର୍ୟ ଦୂରୀକରଣ ଯୋଜନାର ପ୍ରଭାବ ସୁଦୂରପ୍ରସାରୀ ହେବ ନାହିଁ ଯଦି ଏହା କାର୍ଯ୍ୟକାରୀ କଲାବେଳେ ଏହାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନଥିବ ଏବଂ କାର୍ଯ୍ୟକାରୀ କରିବାର ମନଯୋଗ ନଥିବ। ଏହି ପରିପ୍ରେକ୍ଷୀରେ ଉଜଉଇ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ। DRDA କେବଳ କାର୍ଯ୍ୟକାରୀ ସଂସ୍ଥା ନୁହେଁ। ଏହା ଯୋଜନା କାର୍ଯ୍ୟକାରୀ କରିବାର ଉତ୍କୃଷ୍ଟତାକୁ ବୃଦ୍ଧି କରିବାରେ ଉପଯୁକ୍ତ ସହଯୋଗ ନିଶ୍ଚିତ କରି ସହାୟକ ହୋଇପାରେ। ବିକାଶ କ୍ଷେତ୍ରରେ DRDA ଏକ ଉତ୍ପ୍ରେରକ (Catalyst) ଭାବେ କାର୍ଯ୍ୟ ନିର୍ବାହ କରେ।

DRDAକୁ ଏକ ବିଶିଷ୍ଟ ବ୍ୟବସାୟିକ ସଂସ୍ଥା ଦୃଷ୍ଟିରେ ଦେଖାଯାଏ ଯିଏ କି ନା କେବଳ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମମାନ ସୂଚାରୁରୂପେ ପରିଚାଳନା କରିଥାଏ, ପରନ୍ତୁ ପ୍ରଭାବଶାଳୀ ଭାବରେ ଜିଲ୍ଲାରେ ଦରିଦ୍ରତା ଦୂର କରିବାରେ ସଦା ଚେଷ୍ଟିତ ରହିଥାଏ। ଅନ୍ୟ ଶବ୍ଦରେ କହିବାକୁ ଗଲେ, DRDA କେବଳ ଦାରିଦ୍ର୍ୟ -ଦୂରୀକରଣ ଯୋଜନାମାନ କାର୍ଯ୍ୟକାରୀ କରାଏ ନାହିଁ, ଏହା ଦାରିଦ୍ର୍ୟତା ଦୂର କରିବାର ବିଭିନ୍ନ ପ୍ରକ୍ରିୟାଗୁଡ଼ିକୁ ମଧ୍ୟ ଭଲଭାବେ ବୁଝିବା ଦରକାର। ଏହା ସହିତ ଅନ୍ୟ ସଂସ୍ଥାମାନଙ୍କ ସହିତ ସହଯୋଗ ବିକାଶ କରିବାର ଦକ୍ଷତା ବିକାଶ କରିବା ଦରକାର। ତେଣୁ, ଏହା କେବଳ ପଞ୍ଚାୟତିରାଜ କ୍ଷେତ୍ରରେ ଥିବା ଯୋଜନା କାର୍ଯ୍ୟକାରୀ ପରିବର୍ତ୍ତେ ଏହାର ବିଶିଷ୍ଟ କ୍ଷମତା ବଢ଼ାଇବା ଦରକାର। ତେଣୁକରି, ଜିଲ୍ଲାପରିଷଦ ଏବଂ ଅନ୍ୟ ସଂସ୍ଥାମାନଙ୍କଠାରୁ ଉଜଉଇ ଭୂମିକା ଭିନ୍ନ ରହିବା ଉଚିତ୍।

DRDA ସଂସ୍ଥା ଗୁଡ଼ିକ ଆହୁରି ଅଧିକ। ବ୍ୟବସାୟିକ ହେବା ଉଚିତ୍ ଏବଂ ସଂସ୍ଥାଗୁଡ଼ିକ ସହିତ ପ୍ରଭାବପୂର୍ଣ୍ଣ ଢଙ୍ଗରେ ପାରିଷ୍କାରିକ ସମ୍ପର୍କ ରଖିବେ। ଏହା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ସହିତ, ବ୍ୟାଙ୍କ ସହିତ, ଅନ୍ୟାନ୍ୟ ବିତ୍ତୀୟ ଆନୁଷ୍ଠାନ ସହିତ, ବେସରକାରୀ ଆନୁଷ୍ଠାନ ସହିତ ଓ ଏହାର ଆଭ୍ୟନ୍ତରୀଣ ଆନୁଷ୍ଠାନ ସହିତ ସୁସମ୍ପର୍କ ରକ୍ଷା କରିବା ଆଶା କରାଯାଏ ଯଦ୍ୱାରା ସେମାନଙ୍କଠୁ ଆବଶ୍ୟକୀୟ ସହାୟତା ଏବଂ ସମ୍ବଳ ଏକତ୍ରିତ କରି ଜିଲ୍ଲାର ଦାରିଦ୍ର୍ୟତା ହଟାଇବାରେ ସହାୟ ହୋଇପାରିବ। ଅନ୍ତର୍ବିଭାଗୀୟ ଓ ଅନ୍ତକ୍ଷେତ୍ରୀୟ ସହଯୋଗୀ ହାସଲ କରିବା ଏହି ସଂସ୍ଥାର ଲକ୍ଷ ହେବା ଉଚିତ୍ ଓ ସେଥିପାଇଁ ନିରନ୍ତର ପ୍ରୟାସ ଜାରି ରହିବା ଉଚିତ୍। ଏହା ଏକ ଦକ୍ଷତା ଅଟେ ଯାହା ଦ୍ୱାରା ସମସ୍ତ ସଂସ୍ଥା ଏବଂ ଅନୁଷ୍ଠାନମାନଙ୍କ ସହିତ ଉଚିତ୍ ସମନ୍ୱୟ ରକ୍ଷା କରି ମିଳିତ ଭାବରେ ଜିଲ୍ଲାର ଦାରିଦ୍ରତା ଦୂର କରିବା ପାଇଁ ସଂଗ୍ରହ ଜାରି ରଖିବେ।

DRDA ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ଯେ କୌଣସି ପରିସ୍ଥିତିରେ କାର୍ଯ୍ୟକରେ ନାହିଁ ଅପିତୁ, ଏହା ଆଶା କରାଯାଏ ଯେ ଏହା ପଞ୍ଚାୟତିରାଜ ଅନୁଷ୍ଠାନ ସହିତ ପ୍ରଭାବଶାଳୀ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ଉଚିତ୍। ଏକ ସ୍ୱତନ୍ତ୍ର ପରିଚୟ ସହିତ ଜିଲ୍ଲା ପରିଷଦ ଚେୟାରମ୍ୟାନଙ୍କ ଅଧକ୍ଷତାରେ କାର୍ଯ୍ୟ କରେ। ଜିଲ୍ଲା ପରିଷଦକୁ ଦାରିଦ୍ର୍ୟତା ଦୂର କରିବାରେ ଉପଯୁକ୍ତ ଜ୍ଞାନ କୌଶଳ ପ୍ରଦାନ କରି ପଦକ୍ଷେପ ଗୁଡ଼ିକୁ ତ୍ୱରାନ୍ୱିତ କରିବା ର କାର୍ଯ୍ୟ ଅଟେ। ଯେଉଁ ସ୍ଥାନରେ ଜିଲ୍ଲାପରିଷଦ ଗଠିତ ହୋଇନାହିଁ ବା ନିଜର କାର୍ଯ୍ୟ ସମ୍ପାଦନ କରୁନାହାନ୍ତି, ସେ କ୍ଷେତ୍ରରେ DRDA ଗୁଡ଼ିକ ଜିଲ୍ଲାପାଳ ବା ଡେପୁଟି କମିଶନରଙ୍କ ଅଧିନରେ ରହି କାର୍ଯ୍ୟ କରିବେ।

ପଞ୍ଚାୟତିରାଜ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଏ କିନ୍ତୁ DRDA ଏହାର ପରିଚାଳନା କିପରି ହେଉଛି ତାହା ତଦାରଖକରେ। ଏ କ୍ଷେତ୍ରରେ DRDA ର ବା PRIS ର ଭୂମିକାକୁ ଏକା ଭାବିବା ଉଚିତ୍ ନୁହେଁ। DRDA ଘନଘନ କ୍ଷେତ୍ର ପରିଦର୍ଶନ ଦ୍ୱାରା ଏବଂଆନୁସଙ୍ଗିକ ଭାବେ ପ୍ରକାଶିତ ଅନ୍ତରାଳ ରିପୋର୍ଟ ଗୁଡ଼ିକ ଆଧାରରେ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ତଦାରଖ କରନ୍ତି। କ୍ଷେତ୍ର ପରିଦର୍ଶନର ଉଦ୍ଦେଶ୍ୟ ହେଲା, ଦରକାର ଅନୁଯାୟୀ ଉପଯୁକ୍ତ ଜ୍ଞାନ କୌଶଳର-ସହାୟତା ପ୍ରଦାନ କରିବା ଯଦ୍ୱାରା କାର୍ଯ୍ୟକାରୀ ଅନୁଷ୍ଠାନମାନେ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ସେହି ଯୋଜନା ଗୁଡ଼ିକ ଅତି ଉତ୍କୃଷ୍ଟ ଭାବେ କାର୍ଯ୍ୟକାରୀ କରିପାରିବେ।

ନିୟମିତ ଅନ୍ତରାଳ ରିପୋର୍ଟ ମାଧ୍ୟମରେ DRDA ଜିଲ୍ଲା ପରିଷଦ, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଯୋଜନାଗୁଡ଼ିକର କାର୍ଯ୍ୟକାରିତାର ରିପୋର୍ଟ ନିର୍ଦ୍ଧିଷ୍ଟ ଫର୍ମାଟରେ ଜଣେଇବେ। ବିଶେଷ ଲାଭାର୍ଥୀ (SC/ST, ମହିଳା, ଭିନ୍ନକ୍ଷମ ଆଦି) ମାନେ ଯେପରି ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକର ଲାଭ ପାଇ ପାରିବେ ତାହା ତଦାରଖ କରିବେ ଏବଂ ସୁନିଶ୍ଚିତ ମଧ୍ୟ କରିବେ। ଏହାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।ଗ୍ରାମୀଣ ଗରିବମାନଙ୍କ ମଧ୍ୟରେ ବିଭିନ୍ନ ଗ୍ରାମୀଣ ବିକା ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ନେବେ। ସଚେତନତାର ଅଂଶ ବିଶେଷ ଭାବେ ଦାରିଦ୍ର୍ୟତାର ସମସ୍ୟା, ଗ୍ରାମୀଣ ଗରୀବଙ୍କ ପାଇଁ ଥିବା ସୁଯୋଗ ଏବଂ ସେମାନଙ୍କ ମଧ୍ୟରେ ଦାରିଦ୍ର୍ୟତା ଦୂରକରିବାର ଆତ୍ମବିଶ୍ୱାସ ସୃଷ୍ଟି କରିବା ଆଦି ରହିବା ଉଚ୍ଚିତ୍। ତତ୍ ସହିତ ଜିଲ୍ଲାର ବିଭିନ୍ନ କର୍ମକର୍ତ୍ତାମାନଙ୍କୁ ମଧ୍ୟ ଦାରିଦ୍ର୍ୟତାର ସମସ୍ୟା, ଏହାର ବିଭିନ୍ନ ଦିଗ ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନା ବିଷୟରେ ଅଭଗତ କରାଇ କ୍ରିୟାଶୀଳ କରାଇବେ।

ଯୋଜନାଗୁଡ଼ିକର କାର୍ଯ୍ୟକାରୀ ସମୟରେ ଉଚିତ୍ ସ୍ୱଚ୍ଛତା (Transparent) ରଖିବାର ପ୍ରୟାସ କରିବେ ଏବଂ ଏହି ଲକ୍ଷ୍ୟ ହାସଲ (କରିବାକୁ, ମଝିରେ) ମଝିରେ ଯୋଜନା ବିଷୟରେ ବା ଏହାର କାର୍ଯ୍ୟକାରୀ ସ୍ଥିତି ବିଷୟରେ ରିପୋର୍ଟମାନ ପ୍ରକାଶ କରିବେ।

କେନ୍ଦ୍ର ଅନୁଦାନର ଏକ ବିରାଟ ଅଂଶ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ ପାଇଁ ଖର୍ଚ୍ଚ ହୁଏ। ତେଣୁ, ପ୍ରାପ୍ତ ଅନୁଦାନର ଅର୍ଥ କିପରି ଓ କେତେ ଖର୍ଚ୍ଚ ହେଲା ସେବିଷୟରେ ସବିଶେଷ ତଥ୍ୟ ରଖିବା ସୁନିଶ୍ଚିତ କରିବେ, ଆକାଉଣ୍ଟଗୁଡ଼ିକର ତଦାରଖ କରିବେ ଏବଂ ବିଲୀନ ଅନ୍ୟମାନଙ୍କ ବଜାୟ ରଖିବେ।

ତେଣୁ, DRDAର ଭୂମିକାଗୁଡ଼ିକ ହେଲା ଯଥା - ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକର କିପରି କାର୍ଯ୍ୟକାରୀ ହେବ ତା'ର ପ୍ରଭାବଶାଳୀ ଯୋଜନା ତିଆରି କରିବା, ସରକାରୀ ଏବଂ ବେସରକାରୀ ସଂସ୍ଥାମାନଙ୍କ ସହିତ ଏ ଦିଗରେ ସମନ୍ୱୟ ରକ୍ଷା କରିବା ଏବଂ ସେମାନଙ୍କୁ ଆର୍ଥିକ ଓ ଉଦ୍ୟୋଗିତ ସହାୟତା ପ୍ରଦାନ କରିବା, ଗ୍ରାମୀଣ ଗରିବ ଲୋକଙ୍କୁ ଏବଂ ଗୋଷ୍ଠୀଗୁଡ଼ିକୁ ନିର୍ଣ୍ଣୟ ନେବାକୁ ସକ୍ଷମ କରାଇବା, ଯୋଜନାଗୁଡ଼ିକର ନିୟମାନୁସାରେ ଉତ୍କୃଷ୍ଟ ଭାବରେ, ସମାନତା ଆଧାରରେ କାର୍ଯ୍ୟକାରୀ ହେଉଛି କି ନାହିଁ ତଦାରଖ କରି ସୁନିଶ୍ଚିତ କରିବା, ଯୋଜନାଗୁଡ଼ିକର କାର୍ଯ୍ୟକାରୀତା ବିଷୟରେ ରିପୋର୍ଟମାନ ପ୍ରସ୍ତୁତ କରି ଉପରିସ୍ଥ ପ୍ରଶାସନକୁ ଦେବା, ଓ ନିର୍ଣ୍ଣୟ ନେବାରେ ଏବଂ କାର୍ଯ୍ୟକାରୀ କରାଇବାରେ ସ୍ୱଚ୍ଛତା ବଜାୟ ରଖିବା ଆଦି। ଏହା ସହିତ, ଗରୀବମାନଙ୍କ ସଂଖ୍ୟା ଜାଣିବାକୁ କରାଯାଉଥିବା ବିଭିନ୍ନ ସର୍ଭେଗୁଡ଼ିକର ଦାୟିତ୍ୱ ନେଇ କାର୍ଯ୍ୟ କରାଇବା ମଧ୍ୟ DRDAର ଏହି କାର୍ଯ୍ୟ ଅଟେ। ସମୟ ସମୟରେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କାର୍ଯ୍ୟକାରୀ କରାଯାଇଥିବା ଯୋଜନାଗୁଡ଼ିକର ମୂଲ୍ୟାଙ୍କନ ଓ କାର୍ଯ୍ୟ (actim research) ଗବେଷଣା ଭଳି ଆନୁସନ୍ଧାନ ମୂଳକ ଗବେଷଣା କରାଇବା ମଧ୍ୟ DRDAର କାର୍ଯ୍ୟ ଅଟେ।

DRDAଗୁଡ଼ିକ ମୁଖ୍ୟତଃ ଗ୍ରାମୀଣ ବିକାଶ ମନ୍ତ୍ରାଳୟର ଦାରିଦ୍ର୍ୟ ଦୂରୀକରଣ ଯୋଜନା ଗୁଡ଼ିକ ଉପର କାମ କରିବା ଉଚିତ୍। ଯଦି ରାଜ୍ୟ ସରକାରଙ୍କ ଅନ୍ୟ କୌଣସି ବିଭାଗ ବା ମନ୍ତ୍ରାଳୟର କାର୍ଯ୍ୟ ନ୍ୟସ୍ତ କରାଯାଏ, ସେ କ୍ଷେତ୍ରରେ ଏହା ସୁନିଶ୍ଚିତ କରିବାକୁ ହେବ ଯେ ଦାରିଦ୍ର୍ୟ ଦୂରୀକରଣ ହିଁ ଏହାର ମୂଳ ଲକ୍ଷ୍ୟ ରହିବ ଏବଂ ଏପରି ଅନ୍ୟ କାର୍ଯ୍ୟକ୍ରମ ନ୍ୟସ୍ତ କରିବାକୁ ହେଲେ ସମ୍ପର୍କିତ ରାଜ୍ୟ ସରକାରଙ୍କ ଗ୍ରାମୀଣ ବିକାଶ ସଚିବଙ୍କ ଅନୁମୋଦନ ଲାଭ କରିବ। ଅପରିହାର୍ଯ୍ୟ ଅଟେ। ସେ ସେହିପରି ପ୍ରାର୍ଥନା ଗୁଡ଼ିକ ଆଧାରରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ସହିତ ଯୋଗାଯୋଗ କରି ନିର୍ଣ୍ଣୟ ନେବେ। ଏହିପରି କ୍ଷେତ୍ରରେ ଏହା ସୁନିଶ୍ଚିତ କରିବାକୁ ହେବ ଯେ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ଆବଶ୍ୟକତା ଅନୁଯାୟୀ ମାନବ ସମ୍ବଳ ନିଯୁକ୍ତ ହେବାର ସୁବିଧା ସେଥିରେ ଥିବ।

## ୨.୪ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଆନୁଷ୍ଠାନିକ ସଂରଚନା

ପ୍ରତ୍ୟେକ ଜିଲ୍ଲା ସ୍ତରରେ ଗୋଟିଏ ଗୋଟିଏ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (DRDA) ଗଠିତ ହୋଇଥାଏ। ସାଧାରଣତଃ ସମିତି ପଞ୍ଜିକରଣ ଆଇନ ଅନୁସାରେ ଏହା ପଞ୍ଜିକୃତ ହୋଇଥାଏ। ଯେଉଁ ଜାଗାରେ DRDA ର ସ୍ୱତନ୍ତ୍ର ପରିଚୟ ନାହିଁ, ସେହିଠାରେ ଜିଲ୍ଲାପରିଷଦ ଅନ୍ତର୍ଗତ ସ୍ୱତନ୍ତ୍ର ସେଲ୍ (Cell) ଗଠନ କରାଯାଏ। ଯାହା ସ୍ୱତନ୍ତ୍ର ପରିଚୟ ପାଇ ଏହାର, ଅଲଗା ଆକାଉଣ୍ଟ (ସମୟ ସମୟରେ ହୋଉଥିବା ଅଡ଼ିଟ୍‌ରେ ସୁବିଧା ପାଇଁ) ପରିଚାଳନା କରିଥାଏ। ଏହି ସେଲ୍‌ର ମୁଖ୍ୟ ପକଳ୍ପ ନିର୍ଦ୍ଦେଶକ ପାହ୍ୟାର ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) ଅଟନ୍ତି। DRDA ର ଆକାଉଣ୍ଟ ବା କୌଣସି ପରିସ୍ଥିତିର ମଧ୍ୟ ଜିଲ୍ଲାପରିଷଦର ଆକାଉଣ୍ଟ ସହିତ ମିଶାଇବା ଉଚିତ୍ ନୁହେଁ।

ପୂର୍ବରୁ ଆଲୋଚିତ DRDAର ବିଭିନ୍ନ କାର୍ଯ୍ୟଗୁଡ଼ିକୁଧ୍ୟାନରେ ରଖି ଏହାର ଆନୁଷ୍ଠାନିକ ସଂରଚନା ସହିତ ପଦଗୁଡ଼ିକ ସୃଷ୍ଟି କରାଯାଏ ଯେପରି - ଦାରିଦ୍ର୍ୟ ଦୂରୀକରଣ ପାଇଁ ଯୋଜନା ତିଆରି କରିବା ପଦ, ପ୍ରକଳ୍ପ

ତିଆରି କରିବା, କୌଶଳ ବିକାଶ, ଲିଙ୍ଗଗତ ସମାନତା, ଉତ୍କୃଷ୍ଟତା ନିରୀକ୍ଷଣ କରିବା, ପ୍ରକଳ୍ପ ଦେଖାଶୁଣା କରିବା, ଲେଖାଗାର ଓ ଅଡ଼ିଟ୍ କାର୍ଯ୍ୟ ଏବଂ ମୂଲ୍ୟାଙ୍କନ ଓ ପ୍ରଭାବ ଜନିତ ଗବେଷଣା କରିବା ଆଦି। ରାଜ୍ୟ ସରକାର ଉପାଦେୟତା ଆଧାରରେ DRDA ସଂରଚନାରେ ସମ୍ୟକ୍ ପରିବର୍ତ୍ତନ ଆଣିପାରିବେ। କିନ୍ତୁ ଏହା କଲାବେଳେ DRDA ର ନିଶ୍ଚିତ ସାମାଜିକ ବ୍ୟୟକୁଧ୍ୟାନରେ ରଖି ପରିବର୍ତ୍ତନ କରିହେବ। ଉଜଉଇ ନିଯୁକ୍ତ ମାନବ ସମ୍ବଳମାନଙ୍କର ପ୍ରମୁଖ ଦାୟିତ୍ୱ DRDA ସମ୍ପର୍କିତ କାର୍ଯ୍ୟରେ ହିଁ ରହିବା ବିଧେୟ ଏବଂ ସେମାନଙ୍କର ସ୍ଥାୟିତ୍ୱ ମହତ୍ୱପୂର୍ଣ୍ଣ ଅଟେ ତେଣୁ ସେମାନଙ୍କର ବାରମ୍ବାର ସ୍ଥାନାନ୍ତରଣ ହେବା ଆଦୌ ବାଞ୍ଛନୀୟ ନୁହେଁ।

DRDA ଆନୁଷ୍ଠାନିକ ସଂରଚନାର ଏକ ନମୁନା ନିମ୍ନରେ ଦିଆଗଲା।

**(A) ପ୍ରକଳ୍ପ ନିର୍ଦ୍ଦେଶକ (Project Director) :-** ପ୍ରତ୍ୟେକର ମୁଖ୍ୟ ଜଣେ ପ୍ରକଳ୍ପ ନିର୍ଦ୍ଦେଶକ (ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ପାହ୍ୟାର) ରହିବା ଉଚିତ୍। ସେ ରାଜ୍ୟ ସେବାରେ ବା ଅଖିଳ ଭାରତୀୟ ସେବାରେ ଜଣେ ବରିଷ୍ଠ ଅଧିକାରୀଙ୍କ ଥାଇ କାର୍ଯ୍ୟ ତୁଲେଇଥିବା ଉଚ୍ଚିତ ବା ଅଖିଳ ଭାରତୀୟ ସେବା କାର୍ଯ୍ୟ ତୁଲାଇବାକୁ ଥିବା ଯୋଗ୍ୟତା ଥିବା ଦରକାର। ଉଜଉଇ ର ସମସ୍ତ କାର୍ଯ୍ୟ ଗୁଡ଼ିକର ତାଙ୍କର ଉତ୍ତରଦାୟିତ୍ୱ ଏବଂ ଜିଲ୍ଲା ବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହିତ ଯୋଗସୂତ୍ର ରଖିବାର ଦାୟିତ୍ୱ ମଧ ତାଙ୍କର। ସେ ବିଶେଷ ଭାବରେ DRDA ପାଇଁ ହିଁ କାର୍ଯ୍ୟ କରିବେ। କିଛି ରାଜ୍ୟରେ ଉଦାହରଣ ସ୍ୱରୂପ - ମହାରାଷ୍ଟ୍ରରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହିଁ ଜିଲ୍ଲା ପରିଷଦର ଚେୟାରମ୍ୟାନ୍ ଅଟନ୍ତି। ଭାରତ ସରକାର (CEO) ସମସ୍ତ ରାଜ୍ୟଙ୍କୁ ଉପଦେଶ ଦେଇଛନ୍ତି ଯେ ଜିଲ୍ଲା ପରିଷଦର ଚେୟାର୍ମ୍ୟାନ୍ DRDA ଗର୍ଭର୍ନିଙ୍ଗ୍ ବଡ଼ିର ଚେୟାରମ୍ୟାନ ରହିବା ଉଚିତ୍। ଏହି ପରିପ୍ରେକ୍ଷୀରେ ଜିଲ୍ଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ DRDA ପ୍ରକଳ୍ପ ନିର୍ଦ୍ଦେଶକ ପଦ ମଧ ଦେଇହେବ। ପ୍ରତ୍ୟେକ DRDA ରେ ନିମ୍ନପ୍ରଦତ୍ତଶାଖା ରହି କାର୍ଯ୍ୟ କରିବା ଉଚିତ।

ଯଥା - (a) ସ୍ୱ-ରୋଜଗାର ଶାଖା, (b) ମହିଳା ଶାଖା (c) ମଜୁରୀ ଭିତ୍ତିକ ରୋଜଗାର ଶାଖା (d) ଅଭିଯାନ୍ତ୍ରିକ ଶାଖା (e) ହିସାବ ଶାଖା (f) ନିରୀକ୍ଷଣ ଏବଂ ମୂଲ୍ୟାଙ୍କନ ଶାଖା ଏବଂ (g) ସାଧାରଣ ପ୍ରଶାସନିକ ଶାଖା।

**(B) ସ୍ୱ-ରୋଜଗାର ଶାଖା :** ଏହି ଶାଖାର ମୁଖ୍ୟ ଜଣେ ପ୍ରକଳ୍ପ ନିର୍ଦ୍ଦେଶକ ରହିବା ଉଚିତ୍ ଏବଂ ଏକାଧିକ ଅତିରିକ୍ତ ପ୍ରକଳ୍ପ ଅଧିକାରୀ (APO) ଯେ କି ଯୋଜନା ତିଆରି କରିବାକୁ, ସମାଜିକ ସଂଘଟନ, ଋଣ ଏବଂ ଉଦ୍ୟୋଗ କୌଶଳ (Technology) କ୍ଷେତ୍ରରେ କାର୍ଯ୍ୟ କରିବେ। ଉରୋକ୍ତ ଚାରିଟି କାର୍ଯ୍ୟକୁ ଯେ କୌଣସି ଗୋଟିଏର ଦାୟିତ୍ୱରେ ଜଣେ ପ୍ରକଳ୍ପ ଅଧିକାରୀ ରହିପାରିବେ। ଯୋଜନା ପାଇଁ ଥିବା APO କ୍ଲଷ୍ଟର, ଜିଲ୍ଲା/ ବ୍ଲକ୍ / ଗ୍ରାମ୍ୟ ଯୋଜନାଗୁଡ଼ିକର ତର୍ଜମା କରିବେ, ବ୍ଲକ୍ ଉନ୍ନୟନ ଅଧିକାରୀ (APO)ଙ୍କୁ ଯୋଜନା ତିଆରି କରିବାରେ ପରାମର୍ଶ ଦେବେ ଓ ବଜାର ଭିତ୍ତିକ ଅବସଂରଚନା, ପାଇଁ ତିଆରି କରିବେ ଜିଲ୍ଲା କାର୍ଯ୍ୟାଳୟ, ବ୍ୟାଙ୍କ ଏବଂ ଅନ୍ୟ ଅନୁଷ୍ଠାନ ସହିତ ଯୋଗାଯୋଗ ରଖିବେ। ସାମାଜିକ ସଂଘଟନ ଶାଖାର APO ଗୋଷ୍ଠୀ ନିର୍ମାଣ, ଦକ୍ଷତା ନିର୍ମାଣ କରିବା, ଗୋଷ୍ଠୀ ଗୁଡ଼ିକର ନିରୀକ୍ଷଣ କରିବା, ଗୋଷ୍ଠୀଭିତ୍ତିକ ନିର୍ଣ୍ଣୟ ନେବାରେ ସାହାଯ୍ୟ କରିବା, ପାଣ୍ଠି ପ୍ରଦାନ କରିବା ଓ ଯୋଗାଯୋଗ ରକ୍ଷା କରିବା ଆଦି କାର୍ଯ୍ୟ

କରିବେ । ଋଣ ଦାୟିତ୍ୱରେ ଥିବା APO ଙ୍କର ବ୍ୟବସାୟ ଭିତ୍ତିକ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଅଭିଜ୍ଞତା ରହିବା ଉଚିତ୍ ଏବଂ ସେ ବ୍ୟାଙ୍କଗୁଡ଼ିକ ସହିତ ଯୋଗାଯୋଗ ରକ୍ଷା କରି ଋଣ ସମ୍ପର୍କୀୟ ସମସ୍ତ ବିଷୟବସ୍ତୁ ଯେପରି ବ୍ୟାଙ୍କ ଓ ଲାଭାର୍ଥୀ ଗୋଷ୍ଠୀ ମଧ୍ୟରେ କଥପୋକଥନ, ଋଣ ପ୍ରଦାନ ଏବଂ ଋଣ ଆଦାୟ ଭଳି କାର୍ଯ୍ୟଗୁଡ଼ିକର ଦାୟିତ୍ୱ ତୁଲେଇବେ । ଉଦ୍ୟୋଗ କୌଶଳ APO ଶାଖାର ବୈଷୟିକ ବା ଯାନ୍ତ୍ରିକ ଉନ୍ନତିକରଣ ଦିଗରେ କାର୍ଯ୍ୟ କରିବେ ଏବଂ ଏହି ଜ୍ଞାନର ପ୍ରସାର କରେଇବେ । ଉଜଉଇ, ସ୍ୱରୋଜଗାର କାର୍ଯ୍ୟକ୍ରମ ଅନ୍ତର୍ଗତ କିଛି ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରକଳ୍ପ ଜରିଆରେ କରିପାରିବେ । ତେଣୁ ଏହା ଆବଶ୍ୟକ ଯେ ସେହି କ୍ଷେତ୍ରରେ ଥିବା ଯୋଗ୍ୟ ବିଶେଷଜ୍ଞ ସେ କାର୍ଯ୍ୟର ସଫଳ କାର୍ଯ୍ୟ କରିବା ପାଇଁ ତଦାରଖ କରିବେ । ଦରକାର ପଡ଼ିଲେ, DRDAର ସମସ୍ତ କାର୍ଯ୍ୟର ପ୍ରବନ୍ଧନ ପାଇଁ, DRDA ବାହ୍ୟ ବିଶେଷଜ୍ଞମାନଙ୍କୁ ପରାମର୍ଶଦାତା ଆଧାରରେ ସାହାଯ୍ୟ ଗ୍ରହଣ କରିପାରେ । ପ୍ରତ୍ୟେକ ରାଜ୍ୟ ଗ୍ରାମୀଣ ବିକାଶ ବିଭାଗର ସଚିବ ଏଥିପାଇଁ ଏକ ନିୟମାବଳୀ ତିଆରି କରିବେ ଯଦ୍ୱାରା ଯୋଗ୍ୟ ପରାମର୍ଶକାରୀଙ୍କ ଚୟନ କରିବାରେ କୌଣସି ତ୍ରୁଟି ନ ରହେ ଏବଂ ଯେଉଁମାନଙ୍କର କ୍ଷେତ୍ରଭିତ୍ତିକ ଅଭିଜ୍ଞତା ଥିବ ସେହିମାନଙ୍କ ହିଁ ନିଯୁକ୍ତି ପାଇପାରିବେ । ଏହି ବିଶେଷଜ୍ଞମାନେ ନିର୍ଦ୍ଦିଷ୍ଟ ପ୍ରକଳ୍ପ ଆଧାରରେ ନିଯୁକ୍ତି ପାଇବେ ଏବଂ ସ୍ୱ-ରୋଜଗାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ କରିବେ ।

**(C) ମହିଳା ଶାଖା :** ସମସ୍ତ ଦାରିଦ୍ର୍ୟ-ଦୂରୀକରଣ ଯୋଜନାରେ ମହିଳାମାନେ ଯେ ପରି ଅଣଦେଖା ନ ହୁଅନ୍ତି, ସେଥିପାଇଁ DRDAରେ ଏକ ମହିଳା ଶାଖା ରହିବା ଉଚିତ୍ । ଏହି ଶାଖା ମହିଳା ଓ ଶିଶୁ ବିକାଶ ବିଭାଗ, ଶିକ୍ଷା ଓ ସ୍ୱାସ୍ଥ୍ୟ ସହିତ ସୁସମ୍ପର୍କ ରକ୍ଷା କରି ଏହା ନିଶ୍ଚିତ କରିବେ ଯେ ମହିଳା ମାନେ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକର ଲାଭ ନେବା ସହିତ ଅନ୍ୟାନ୍ୟ ଯୋଜନା ଗୁଡ଼ିକର ଲାଭ ଯେପରି ନେଇପାରିବେ । ଏହି ଶାଖାର ମୂଖ୍ୟ ଜଣେ APO ରହିବେ ଯେ କି ପ୍ରକଳ୍ପ ନିର୍ଦ୍ଦେଶଙ୍କ (PD), ସ୍ୱ-ରୋଜଗାର ଶାଖାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବେ ।

**(D) ମଜୁରୀ ଭିତ୍ତିକ ରୋଜଗାର ଶାଖା :** DRDAର ମଜୁରୀ ଭିତ୍ତିକ ରୋଜଗାର କାର୍ଯ୍ୟକ୍ରମର ମୂଖ୍ୟ ଉଦ୍ଦେଶ୍ୟ ବେଷରିକ ଶାଖା ନିରୀକ୍ଷଣ ଓ ସତର୍କତା ଅବଲମ୍ବନ କରିବା । DRDA ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ବିଷୟରେ ଚିନ୍ତା କରିବା ଉଚିତ ନୁହେଁ କାରଣ ଏହା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର କାର୍ଯ୍ୟ ଅଟେ । ଏହି ଶାଖାରେ ଜଣେ ପ୍ରକଳ୍ପ ଅଧିକାରୀଙ୍କ ସହିତ କରି ସହୟତା ପ୍ରଦାନକାରୀ କର୍ମକର୍ତ୍ତା କାର୍ଯ୍ୟ କରିବେ ।

**(E) ଜଳ- ବିଭାଜିକା ଶାଖା :** ଯେଉଁ ଜିଲ୍ଲାଗୁଡ଼ିକରେ IWDP/DPAP/ DDP ଭଳି ଯୋଜନା କାର୍ଯ୍ୟକାରୀ ହେଉଛି ସେହି ଜିଲ୍ଲାଗୁଡ଼ିକର ଅଧିନରେ ଏକ  ଜଳ ବିଭାଜିକା ଶାଖା ରହିବ । ଏହି ଶାଖାରେ ଜଣେ ପ୍ରକଳ୍ପ ଅଧିକାରୀ (୧୦) ସହିତ ଅଳ୍ପ କିଛି ସହାୟକ କର୍ମକର୍ତ୍ତା ରହିବେ । ସେମାନେ PIA ଜଳବିଭାଜିକା ଅଲଗା ରହି ସ୍ୱତନ୍ତ୍ରଭାବେ କାର୍ଯ୍ୟ କରିବେ ।

**(F) ଅଭିଯାନ୍ତିକ ଶାଖା :** ପ୍ରତ୍ୟେକ DRDA ରେ ଗୋଟେ ବୈଷୟିକ ଶାଖା ରହିବା ଉଚିତ୍ ଯାହା ଦ୍ରବ୍ୟ ବ୍ୟବହାରରେ ନୂତନତା ଆଣିବାସହ ଏହାର କୌଶଳ ରୂପରେ ନୂତନତ୍ୱ ଆଣିପାରିବେ ଏବଂ ଯନ୍ତ୍ରୀ ସ୍ତରୀୟ କର୍ମକର୍ତ୍ତା ପଞ୍ଚାୟତିରାଜ କର୍ମକର୍ତ୍ତା ଓ ଅନ୍ୟ ସମ୍ପର୍କୀୟ ବିଭାଗର କର୍ମକର୍ତ୍ତାଙ୍କୁ ସମୟ ସମୟରେ ପ୍ରଶିକ୍ଷଣ ଦେବେ। ଏହି ଶାଖାର ମୂଖ୍ୟ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ତାଙ୍କ ସହିତ ଦୁଇଜଣ ସାହାୟକ ଯନ୍ତ୍ରୀ ବା କନିଷ୍ଠ ଯନ୍ତ୍ରୀ ରହିବେ।

**(G) ହିସାବ ଶାଖା :** ଏହି ଶାଖାର କାର୍ଯ୍ୟ ହେଲା ବାଲାନ୍ସ ସିଟ୍ (Balance sheet) ସହିତ ବାର୍ଷିକ ରିପୋର୍ଟ ତିଆରି କରି ପ୍ରକାଶ କରିବେ। ଏହି ଶାଖାର ମୁଖ୍ୟ ଜଣେ ବରିଷ୍ଠ ହିସାବ ଅଧିକାରୀ ଡେପୁଟେସନ୍ ଆଧାରରେ  ବା ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ସେବା ପ୍ରଦାନ ପାଇଁ ନିଯୁକ୍ତ ହେବେ। ସେ ଜଣେ ଜଣେ ହିସାବ ଅଧିକାରୀ, ସ୍ୱ-ରୋଜଗାର ଏବଂ ହିସାବ ଅଧିକାରୀ, ମଜୁରୀ ଭିତ୍ତିକ ରୋଜଗାର ଶାଖା ଏବଂ ଅନ୍ୟ ହିସାବକାରୀ କର୍ମକର୍ତ୍ତାଙ୍କ ସହଯୋଗ ଲାଭ କରିବେ। ଯେଉଁ ଜାଗାରେ ଜଳ ବିଭାଜିକା ଶାଖା କାର୍ଯ୍ୟ କରୁଥିବ, ତା ହେଲେ ଆଉ ଗୋଟିଏ ଅତିରିକ୍ତ ପଦ ହିସାବକାରୀ ଜିଲ୍ଲା ସ୍ତରରେ ନିଯୁକ୍ତ ହେବେ ଯେ କି କାର୍ଯ୍ୟକ୍ରମର ଉନ୍ନତି ନିରୀକ୍ଷଣ କରିବେ ଏବଂ ଏହାର ହିସାବ ରଖିବେ ! ଏହି ହିସାବକାରୀ ଅଧିକାରୀଙ୍କ ମଧ୍ୟରୁ ଜଣେ ଆନ୍ତରିକ ଲେଖା ପରୀକ୍ଷା ବା ଅଡିଟ୍ କରିବେ।

**(H) ନିରୀକ୍ଷଣ ଶାଖା :** DRDA ରେ ଗୋଟିଏ ସ୍ୱତନ୍ତ୍ର ନିରୀକ୍ଷଣ ଓ ମୂଲ୍ୟାଙ୍କନ ଶାଖା ରହିବା ଉଚିତ। ଏହାର ମୁଖ୍ୟ ଜଣେ ପ୍ରକଳ୍ପ ଅର୍ଥନୀତିଜ୍ଞ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସିଧାସଳଖ ତତ୍ତ୍ୱାବଧାନରେ ରହିବେ। ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକର ନିରୀକ୍ଷଣ କରିବା ବ୍ୟତୀତ ଏହି ଶାଖା ମୂଲ୍ୟାଙ୍କନ କାର୍ଯ୍ୟ ମଧ୍ୟ ବରାବର ସମୟ ବ୍ୟବଧାନରେ ବେସରକାରୀ ସଂସ୍ଥା ବା ଅଭିଜ୍ଞ ଅନୁଷ୍ଠାନ ବା ବିଶେଷଜ୍ଞଙ୍କ ଦ୍ୱାରା କରାଇବେ। ଏହିପରି ଅଧ୍ୟୟନ ପାଇଁ ହେବାକୁ ଥିବା ଖର୍ଚ୍ଚ ନିର୍ଦ୍ଧାରିତ କାର୍ଯ୍ୟକ୍ରମର ପାଣ୍ଠିରୁ ହେବ। ଏହି ଶାଖା ନିଜ ଜିଲ୍ଲାରେ ଥିବା ଦାରିଦ୍ରତା ସମ୍ପର୍କିତ ସମସ୍ୟାଗୁଡ଼ିକୁ ମଧ୍ୟ ନିରୀକ୍ଷଣ କରିବେ।

## ୨.୫ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରଶାସନ ବ୍ୟାବସ୍ଥା

DRDA ଗୋଟିଏ ରେଜିଷ୍ଟିଭୁକ୍ତ ବା ପଞ୍ଜିକୃତ ସମିତି ଅଟେ। ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଜିଲ୍ଲା ପରିଷଦର ଚେୟାରମ୍ୟାନ୍ DRDA ଗଭର୍ଣ୍ଣିଙ୍ଗ୍ ବଡ଼ିର ଚେୟାରମ୍ୟାନ ରହିବେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ଜଣେ CEO, ଜିଲ୍ଲା ପରିଷଦ କାର୍ଯ୍ୟକାରିତା ଓ ବିତ୍ତିୟ କାର୍ଯ୍ୟର ଦାୟିତ୍ୱ ତୁଲେଇବେ। ନିୟମାବଳୀ ଆଧାରରେ DRDA ର ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି ଏହା ସେ ନିଶ୍ଚିତ କରିବେ। ଯେଉଁ ଜିଲ୍ଲାରେ ଜିଲ୍ଲା ପରିଷଦ ନାହିଁ, ବା କାର୍ଯ୍ୟକ୍ଷମ ନାହିଁ, ସେ କ୍ଷେତ୍ରରେ ଉଜଉଇ ସିଧାସଳଖ ଭାବେ ଜିଲ୍ଲାପାଳଙ୍କ ଅଧିନରେ ରହି କାର୍ଯ୍ୟ କରିବ।

DRDAର ଗଭର୍ଣ୍ଣିଙ୍ଗ୍ ବଡ଼ି ନିତି ନିର୍ଦ୍ଧାରଣ କରିବେ, ବାର୍ଷିକ ଯୋଜନାକୁ ଅନୁମୋଦନ ଦେବେ, ଯୋଜନାର ନିରୀକ୍ଷଣ କରିବେ ଓ ସମୀକ୍ଷା କରିବେ। ସମୟ ସମୟରେ ଆବଶ୍ୟକତା ଅନୁସାରେ ଏହି କାର୍ଯ୍ୟଗୁଡ଼ିକ କରିବେ। ପ୍ରତି ଚାରି ମାସରେ ଥରେ ଏହି ବଡ଼ି (Body)ର ସଦସ୍ୟମାନେ ବୈଠକ କରିବେ।

ଗଭର୍ଣ୍ଣିଙ୍ଗ୍ ବଡ଼ରେ ନିମ୍ନଲିଖିତ ଢ଼ାଞ୍ଚାର ଅନୁସରଣ କରାଯିବ -

୧. ଚେୟାରମ୍ୟାନ୍ (ଜିଲ୍ଲାପରିଷଦର ଚେୟାରମ୍ୟାନ୍)

୨. ସମସ୍ତ MP ଏବଂ ଗଖଇ ଏବଂ MLC (ଜିଲ୍ଲାର)

୩. ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କର ଏକ ତୃତୀୟାଂଶ ଅଧ୍ୟକ୍ଷ ବାର୍ଷିକ (rotation basis) ଏବଂ ସେମାନଙ୍କ ମଧ୍ୟରୁ ଜଣେ SC/ST ହୋଇଥିବେ ଓ ଜଣେ ମହିଳା ଅଧ୍ୟକ୍ଷ ହୋଇଥିବେ)

୪. CEO, ଜିଲ୍ଲା ପରିଷଦ / ଜିଲ୍ଲାପାଳ

୫. ମୁଖ୍ୟ, ସେଣ୍ଟ୍ରାଲ ସମବାୟ ବ୍ୟାଙ୍କ୍ (ଜିଲ୍ଲାରେ ଥିବା)

୬. ଚେୟାରମ୍ୟାନ୍, କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କ

୭. ଜିଲ୍ଲାସ୍ତରୀୟ ବ୍ୟାଙ୍କ ଅଧିକାରୀ

୮. ଭାରତୀୟ ରିଜର୍ଭ ବ୍ୟାଙ୍କର ଜଣେ ଅଧିକାରୀ (ଜିଲ୍ଲାସ୍ତରୀୟ)

୯. NABARD ଅଧିକାରୀ (ଜିଲ୍ଲା ସ୍ତରୀୟ)

୧୦. ଜେନେରାଲ ମ୍ୟାନେଜର, DIC

୧୧. KVIB ଅଧିକାରୀ

୧୨. ଜିଲ୍ଲା SC/ST କଲ୍ୟାଣ ଅଧିକାରୀ

୧୩. ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ

୧୪. ଜିଲ୍ଲା ଭିନ୍ନକ୍ଷମ କଲ୍ୟାଣ ଅଧିକାରୀ

୧୫. ପ୍ରତିନିଧି, ବୈଷୟିକ ଅନୁଷ୍ଠାନ (ଜିଲ୍ଲାସ୍ତରୀୟ)

୧୬. ୨ ଜଣ ପ୍ରତିନିଧି, ବେସରକାରୀ ସଂସ୍ଥା (ଜିଲ୍ଲାରେ ଥିବା)

୧୭. ୨ ଜଣ ପ୍ରତିନିଧି, ପଛୁଆ ବର୍ଗର

୧୮. ଜଣେ ଗ୍ରାମୀଣ ମହିଳା ପ୍ରତିନିଧି

୧୯. ପ୍ରକଳ୍ପ ନିର୍ଦ୍ଦେଶକ, CDRDA ବା ସଚିବ ସଦସ୍ୟ ଯେଉଁ ସ୍ଥାନରେ ଜିଲ୍ଲା ପରିଷଦ ନଥିବ।

ଆବଶ୍ୟକ ସ୍ଥଳେ ରାଜ୍ୟ ସରକାର ବିଧାନସଭାର ଜଣେ ନିର୍ବାଚନ ପ୍ରତିନିଧିଙ୍କୁ DRDA ଗଭର୍ଣ୍ଣିଙ୍ଗ ବଡ଼ିର ଚେୟାରମ୍ୟାନ୍ ଭାବେ ମନୋନୀତ କରିପାରନ୍ତି।

**(A) ପ୍ରବନ୍ଧକ କମିଟି (Executive Committee - EC) :** ECଙ୍କ ଦ୍ୱାରା DRDA ର ସମସ୍ତ କାର୍ଯ୍ୟକାରିଣୀ ଏବଂ ବିତ୍ତୀୟ କ୍ଷମତାର ପ୍ରୟୋଗ ରାଜ୍ୟସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁସାରେ କରାଯିବ। ଏହା ସହିତ DRDAର ସମସ୍ତ ଧାର୍ଯ୍ୟ ପ୍ରତି ଗଭର୍ଣ୍ଣିଙ୍ଗ୍ ଓ ସରକାରଙ୍କ ସମ୍ମୁଖରେ ଉତ୍ତରଦାୟୀ

ରହିବେ । ଏହି କମିଟିର ମୂଖ୍ୟ ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରହିବେ ଏବଂ ଜିଲ୍ଲାର ଯୋଜନା ଏବଂ କାର୍ଯ୍ୟକାରିତା ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଏବଂ ଅନ୍ୟ କର୍ମକର୍ତ୍ତା ଦାରିଦ୍ର୍ୟ ଦୂରୀକରଣ ଯୋଜନାର କାର୍ଯ୍ୟକାରୀଙ୍କ ପାଇଁ ରହିବେ । ପ୍ରକଳ୍ପ ନିର୍ଦ୍ଦେଶକ, DRDA ଏହି EC ର ସଦସ୍ୟ-ସଚିବ ରହିବେ । ପ୍ରତିମାସରେ ଥରେ ଏହି କମିଟିର ବୈଠକ ବସିବ ।

**(B) ବିତ୍ତୀୟ ବ୍ୟବସ୍ଥା :** DRDAର ସଂଚାଳନ ଏକ କେନ୍ଦ୍ରୟୀ ପ୍ରାୟୋଜିତ ଯୋଜନା ଅଟେ । ଏହି ଯୋଜନା ପାଇଁ ଖର୍ଚ୍ଚ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୫:୭୫ ଅନୁପାତ ଅନୁସାରେ ବହନ କରାଯାଏ । ଏହି ପାଣ୍ଠି ସିଧାସଳଖ ଭାବେ DRDA କୁ ନିୟମାନୁସାରେ ପ୍ରଦାନ କରାଯାଏ । ଉତ୍ତର ପୂର୍ବାଞ୍ଚଳ ରାଜ୍ୟମାନଙ୍କ କ୍ଷେତ୍ରରେ ଏହି ୧୦:୯୦ ପାଣ୍ଠି ଅନୁପାତ ହିସାବରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ ଯାହା ୨୦୦୮-୦୯ ମସିହାଠାରୁ ଲାଗୁ ହୋଇଛି । କେନ୍ଦ୍ର ସରକାର ତାଙ୍କ ଭାଗ୍ୟର ପାଣ୍ଠି ୨ଟି କିସ୍ତିରେ ପ୍ରଦାନ କରନ୍ତି ।

**(I) ପ୍ରଥମ କିସ୍ତି ପ୍ରଦାନ :** କୌଣସି ଔପଚାରିକ ଅନୁରୋଧ ବିନା ପ୍ରଥମ କିସ୍ତି ପ୍ରଦାନ କରାଯାଇ ପାରିବ ଯଦି ବିନା ସର୍ତ୍ତରେ ଦ୍ୱିତୀୟ କିସ୍ତି ଏହାର ପୂର୍ବ ବର୍ଗରେ ପ୍ରଦାନ କରାଯାଇ ଥିବ । ଯଦି କିଛି କାରଣ ଯୋଗୁଁ ପୂର୍ବ ବର୍ଗ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇ ନଥିବ ବା ଅଳ୍ପ କିଛି ସର୍ତ୍ତ ସହିତ କିସ୍ତି ପ୍ରଦାନ କରାଯାଇଥିବ, ତେବେ ସେହି ସର୍ତ୍ତଗୁଡ଼ିକ ପୂରଣ କରି ବା ପୂରଣ ନ କରିବାର କାରଣ ଦର୍ଶାଇ ଚଳିତ ବର୍ଷର ପ୍ରଥମ କିସ୍ତି ପାଇଁ ଔପଚାରିକ ଭାବେ ଉଜଉଇ ତରଫରୁ ଅନୁରୋଧ କରାଯିବ । ପ୍ରଥମ ବର୍ଷ ପାଇଁ ଆଧାରରେ (ବର୍ଷ ୧୯୯୯.୨୦୦୦) ପ୍ରଥମ କିସ୍ତି ପ୍ରଦାନ କରାଯିବ ଏବଂ ଏହାର ପରିସମାପ୍ତି ଆର୍ଥିକ ବର୍ଷର ଦ୍ୱିତୀୟ ମାସ ଶେଷ ଆଡ଼କୁ ହେବ ।

**(II) ଦ୍ୱିତୀୟ କିସ୍ତି ପ୍ରଦାନ :** ଖର୍ଚ୍ଚ ହୋଇଥିବା ଉଚ୍ଚତମ ସୀମା (Celling) ଆଧାରରେ ଦ୍ୱିତୀୟ କିସ୍ତିର ପରିମାଣ ନିର୍ଦ୍ଧାରିତ ହେବ । ଏହା DRDAର ଅନୁରୋଧ କ୍ରମେ (ନିର୍ଦ୍ଦିଷ୍ଟ Profooma ରେ) ସର୍ତ୍ତମୂଳକ ଭାବେ ପ୍ରଦାନ କରାଯିବ । ସର୍ତ୍ତଗୁଡ଼ିକ ହେଲା -

(୧) ରାଜ୍ୟ ସରକାରଙ୍କର ଚଳିତବର୍ଷ ଅଟକଳ ବିବରଣୀ ସଂଲଗ୍ନ ହେବ ଏବଂ ସେହି ଅନୁସାରେ କେନ୍ଦ୍ରୀୟ ପାଣ୍ଠିପ୍ରଦାନ କରାଯିବ ।

(୨) ପୂର୍ବ ବର୍ଷ ରାଜ୍ୟ ସରକାର ତାଙ୍କର ଅନୁଦାନ ଭାଗ ପ୍ରଦାନ କରିଥିବେ । ଯାହା ଅଭାବ ରହିଯାଇଥିବ ସେତିକି ପରିମାଣର ଅର୍ଥ ଦ୍ୱିତୀୟ କସ୍ତିରୁ କାଟି ଦିଆଯିବ ଏବଂ ରାଜ୍ୟ ସରକାର ତାଙ୍କ ଭାଗର ପ୍ରଥମ କିସ୍ତି ଚଳିତ ବର୍ଷରେ ଦେଇ ସାରିଥିବେ ।

(୩) ଉପଲବ୍ଧ ପାଣ୍ଠିର ୬୦ ପ୍ରତିଶତ ଭାଗ ବ୍ୟବହୃତ ହୋଇ ସାରିଥିବ

(୪) DRDA ର ଓପେନିଙ୍ଗ୍ ବାଲାନ୍ସ (ପ୍ରାରମ୍ଭିକ ଅର୍ଥ) ସମ୍ପୂର୍ଣ୍ଣ ଅନୁଦାନ ପାଣ୍ଠିର ୧୦ ପ୍ରତିଶତରୁ ଅଧିକ ନଥିବ । ଯଦି ଏହା ଅଧିକ ଥାଏ ତେବେ କେନ୍ଦ୍ରୀୟ ଅନୁଦାନ ଭାଗରୁ ସେତିକି ଅଧିକ ଅଂଶ କାଟି ଦିଆଯିବ ।

(୫) ଅଡ଼ିଟ୍ ରିପୋର୍ଟ, ବ୍ୟବହାର ପ୍ରମାଣପତ୍ର (ପୂର୍ବବର୍ଷର) ସଲଗ୍ନ ହେବ।

(୬) ବିଗତ ଅନୁଦାନ ସମୟରେ ଅନ୍ୟ ଯେ କୌଣସି ସର୍ତ୍ତାବଳୀ ଥିବ ତାହା ପୂରଣ କରାଯାଇଥିବ।

'DRDA ପ୍ରଶାସନ ବା ସଂଚାଳନ' ନାମରେ DRDAସମସ୍ତ ପାଣ୍ଠି ଏକ ସ୍ୱତନ୍ତ୍ର ବ୍ୟାଙ୍କ୍ ଆକାଉଣ୍ଟରେ ପରିଚାଳନା କରିବ। ଏଥିରୁ ଯାହା ମଧ୍ୟ ଆକାରରେ ମିଳିବ ତାହା କେବଳ କରଣୀୟ କାର୍ଯ୍ୟରେ ଉଚିତ ଉପରେ ଖର୍ଚ୍ଚ ହେବ, ଅନ୍ୟ କୌଣସି ଅସ୍ୱୀକାର୍ଯ୍ୟ କାର୍ଯ୍ୟ ଯେପରିକି କୋଠା ତିଆରି ବା ଗାଡ଼ି କିଣିବା ଆଦି କାମରେ ଖର୍ଚ୍ଚ ହୋଇପାରିବ ନାହିଁ।

**(III) ଖାତା ପରିଚାଳନା :** ପ୍ରତ୍ୟେକ ଯୋଜନା ଅନ୍ତର୍ଗତ ଅଲଗା ଖାତା ରହିବ। ହିସାବ ଖାତାଗୁଡ଼ିକରୁ ଏହିପରି ଭାବରେ ପ୍ରସ୍ତୁତ କରିରଖାଯିବ ଯାହା ଏହି ସିଦ୍ଧାନ୍ତ ଉପରେ ଆଧାରିତ ଥିବ ଯେ – ବ୍ୟୟ କରାଯାଇଥିବା ପରିମାଣ ଅସଂଗତ ନୁହେଁ ଏବଂ ଯୋଜନାର ପୂର୍ତ୍ତି ପାଇଁ କରାଯାଇଛି। ଡବଲଏଣ୍ଟ୍ରି ବ୍ୟବସ୍ଥା ଆଧାରରେ ହିସାବ ଖାତା ଗୁଡ଼ିକ ଲେଖାଯିବ।

ଗ୍ରାମୀଣବିକାଶ ମନ୍ତ୍ରାଳୟ, ଭାରତ ସରକାର ଦ୍ୱାରା ପ୍ରକାଶିତ "Revised Accounting procedure for DRDA/ Societies" ୧୯୮୪ ଏବଂ ତତ୍ପର ପ୍ରଦାନ କରାଯାଇଥିବା ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ଗୁଡ଼ିକରେ DRDA ର ହିସାବ କିପରି ଲେଖାଦିବ ସେ ବିଷୟରେ ବର୍ଣ୍ଣିତ ଅଛି। ଏହା ଅନ୍ତରାଳ ଅଡିଟ୍ ସେଲ୍‌ର ଦାୟିତ୍ୱ ରହିବ ଯେ ସମସ୍ତ ହିସାବଗୁଡିକ ଉପଯୁକ୍ତ ସିଦ୍ଧାନ୍ତ ଅନୁକରଣ କରି ତଆରି କରାଯାଉଛି। ଜଣେ ହିସାବ ଅଧିକାରୀ ଆନ୍ତରିକ ଅଡିଟ (internal audit) ଦାୟିତ୍ୱ ନିର୍ବାହ କରିବେ।

**(IV) ହିସାବଖାତାର ଅଡିଟ୍ :** ପ୍ରତିବର୍ଷ June ୩୦ ପୂର୍ବରୁ DRDAର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆଜ୍ଞାନୁସାରେ ବାର୍ଷିକ ହିସାବ ଏବଂ ସେଥିରେ ସମସ୍ତ ଅନୁଦାନ ଗ୍ରହଣ ଓ ଖର୍ଚ୍ଚ ଖାତା, ଆୟ ଓ ବ୍ୟୟ ଖାତା ଏବଂ ବାଲାନ୍ସ ଶୀଟ (Balance sheet) ଆଦି ତିଆରି କରାଯିବ। ଗଭର୍ଣ୍ଣିଂ ବଡିର ଅନୁମୋଦନ ଲାଭ କଲାପରେ ଏହି ହିସାବ ଖାତାଗୁଡିକ ଚାଟାର୍ଡ ଆକାଉଣ୍ଟାଣ୍ଟ ବା ଅନ୍ୟ କେହି ଅଡିଟରଙ୍କ ଦ୍ୱାରା ଅଡିଟ୍ କରାଯିବ। ଅଡିଟର୍‌ଙ୍କ ଦସ୍ତଖତ ସହିତ ଅଡିଟ୍ ରିପୋର୍ଟର ଏକ ନକଲ ଏବଂ ବାର୍ଷିକ ହିସାବ ବିବରଣୀ (ଅଡିଟର୍‌ଙ୍କ ଓ DRDA Chairmanଙ୍କ ଦ୍ୱାରା ପ୍ରମାଣିତ) ଆଦି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖକୁ ୩୦ September ପୂର୍ବରୁ ପଠାଯିବ (ii) Comptroller ଏବଂ ଅଡିଟର୍ ଜେନେରାଲ୍ (CAG) ଙ୍କର ଅଧିକାରରେ DRDA ର ସମସ୍ତ ହିସାବ ସମ୍ପର୍କିତ ଖାତା ଆଦି ରହିବ, ସେ ଏହାର ଅଡିଟ୍ କରେଇବେ। CAGଙ୍କ ଦ୍ୱାରା ମନୋନୀତ ଅଡିଟ୍ କାର୍ଯ୍ୟାଳୟକୁ ବାର୍ଷିକ ହିସାବ ଖାତା, ଅଡିଟ୍ ରିପୋର୍ଟ ଏବଂ DRDAଙ୍କ ଟିପ୍ପଣୀ ଆଦିର ନକଲ ପଠାଯିବ। (iii) DRDAର ହିସାବ ଖାତା ଗୁଡ଼ିକର ଗ୍ରାମୀଣ ବିକାଶ ମନ୍ତ୍ରାଳୟ (ରାଜ୍ୟସ୍ତରୀୟ ଏବଂ କେନ୍ଦ୍ରସ୍ତରୀୟ)ଙ୍କ ଦ୍ୱାରା ନିରୀକ୍ଷଣ (inspection) କୌଣସି ବ୍ୟକ୍ତି ବା ସମିତି ଦ୍ୱାରା କରାଯାଇପାରିବ। ଏହି ନିରୀକ୍ଷଣ under secretary ପାହ୍ୟାର ଉର୍ଦ୍ଧ୍ୱରେ ଥବା ସମସ୍ତ ଅଧିକାରୀ ବା ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକାର ଦିଅଯାଇଥିବାଯେ କୌଣସି ଅଧିକାରୀ ମଧ୍ୟ ଏହି ହିସାବଖାତା ଗୁଡିକର ନିରୀକ୍ଷଣ କରିପାରିବେ।

(V) DRDAର ସ୍ଥାବର ସମ୍ପତ୍ତିର ତାଲିକାରୁ ଏକ ବିବରଣୀ ଏବଂ ବାର୍ଷିକ ବିବରଣୀ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପାଖକୁ ଦିଆଯାଇଥିବା ଫର୍ମାଟରେ ତିଆରି କରି ଆର୍ଥିକ ବାର୍ଷିକ ଶେଷ ଭାଗରେ ପଠାଯିବ। ହିସାବ ଖାତାଗୁଡିକରେ ସେହି ଗୁଡିକର ମୂଳ ଦାମ୍ ଲେଖା ହୋଇ ପ୍ରଦର୍ଶିତ କରାଯିବ।

(VI) ସମସ୍ତ DRDA ଦିଆଯଉଥିବା Proforma ଆଧାରରେ ବ୍ୟବହାର ପ୍ରମାଣପତ୍ର (utilisation Certificate) ଏବଂ ହିସାବଖାତା ବିବରଣୀ, ଗ୍ରାମୀଣବିକାଶ ବିଭାଗ, ଭାରତ ସରକାରଙ୍କ ପାଖକୁ ପଠେଇବେ। ଏହା କଡ଼ାକଡ଼ି ଭାବେର ଗ୍ରହଣ ଏବଂ ବ୍ୟୟ ଖାତା, ଆରମ୍ଭ ଏବଂ ଶେଷ ବାଲାନ୍ସ ପରିମାଣ ଆଧାରରେ tally ହେଉଥିବା ଉଚିତ୍। (vi) ଉପରୋକ୍ତ ସମସ୍ତ ପ୍ରାବଧାନ ଗୁଡ଼ିକ ବୈଧାନିକ ଆବଶ୍ୟକତାନୁସାରେ ଏବଂ ସଂବନ୍ଧୀୟ ଆଇନ ଯେଉଁଥିରେ DRDA ପଞ୍ଜିକୃତ ହୋଇଛି ସେହିତ ଅନୁସାରେ ଯୋଡା ଯାଇଛି।

## ୨.୬ ସାରାଂଶ

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପାରଂପାରିକ ଭାବେ ଏକ ପ୍ରମୁଖ ଜିଲ୍ଲା ସ୍ତରୀୟ ସଂସ୍ଥା ଅଟେ ଯାହା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଇଥାଏ। ଏହା ଏକ ବିଶେଷ କର୍ମକର୍ତ୍ତା ଢାଞ୍ଚାକୁ ନେଇ ଏହାର ବହୁ ମୁଖ୍ୟ କାର୍ଯ୍ୟଗୁଡ଼ିକୁ ସମ୍ପାଦନା କରିଥାଏ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜିଲ୍ଲା ପରିଷଦ ଅଧିନରେ ରହି କାର୍ଯ୍ୟ କରେ ଏବଂ ଏହା ଜିଲ୍ଲା ପରିଷଦକୁ କାର୍ଯ୍ୟକରିବାକୁ ସାକାରାତ୍ମକ ଓ ବୈଷୟିକ ସାହାଯ୍ୟ ପ୍ରଦାନ କରେ।

## ୨.୭ ମୁଖ୍ୟ ଶବ୍ଦାବଳୀ

- ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା : ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପାରଂପାରିକ ଭାବେ ଏକ ପ୍ରମୁଖ ଜିଲ୍ଲା ସ୍ତରୀୟ ସଂସ୍ଥା ଅଟେ ଯାହା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଇଥାଏ।
- ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା : ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମହିଳା ଶାଖା ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକରେ ମହିଳାମାନଙ୍କର ସହଭାଗିତା ସୁନିଶ୍ଚିତ କରେ।
- ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିରୀକ୍ଷଣ ଶାଖା : ଏହା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମସ୍ତ କାର୍ଯ୍ୟକ୍ରମଗୁଡ଼ିକ ନିରୀକ୍ଷଣ କରେ ଏବଂ ସେଗୁଡ଼ିକର ମୂଲ୍ୟାଙ୍କନ କାର୍ଯ୍ୟ କରିଥାଏ।

## ୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. DRDAର କର୍ମକର୍ତ୍ତା ସଂରଚନା ବିଷୟରେ ଲେଖ।

୨. DRDAର ବିଭିନ୍ନ ଶାଖାଗୁଡିକ କ'ଣ ?

୩. ନିମ୍ନଲିଖିତ ଶବ୍ଦର ପୂର୍ଣ୍ଣ ପରିଚୟ ଦିଅ –

DRDA :-

SFDA :-

IRDP :-

PRI :-

## ୨.୯ ସହାୟକ ଗ୍ରନ୍ଥସୂଚୀ


- ସାମନ୍ତ, ଆର.କେ ୧୯୮୯ କୃଷି ଏବଂ ଗ୍ରାମୀଣ ବିକାଶରେ ପରିଚାଳନା, ନୂଆଦିଲ୍ଲୀ, UDH ପ୍ରକାଶନ।
- ଗୋଏଲ, ଆର ୨୦୧୨ ପଞ୍ଚାୟତରାଜ ଏବଂ ଗ୍ରାମୀଣ ବିକାଶ, ସୋନାଲି ପ୍ରକାଶନ।


**Websites**

- www. rural.nic.in
- www.odisha.gov.in
- www.rdodisha.gov.in

# ତୃତୀୟ ଏକକ :
# ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ITDA)

**ବିଷୟ ଗଠନ :**

୩.୦ ପଠନର ଉଦ୍ଦେଶ୍ୟ
୩.୧ ଉପକ୍ରମ
୩.୨ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଉତ୍ପତ୍ତି ଓ କ୍ରମବିକାଶ
୩.୩ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥାର ଆନୁଷ୍ଠାନିକ ଢାଞ୍ଚା
୩.୪ ଓଡ଼ିଶାରେ ITDA
୩.୫ ଜନଜାତି ଉପ-ଯୋଜନା ଆଭିମୁଖ୍ୟ
୩.୬ TSPର ଲକ୍ଷ୍ୟ ଏବଂ କାର୍ଯ୍ୟ ନୀତ
୩.୭ ସାରାଂଶ
୩.୮ ମୁଖ୍ୟ ଶବ୍ଦାବଳୀ
୩.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୩.୧୦ ସହାୟକ ଗ୍ରନ୍ଥସୂଚୀ

## ୩.୦ ପଠନର ଉଦ୍ଦେଶ୍ୟ

ଏହା ପଠନ କରିସାରିଲାପରେ ବିଦ୍ୟାର୍ଥୀ ସକ୍ଷମ ହେବେ :-

- ITDAର ସୃଷ୍ଟି ଏବଂ ବିକାଶ ବିଷୟରେ ଆଲୋଚନା କରିବ
- ITDAର ଆନୁଷ୍ଠାନିକ ସଂରଚନା ବିଷୟରେ ବର୍ଣ୍ଣନା କରିବା
- ITDAର ଉଦ୍ଦେଶ୍ୟଗୁଡ଼ିକର ତାଲିକା କରିବା ଏବଂ
- ଜନଜାତି ଉପଯୋଜନା (Tribal sub plan)ର ଉଦ୍ଦେଶ୍ୟ ବ୍ୟାଖ୍ୟା କରିବା।

## ୩.୧ ଉପକ୍ରମ

ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ଦେଶର ଆଦିବସୀ ବା ଜନଜାତିମାନଙ୍କର ବିଭିନ୍ନ ସମସ୍ୟା ଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (Intergrated Tribal Development Agency) (ITDA)ର ମୁଖ୍ୟ ଉଦ୍ଦେଶ୍ୟ ହେଲା ଆୟ ଉତ୍ପାଦନ କାର୍ଯ୍ୟ ଏବଂ ସମବର୍ଗୀୟ ଅବସଂରଚନା (Infrastucture) ବିକାଶ ଦ୍ୱାରା ଆଦିବାସୀ ସମ୍ପ୍ରାଦାୟଗୁଡ଼ିକର ସାମାଜିକ ଓ ଆର୍ଥନୈତିକ

ବିକାଶ ଏବଂ ସେମାନଙ୍କୁ ଶୋଷଣରୁ ସୁରକ୍ଷା ପ୍ରଦାନ କରିବା। ITDA ପରିଯୋଜନା କ୍ଷେତ୍ର ହେଉଛି ଗୋଟିଏ ତହସିଲ ବା ବ୍ଲକ୍ ଯେଉଁଠି ୫୦ ପ୍ରତିଶତ ବା ତଦୁର୍ଦ୍ଧ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟ ଥିବେ ଏବଂ ଏଇ ପ୍ରାୟତଃ ସଂସ୍ପର୍ଶୀ କ୍ଷେତ୍ର ଥାଏ। ଆସାମ, କର୍ଣ୍ଣାଟକ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟଗୁଡ଼ିକରେ ଏହାର ଜନସଂଖ୍ୟକ ରୂପରେଖା ପାଇଁ ITDA କ୍ଷେତ୍ରଗୁଡ଼ିକ ଛୋଟ ବା ସଂସ୍ପର୍ଶୀୟ କ୍ଷେତ୍ର ରହି ପାରେନି। ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ITDAକୁ ଏକ ସଂସ୍ଥା ମୋଡେଲରେ ସମିତି ପଞ୍ଜିକରଣ ଆଇନ୍ ଆଧାରରେ ପଞ୍ଜିକୃତ କରିଛନ୍ତି ତେଣୁ ଏହି ITDA ଯୋଜନାକୁ ସଂସ୍ଥା ଭାବରେ ITDA ବୋଲି କୁହାଯାଏ। ଏହି ଅଧ୍ୟାୟରେ ITDA ସୃଷ୍ଟି, ବୃଦ୍ଧି ଏବଂ ସଂରଚନା ବିଷୟରେ ଆଲୋଚନା କରିବା ଏବଂ ତତ୍ ସହିତ ଏହାର କାର୍ଯ୍ୟ, କର୍ମକର୍ତ୍ତାମାନଙ୍କର ଦାୟିତ୍ୱ ଆଦି ବିଷୟକ ଚର୍ଚ୍ଚା କରିବା।

## ୩.୨ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଉତ୍ପତ୍ତି ଓ କ୍ରମବିକାଶ

୧୯୫୬ ମସିହାରେ ପାଡେରୁ ଡିଭିଜନ୍ ରେ ଗୋଟିଏ ବହୁ-ଉଦ୍ଦେଶ୍ୟ ବ୍ଲକ୍‌ର ଉଦ୍‌ଘାଟନ କରାଯାଇଥିଲା ଯାହା ୧୯୬୭ ମସିହାରେ ଆଦିବାସୀ ବ୍ଲକ୍‌ରେ ପରିଣତ କରାଗଲା। ୧୯୬୪ ମସିହାରେ ପଞ୍ଚାୟତ ସମିତିର ପ୍ରଥମ ସଂଘ ବିଭିନ୍ନ ଗ୍ରାମ୍ୟ ସ୍ତରୀୟ ସଂଗଠନର ଚୟନକରି ଗଠନ କରାଗଲା। ୧୯୭୫ ମସିହାରେ ପାଡେରୁ ଏବଂ ଅନ୍ୟ ଆଦିବାସୀ ବିକାଶ ବ୍ଲକ୍‌ଗୁଡ଼ିକୁ ନେଇ ଆରମ୍ଭ ITDP କରାଗଲା। ଏହା ସହିତ, ବିଭିନ୍ନ ବିକାଶଶୀଳ ଅନୁଷ୍ଠାନ ମାନ ସମବାୟ ଋଣ କ୍ଷେତ୍ରରେ, ଶିକ୍ଷା କ୍ଷେତ୍ରରେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଦିବାସୀମାନଙ୍କର ସମଗ୍ର ବିକାଶ ପାଇଁ ପ୍ରତିଷ୍ଠା ହେଲା। ବିଭିନ୍ନ ସୁରକ୍ଷା ପ୍ରଦାନକାରୀ ବିଧାନ ବା ଆଇନ ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ହୋଇ ଏହି ସଂସ୍ଥା କ୍ଷେତ୍ରରେ ନିୟୋଜନ କରାଗଲା।

ITDP, ପାଡେରୁ, ବିଶାଖାପାଟଣା ଜିଲ୍ଲା ଗୋଟିଏ ସଂସ୍ଥା ଅଟେ ଯାହା ୨୦ ଫେବୃଆରୀ, ୧୯୭୫ ଦିନ ସମିତି ପଞ୍ଜିକରଣ ଆଇନ, ୧୮୬୦ ଅଧିନରେ ପଞ୍ଜିକୃତ ଅଟେ ଏବଂ ଏହା ୪ ଡିସେମ୍ବର ୧୯୭୫ରୁ କାର୍ଯ୍ୟ କରିବା ଆରମ୍ଭ ହୋଇଥିଲା। ITDAର ଉଦ୍ଦେଶ୍ୟ ଅଟେ ଜନଜାତୀୟ ଉପ ଯୋଜନା (Tribal Sab Plan tsp) କ୍ଷେତ୍ରରେ ଆଦିବାସୀ ପରିବାରମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଯୋଜନାମାନ ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରୀ କରିବା। ୧୯୮୬ ମସିହାରେ (TBP) ରେ ଏକ-ଧାର। ସଂଚାଳନ (Single Line administration) ର ପ୍ରଚଳନ ଆରମ୍ଭ ହେଲାପର, (ITDA)କୁ ଅଧିକ ଫଳପ୍ରସୂ ହେବାପାଇଁ ସମସ୍ତ ବିକାଶ ଏବଂ ପରିଚାଳନା ବିଭାଗ ଗୁଡ଼ିକର କାର୍ଯ୍ୟଗୁଡ଼ିକୁ ସମନ୍ୱିତ କରିବାକୁ ଦାୟିତ୍ୱ ପ୍ରଦାନ କରାଗଲା। TSP ର କ୍ଷେତ୍ର ୧୧ଟି ମଣ୍ଡଳ ପ୍ରଜାପରିଷଦ ଯଥା - ପାଡେରୁ, ପେଡାବାୟାଲୁ, ମୁନ୍‌ଚିଙ୍ଗିପୁଟୁ, ଅନନ୍ତଗିରି, ଆରାକୁ, ହୁକୁମପେଟା, ଜି.ମଦୁଗୁଲା, ଚିନ୍ତାପଲ୍ଲୀ, ଜି.କେ. ଭିଧି, କୋୟୁରୁ ଏବଂ ଡୁମ୍ବ୍ରିଗୁଡ଼ା କୁ ନେଇ ଗଠିତ ହୋଇଥିଲା। ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ଉଲ୍ଲିଖିତ କାର୍ଯ୍ୟନୀତି ଅନୁସାରେ, କେନ୍ଦ୍ରସରକାରଙ୍କ ଦ୍ୱାରା ଆଦିବାସୀ ବହୁଳ କ୍ଷେତ୍ର ଏବଂ ଖଣ୍ଡବିଖଣ୍ଡିତ ଭାବେ ରହୁଥିବା ଆଦିବାସୀ ସମ୍ପ୍ରଦାୟଗୁଡ଼ିକୁ ଚିହ୍ନଟ କରାଗଲା। ପରିଣାମସ୍ୱରୂପ, ସମୁଦାୟ ୩୫୨୧ଟି ଗ୍ରାମ ଅନୁସୂଚିତ କ୍ଷେତ୍ରରେ ନିର୍ଦ୍ଧାରିତ କରାଗଲା ଯାହା ଆଦିବାସୀ ବହୁଳ ଗ୍ରାମ ଥିଲା (ଯେହେତୁ ଏହି ଗ୍ରାମ ଗୁଡିକର ଆଦିବାସୀ ଜନସଂଖ୍ୟା ଗ୍ରାମର ସମ୍ପୂର୍ଣ୍ଣ ଜନସଂଖ୍ୟାରେ ୫୦ ପ୍ରଶିତଶ ଜନ

ସଂଖ୍ୟାଠୁ ଅଧିକ ଥିଲା) ୨୦୦୧ ଜନଗଣନା ଆଧାରରେ ଅନୁସୂଚିତ ଆଦିବାସୀ ଜନସଂଖ୍ୟା ଏହି ଗ୍ରାମଗୁଡ଼ିକରେ ୫,୫୭,୫୭୨ ଥିଲା । ITDAର ପ୍ରତିଷ୍ଠା ଏହି କ୍ଷେତ୍ରରେ ଥିବା ଜନଜାତିଗୁଡ଼ିକର ବିକାଶପାଇଁ ଯୋଜନା ତିଆରି କରିବା ଓ କାର୍ଯ୍ୟକାରୀ କରେଇବାକୁ ହୋଇଥିଲା । ଯେଉଁ ଜାଗାରେ ଆଦିବାସୀମାନେ ଗୋଟିଏ ଜାଗାରେ ନ ରହି ଇଆଡ଼େ ସିଆଡ଼େ ଖେଳେଇ ହୋଇକି ଅଛନ୍ତି ସେମାନଙ୍କ ବିକାଶ ପାଇଁ Modified Areas Development approach ଗ୍ରହଣ କରାଯାଇଥିଲା । ITDA, ବିଶାଖାପାଟଣା ଗୋଟିଏ ସଂସ୍ଥା ଭାବେ ପଞ୍ଜିକୃତ କରାଯାଇଥିଲା ଯଦ୍ୱାରା ଏହା ସ୍ୱୟଂଶାସିତ ହୋଇ ପାରିବ ଏବଂ ବିଭିନ୍ନ ଉତ୍ସରୁ ଏଠାକୁ ପାଣ୍ଠି ଆସିପାରିବ । ମୂଳରୁ , ITDA ର ମୂଖ୍ୟକାର୍ଯ୍ୟାଳୟ ବିଶାଖାପାଟଣାରେ ଥିଲା । ପରେ ଏହା ପାଡେରୁକୁ ସ୍ଥାନାନ୍ତରିତ ହେଲା । ପାଡେରୁ ଆଦିବାସୀ ବହୁଳ ଇଲାକାଗୁଡ଼ିକର ଏକ କେନ୍ଦ୍ରସ୍ଥଳୀ ଅଟେ । ତେଣୁ ଏହାର ନାମ ITDA, ବିଶାଖାପାଟଣାରୁ ପରିବର୍ତ୍ତନ କରାଯାଇ । ITDA, ପାଡେରୁ ରଖାଗଲା ।

**ଉଦ୍ଦେଶ୍ୟ :-**

ITDAର ଉଦ୍ଦେଶ୍ୟଗୁଡ଼ିକ ହେଲା-

୧. ଆଦିବାସୀମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ହାସଲ କରିବା

୨. ଆଦିବାସୀ ଓ ଅଣ - ଆଦିବାସୀ କ୍ଷେତ୍ରରେ ଥିବା ବିକାଶର ପାର୍ଥକ୍ୟକୁ ସଙ୍କୁଚିତ କରିବ ।

୩. କୃଷି, ଉଦ୍ୟାନ କୃଷି, ପଶୁପାଳନ, ବନୀକରଣ ଆଦି କ୍ଷେତ୍ରରେ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏବଂ TSP କ୍ଷେତ୍ରରେ ଦରିଦ୍ର ସୀମାରେଖା ତଳେଥିବା ଆଦିବାସୀମାନଙ୍କୁ ଏହାର ଆର୍ଥିକ ପ୍ରଭାବ ଦ୍ୱାରା ଗରିବ ରେଖାରୁ ଉର୍ଦ୍ଧ୍ୱକୁ ଆଣିବା ।

୪. ଆଦିବାସୀ ମାନଙ୍କର ସାହୁକାରୀ, ଋଣ ଦାସତ୍ୱ, ଭୂମିବନ୍ଧକ ଏବଂ ହଡ଼ପ, ଜଙ୍ଗଲ ଉତ୍ପାଦନ ଶୁଳ୍କ ଆଦି କ୍ଷେତରେ ଶୋଷଣର ଦୂରୀକରଣ ବା ଉନ୍ମୂଳନ କରିବା ଆଦି ।

## ୩.୩ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥାର ଆନୁଷ୍ଠାନିକ ଢାଞ୍ଚା

TSP କାର୍ଯ୍ୟନୀତିକୁ ଗ୍ରହଣ କଲାପରେ ପରେ ଦ୍ରୁତ ଗତିରେ ଆଦିବାସୀ କ୍ଷେତ୍ରଗୁଡ଼ିକରେ ପ୍ରଶାସନିକ ଢ଼ାଞ୍ଚାଗୁଡ଼ିକ ବୃଦ୍ଧିପାଇବାକୁ ଲାଗିଲା । ଏହା ରାଜ୍ୟଠାରୁ ଆରମ୍ଭକରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ଦେଖିବାକୁ ମିଳିଲା । TSP ଦ୍ୱାରା ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ନୂଆ ସଂସ୍ଥାମାନ ଗଢିଉଠିଲା ଏବଂ ତା ସହିତ ନୂଆ ପ୍ରଶାସନିକ ଶୈଳୀ ମଧ୍ୟ ନିର୍ମାଣ ହେଲା । ରାଜ୍ୟ ସ୍ତରରେ ଜଣେ ସଚିବ ଆଦିବାସୀ ବିକାଶ ଦାୟିତ୍ୱରେ ରହିଲେ । କିଛି ରାଜ୍ୟରେ ଏହି ସଚିବ, ଆଦିବାସୀ ବିକାଶ କମିଶନର ଭାବରେ ମଧ୍ୟ କାର୍ଯ୍ୟ କରନ୍ତି, କିନ୍ତୁ ଅନ୍ୟ ରାଜ୍ୟରେ ଆଦିବାସୀ ବିକାଶ କମିଶନର ପଦ ଅନ୍ୟ ଅଧିକାରୀଙ୍କ ଦ୍ୱାରା ଅଳଙ୍କୃତ ହୁଏ । ସଚିବ ବା କମିଶନରଙ୍କୁ ସହାୟତା କରିବାକୁ ଜଣେ ନିର୍ଦ୍ଦେଶକ, ଆଦିବାସୀ କଲ୍ୟାଣ/ବିକାଶ ନିଯୁକ୍ତ ହୁଅନ୍ତି । ମଧ୍ୟ ପ୍ରଦେଶ ଏବଂ ବିହାରରେ କ୍ଷେତ୍ରୀୟ ଆଦିବାସୀ ବିକାଶ କାର୍ଯ୍ୟାଳୟ ରାଜ୍ୟ ସ୍ତରୀୟ ତଳେ କାର୍ଯ୍ୟ କରେ । ଏହା ବ୍ୟତୀତ, ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏବଂ ମୁଖ୍ୟ ସଚିବଙ୍କ ସଂଯୋଜନା ଦ୍ୱାରା ଏବଂ କିଛି ମନ୍ତ୍ରୀ ଓ ସଚିବଙ୍କୁ ନେଇ ଗୋଟିଏ

କ୍ଷେତ୍ରରେ ଆଦିବାସୀ ବିକାଶ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିବାକୁ ଏକ ପରିଚାଳନା କମିଟି ଗଠନ କରାଯାଇଛି। ଅଣୁସ୍ତରରେ, ITDA ପ୍ରତ୍ୟେକ ଜିଲ୍ଲାସ୍ତରରେ (ଯେଉଁଠି ଆଦିବାସୀମାନଙ୍କର ବହୁଳତା ଥିବ) ଏକ ପ୍ରକଳ୍ପ ଭାବରେ କାର୍ଯ୍ୟକରେ। ଏହାର ନିଜସ୍ୱ କାର୍ଯ୍ୟାଳୟ ଅଧିକାରୀ ଯୋଜନା ତିଆରି ଏବଂ କାର୍ଯ୍ୟକାରୀ କରାଇବାକୁ ନିଯୁକ୍ତ ଥା'ନ୍ତି। ଜଣେ ପ୍ରକଳ୍ପ ଅଧିକାରୀ ମୁଖ୍ୟ ITDAର କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟ କରନ୍ତି ଯେ କି ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ କରାନ୍ତି। ଏହା ବ୍ୟତୀତ, ସ୍ଥାନୀୟ M.P ଓ ML.Aଙ୍କୁ ନେଇ, ଆଦିବାସୀ ବିକାଶ ପାଇଁ ସଂଶ୍ଳିଷ୍ଟ ବିଭାଗର ମୁଖ୍ୟ ଏବଂ କିଛି ମାନ୍ୟଗଣ ବ୍ୟକ୍ତିମାନଙ୍କୁ ନେଇ ଏକ ଆଡଭାଇଜର କମିଟି ଗଠିତ ହୋଇଥାଏ ଯେ କି ଯୋଜନା ତିଆରି ଏବଂ କାର୍ଯ୍ୟକାରୀ କରାଇବାରେ ସାହାଯ୍ୟ କରିଥାଏ।

**ପ୍ରକଳ୍ପ ଅଧିକାରୀ / ସାଧାରଣ ପରିଷଦ :-**

ITDA ର ଜେନେରାଲ ବଡ଼ିରେ ଜିଲ୍ଲାପାଳ ଚେୟାରମ୍ୟାନ ଭାବେ ରହନ୍ତି ଏବଂ ଅନ୍ୟ ବିଭାଗୀୟମୁଖ୍ୟ, ଲୋକମାନଙ୍କ ଦ୍ୱାରା ନିର୍ବାଚିତ ବ୍ୟକ୍ତି ବିଶେଷମାନେ I /ITDAର ପ୍ରକଳ୍ପ ଅଧିକାରୀ ରହନ୍ତି।

ITDA, ପାଡେରୁର କର୍ମ କର୍ତ୍ତାମାନେ ହେଲେ :-

**୧. ଅଧିକାରୀଙ୍କ ତାଲିକା -**

- ଜିଲ୍ଲାପାଳ, - ଚେୟାରମ୍ୟାନ ପକଳ୍ପ ଅଧିକାରୀ, ITDA ଡେପୁଟି ନିର୍ଦ୍ଦେଶକ, କୃଷି - ସଦସ୍ୟ
- ଡେପୁଟି ନିର୍ଦ୍ଦେଶକ, ପଶୁପାଳନ - ସଦସ୍ୟ
- ଜିଲ୍ଲା ସମବାୟ ଅଧିକାରୀ - ସଦସ୍ୟ
- ଜିଲ୍ଲା ଶିକ୍ଷା ଅଧିକାରୀ - ସଦସ୍ୟ
- ଜିଲ୍ଲା ଆଦିବାସୀ କଲ୍ୟାଣ ଅଧିକାରୀ - ସଦସ୍ୟ
- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପଞ୍ଚାୟତିରାଜ - ସଦସ୍ୟ
- ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ - ସଦସ୍ୟ
- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, (ରାସ୍ତା ଏବଂ କୋଠା) - ସଦସ୍ୟ
- ଜଳସେଚବ ବିଭାଗ ସୁପରିଣ୍ଟେଡେଣ୍ଟ ଯନ୍ତ୍ରୀ - ସଦସ୍ୟ
- ବୈଦ୍ୟୁତିକ କାର୍ଯ୍ୟ ସୁପରିଣ୍ଟେଡେଣ୍ଟ ଯନ୍ତ୍ରୀ - ସଦସ୍ୟ
- ସହାୟକ ନିର୍ଦ୍ଦେଶକ, ମାଛଚାଷ- ସଦସ୍ୟ
- ଡେପୁଟି ଜିଲ୍ଲାପାଳ, (ଆଦିବାସୀ କଲ୍ୟାଣ - ସଦସ୍ୟ)
- ଡିଭିଜନାଲ ମ୍ୟାନେଜର, ଗିରିଜନ ସମବାୟ ପରିଷଦ - ସଦସ୍ୟ

- ଜିଲ୍ଲା ବିକାଶ ଅଧିକାରୀ, ଜିଲ୍ଲା ପ୍ରଜାପରିଷଦ, ବିଶାଖାପାଟଣା - ସଦସ୍ୟ

- ଜେନେରାଲ ମ୍ୟାନେଜର, ଜିଲ୍ଲା ଶିଳ୍ପ କେନ୍ଦ୍ର - ସଦସ୍ୟ

**୨. ଲୋକନିର୍ବାଚିତ ବ୍ୟକ୍ତି ବିଶେଷ :-**

- ପାର୍ଲିଆମେଣ୍ଟ ସଦସ୍ୟ (M.P)- ଭଦ୍ରାଚଳମ୍, ବିଶାଖପାଟଣା ଓ ଅନକାପଲ୍ଲୀ ନିର୍ବାଚନ ମଣ୍ଡଳୀ - ସଦସ୍ୟ

- MLA (କୋଦାବରମ୍, ଜ. ମୁଦୁଗୁଲା ଓ ଚିନ୍ତାପଲ୍ଲୀ)- ସଦସ୍ୟ

**୩. କ୍ଷମତା ଓ କାର୍ଯ୍ୟ :**

ପୟକଳ୍ପ ଅଧିକାରୀଙ୍କୁ TSPରେ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼ିଥାଏ -

(କ) ଆଦିବାସୀ ବହୁଳ ଇଲାକା ଚିହ୍ନଟ କରିବା

(ଖ) ଆଦିବାସୀମାନଙ୍କର ଆଦିମ ପ୍ରଜାତି ରହୁଥିବା ସ୍ଥଳ ଚିହ୍ନଟ କରିବା ବିଶେଷ ବିକାଶ କାର୍ଯ୍ୟ ପାଇଁ

(ଗ) ଅଧିକ ପଛୁଆ ବର୍ଗର ଆଦିବାସୀଙ୍କୁ ଚିହ୍ନଟ କରି ସ୍ୱୀକୃତ ଦେବା

(ଘ) (TSP) କ୍ଷେତ୍ରରେ ଥିବା ସମସ୍ତ ବିକାଶମୂଳକ କାର୍ଯ୍ୟଗୁଡ଼ିକର ତଦାରଖ ଓ ପରିଚାଳନା କରିବା।

(ଙ) ITDA ଯୋଜନା ଗୁଡ଼ିକର ସାମୟିକ ଉନ୍ନତି ରିପୋର୍ଟ୍ ତିଆରି କରିବା।

(ଚ) ସୁରକ୍ଷା ପ୍ରଦାନକାରୀ ଆଇନଗୁଡ଼ିକୁ କାର୍ଯ୍ୟକାରୀ କରାଇବା

(ଛ) ଆଦିବାସୀ ବିକାଶ ଆଡଭାଇଜରି କମିଟିର ସଦସ୍ୟ ସଚିବ ଭାବେ ସେବା ପ୍ରଦାନ କରିବା।

ସାଧାରଣତଃ, ପ୍ରକଳ୍ପ ଅଧିକାରୀଙ୍କ ଦାୟିତ୍ୱ ହେଲା ପରିଚାଳନା କରିବା। ଏସବୁ କାର୍ଯ୍ୟ ସମ୍ପାଦନ କରିବା ସମୟରେ ତାଙ୍କର କୌଣସି ପ୍ରଶାସନିକ କ୍ଷମତା ନାହିଁ ; ଫଳ ସ୍ୱରୂପ, ପ୍ରଭାବଶାଳୀ ପରିଚାଳକ ଭାବେ ତାଙ୍କର କାର୍ଯ୍ୟ ITDA ର ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନା ଓ ଉନ୍ନତି ରିପୋର୍ଟ ତିଆରି ସୀମିତ ରହିଯାଏ। ସେ ଯଦି ଜଣେ IAS Officer ପାହ୍ୟାର ହୋଇଥା'ନ୍ତେ, ତା ITDA ର ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ସେମାନଙ୍କ ନିଯୁକ୍ତି ସମୟରେ ସିଧାସଳଖ ଭାବେ ପ୍ରକଳ୍ପ ଅଧିକାରୀଙ୍କୁ ନୁହେଁ ବରଂ ନିଜର ଜିଲ୍ଲା ଅଧିକାରୀଙ୍କୁ ରିପୋର୍ଟ କରିଥା'ନ୍ତି ଯିଏ ସେମାନଙ୍କର ଗୁପ୍ତ ରିପୋର୍ଟ (Confidential report) ପ୍ରସ୍ତୁତ କରନ୍ତି। ଅଧିକନ୍ତୁ, ITDAର ମୂଖ୍ୟ କାର୍ଯ୍ୟାଳୟ ପ୍ରାୟ ଜିଲ୍ଲା କାର୍ଯ୍ୟାଳୟଠାରୁ ବହୁ ଦୂରରେ ଅବସ୍ଥିତ ଥିବାରୁ ବହୁ ସମୟରେ ପ୍ରକଳ୍ପ ଅଧିକାରୀଙ୍କୁ ସମସ୍ତ କାର୍ଯ୍ୟ ପରିଚାଳନା କରିବାରେ ଅସୁବିଧା ହୋଇଥାଏ। ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଉପରେ ଉପରେ ପ୍ରକଳ୍ପ ଅଧିକାରୀଙ୍କର କୌଣସି କର୍ତ୍ତୃତ୍ୱ ନଥାଏ। ତେଣୁ ସେବା ପ୍ରଦାନ କରିବାରେ ବ୍ୟତିକ୍ରମ ଘଟିଲେ ମଧ୍ୟସେ କାହାକୁ ଦଣ୍ଡ ଦେଇ ପାରିବେ ନାହିଁ। ତେଣୁ, ତାଙ୍କର କାର୍ଯ୍ୟ ଗତଚେଷ୍ଟା ସତ୍ତ୍ୱେ ମଧ୍ୟ ପ୍ରଭାବଶାଳୀ ହୋଇ ପାରେ ନାହିଁ। ସେ ଯାହାହେଉ, ୧୯୮୭ ମସିହାରେ ପ୍ରକଳ୍ପ ଅଧିକାରୀଙ୍କ ସମ୍ପର୍କିତ ବିଭିନ୍ନ ପରିବର୍ତ୍ତନ ଅଣାଗଲା ଯେତେବେଳେ ସରକାର ITDAକୁ ଏକ ସ୍ୱତନ୍ତ୍ର ଏକକ ସଂସ୍ଥା ଭାବେ ଶୀଘ୍ର ବିକାଶ ପାଇଁ ପୂର୍ନସଂଗଠିତ କଲେ। ସରକାର ସେଥିପାଇଁ ନିମ୍ନଲିଖିତ ପରିବର୍ତ୍ତନ ଆଣିଲେ -

(କ) ପ୍ରକଳ୍ପ ଅଧିକାରୀଙ୍କ ପଦକୁ ଯୁଗ୍ମ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ପାହ୍ୟା ପର୍ଯ୍ୟନ୍ତ ଉନ୍ନତୀ କରିବା।

(ଖ) ପ୍ରକଳ୍ପ ଅଧିକାରୀଙ୍କୁ ସମସ୍ତ ଅଧିକାରୀ ଓ ଅନୁଷ୍ଠାନ ମାନଙ୍କର ନିରୀକ୍ଷଣ କରିବା, ସମୀକ୍ଷା କରିବା ଓ ଉତ୍ତର ଦେବାର କ୍ଷମତା ପ୍ରଦାନ କରିବା ।

(ଗ) (ITDA) କାର୍ଯ୍ୟ କ୍ରମରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କୁ ପ୍ରକଳ୍ପ ଅଧିକାରୀଙ୍କ ପ୍ରତି ଉତ୍ତରଦାୟୀ ରହିବ।

(ଘ) ପ୍ରକଳ୍ପ ଅଧିକାରୀଙ୍କ କ୍ଷମତା ଅଧିନରେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ (ଆଦିବାସୀ କ୍ଷେତ୍ରରେ) ଆଣିବା

(ଙ) ଭୂମି ବନ୍ଧକ ଓ ହସ୍ତାନ୍ତରିତ ଏବଂ ସାହୁକାରୀ ସମ୍ବନ୍ଧୀୟ ନିୟମାବଳୀ କାର୍ଯ୍ୟକାରୀ ପାଇଁ ପ୍ରକଳ୍ପ ଅଧିକାରୀଙ୍କୁ ବିଚାର କରିବାର ଅଧିକାର ଦେବା।

(ଚ) ଏକ ଚୟନ କମିଟି (ଯେଉଁଥିରେ ପ୍ରକଳ୍ପ ଅଧିକାରୀ ମଧ୍ୟ ରହିବେ) ଦ୍ୱାରା ସମସ୍ତ *TSP* ପଦଗୁଡ଼ିକରେ ଅଧିକାରୀମାନଙ୍କୁ ନିଯୁକ୍ତ ଦେବା।

(ଛ) ଆଦିବାସୀ ଅଞ୍ଚଳରେ କାର୍ଯ୍ୟରତ ସମସ୍ତ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କର (ବିଡ଼ିଓ.ଙ୍କୁ ମଧ୍ୟ) ସେବା ଖାତା (Service registerରେ ଟିପ୍ପଣୀ ଦେଇପାରିବେ।

(ଜ) କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଆଦିବାସୀ କଲ୍ୟାଣ) : ଅଭିଯାନ୍ତ୍ରିକ ଶାଖା ବିଭିନ୍ନ ନିର୍ମାଣ କାର୍ଯ୍ୟ ଯେପରିକି - ବିଦ୍ୟାଳୟ କୋଠାଘର, ଚେକ୍ ଡ୍ୟାମ୍, କାର୍ଯ୍ୟାଳୟ କୋଠା ଆଦି ଏବଂ ଅନ୍ୟ କ୍ଷୁଦ୍ର ଶିଳ୍ପ ଗୃହ। ଏହି ଶାଖାରେ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ କିଛି ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଲିପିକାର ଏବଂ ଅନ୍ୟ କ୍ଷେତ୍ରୀୟ କାର୍ଯ୍ୟ ନିର୍ବାହ କରନ୍ତି।

୨. **ବିଶେଷ ଡେପୁଟି ଜିଲ୍ଲାପାଳ (ଆଦିବାସୀ କଲ୍ୟାଣ) :** ଆଦିବାସୀଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଥିବା ଆଇନ ପ୍ରାବଧାନ ଗୁଡ଼ିକ ଯଥା ଭୂମି ହସ୍ତାନ୍ତର, ସାହୁକାରୀ ନିୟମାବଳୀ ଏବଂ ଋଣଭାରରୁ ମୁକ୍ତ କରିବା ନିୟମାବଳୀ ଆଦି କାର୍ଯ୍ୟକାରୀ କରାଇବା ଏହି ଅଧିକାରୀଙ୍କ କାର୍ଯ୍ୟ ଅଟେ।

୩. **ଜିଲ୍ଲା ସ୍ୱାସ୍ଥ୍ୟ ଏବଂ ଭେଷଜ ଅଧିକାରୀ :** ITDA କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚଳନ୍ତି ଭେଷଜ ଏକକ ଏବଂ ସରକାରୀ ଡାକ୍ତରଖାନା ଗୁଡ଼ିକର କାର୍ଯ୍ୟ ତଦାରଖ କରିବାକୁ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଯୁକ୍ତି ପ୍ରଦାନ କରିବାକୁ ଜିଲ୍ଲାସ୍ତରୀୟ ଭେଷଜ ଅଧିକାରୀଙ୍କ ସହିତ ଜଣେ ଅତିରିକ୍ତ ଜିଲ୍ଲା ଭେଷଜ ଅଧିକାରୀ ମଧ୍ୟ କାର୍ଯ୍ୟ କରନ୍ତି।

୪. **କୃଷିପ୍ରକଳ୍ପ ଅଧିକାରୀ :** ITDAର କୃଷି ଯୋଜନାଗୁଡ଼ିକର ଦାୟିତ୍ୱ କୃଷିପ୍ରକଳ୍ପ ଅଧିକାରୀଙ୍କର ଏବଂ ସେ କୃଷି କ୍ଷେତ୍ରରେ ସମ୍ପ୍ରସାରଣ କାର୍ଯ୍ୟ ସହିତ କୃଷିଭିତ୍ତିକ ଯୋଜନାଗୁଡ଼ିକ ପର୍ଯ୍ୟବେକ୍ଷଣ କରନ୍ତି।

୫. **ଉଦ୍ୟାନକୃଷି ପ୍ରକଳ୍ପ ଅଧିକାରୀ :** ସମସ୍ତ ଉଦ୍ୟାନକୃଷି କାର୍ଯ୍ୟକ୍ରମମାନ ଏବଂ ସାମାଜିକ ବନୀକରଣ ଓ ପୋଡୁଚାଷ କାର୍ଯ୍ୟ ଆଦି ITDA କ୍ଷେତ୍ରରେ ଉଦ୍ୟାନକୃଷି ଅଧିକାରୀ ତଦାରଖ ଓ ନିରୀକ୍ଷଣ କରିଥାନ୍ତି।

୬. **ଶିକ୍ଷା ପ୍ରକଳ୍ପ ଅଧିକାରୀ :** ଆଦିବାସୀ ପାଇଁ ସନ୍ତୋଷଜନକ ଶିକ୍ଷାସ୍ତର ସୁନିଶ୍ଚିତ କରିବା ପାଇଁ, ଶିକ୍ଷା ପ୍ରକଳ୍ପ ଅଧିକାରୀ ବିଶେଷତଃ ITDA କ୍ଷେତ୍ରରେ କାର୍ଯ୍ୟଶୀଳ ବିଦ୍ୟାଳୟଗୁଡ଼ିକର ଶିକ୍ଷା ପ୍ରଦାନ ବ୍ୟବସ୍ଥା ଓ ଏହାର ଉତ୍ତମତା ରକ୍ଷା କରିବା କାର୍ଯ୍ୟଗୁଡ଼ିକର ଦେଖ୍ ରେଖ୍ କରନ୍ତି।

୭. **ସହାୟକ ନିର୍ଦ୍ଦେଶକ (ଶିଳ୍ପ) :** ଆଦିବାସୀ ଅଞ୍ଚଳରେ ଶିଳ୍ପର ବିକାଶର ଦେଖରେଖ୍ ସହାୟକ ନିର୍ଦ୍ଦେଶକ (ଶିଳ୍ପ) କରନ୍ତି। ବୈଜ୍ଞାନିକ ସମ୍ମତ ପଦ୍ଧତି ସଂଯୋଗକରି କିପରି ଆଦିବାସୀମାନଙ୍କର ପାରମ୍ପାରିକ ଦକ୍ଷତାକୁ ବୃଦ୍ଧି କରିହେବ ଯଦ୍ୱାରା କୃଷିଭିତ୍ତିକ ଓ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରି ଲାଭ ନେବାରେ ସେମାନେ ଯତ୍ନଶୀଳ ହେବେ ଏହା ହେଉଛି ତାଙ୍କର ଦାୟିତ୍ୱ।

୮. **ସହାୟକ ନିର୍ଦ୍ଦେଶକ (ପଶମ ଉତ୍ପାଦନ ବାସେରିକଲ୍‌ରେ) :** ସେ ଟସର ଉତ୍ପାଦନ ଭଳି କାର୍ଯ୍ୟମାନ କାର୍ଯ୍ୟକାରୀ କରାନ୍ତି ଏବଂ ନିରୀକ୍ଷଣ କରନ୍ତି। ଏହା ବ୍ୟତୀତ ଆଦିବାସୀ କୃଷକଙ୍କୁ ଆବଶ୍ୟକତା ଅନୁଯାଇ ପରାମର୍ଶ ମଧ୍ୟ ଦିଅନ୍ତି।

୯. **ଜିଲ୍ଲା ଆଦିବାସୀ କଲ୍ୟାଣ ଅଧିକାରୀ :** ସେ ପ୍ରକଳ୍ପ ଅଧିକାରୀ, ITDA ଙ୍କୁ ଆଦିବାସୀ କଲ୍ୟାଣ ବିଭାଗ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାରେ ସହାୟତା କରନ୍ତି। ବିଶେଷ କରି ସେ ଶିକ୍ଷା ସମ୍ବନ୍ଧୀୟ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାନ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ପର୍ଯ୍ୟବେକ୍ଷଣ କରନ୍ତି।

୧୦. **ପଶୁଚିକିତ୍ସା ପ୍ରକଳ୍ପ ଅଧିକାରୀ :** ସେ ITDA କ୍ଷେତ୍ର ଭିତରେଥିବା ପଶୁ ଚିକିତ୍ସାଳୟଗୁଡ଼ିକ ନିରୀକ୍ଷଣ କରନ୍ତି। ସେ ଗାଈଗୋରୁ କିଣିବା ଆଦି ଯୋଜନାଗୁଡ଼ିକ ଦ୍ୱାରା ଆଦିବାସୀ ଲାଭାର୍ଥୀଙ୍କୁ ସହାୟତା କରନ୍ତି।

୧୧. **ପରିସଂଖ୍ୟାନ ଅଧିକାରୀ :** ସେ ITDA ର ସମସ୍ତ କାର୍ଯ୍ୟକ୍ରମ ବା ଯୋଜନା ଗୁଡ଼ିକର ତଥ୍ୟାବଳୀ ସଂଗ୍ରହ କରିବା, କାର୍ଯ୍ୟ ଯୋଜନା ଲେଖିବା ଓ ବିକାଶଶୀଳ ଯୋଜନା ଗୁଡିକର ତଦାରଖ କରିବା କାମ ଦାବି କରନ୍ତି।

୧୨. **ସଂଚାଳନା ଅଧିକାରୀ :** ସେ ବିଭିନ୍ନ କାର୍ଯ୍ୟାଳୟ ଏକକ ଏବଂ ଅନ୍ୟ ଅନୁଷ୍ଠାନମାନଙ୍କ ସମ୍ପର୍କୀତ ବିଷୟ ଗୁଡ଼ିକର ତଦାରଖ କରନ୍ତି।

୧୩. **ସହାୟକ ହିସାବ ଅଧିକାରୀ :** ITDA ହିସାବ ରଖିବା କାର୍ଯ୍ୟ ଏହି ଅଧିକାରୀ ଏବଂ ତାଙ୍କର କର୍ମଚାରୀମାନଙ୍କଦ୍ୱାରା କରାଯାଏ।

୧୪. **ସହାୟକ ପ୍ରକଳ୍ପ ଅଧିକାରୀ (ଲୋକ ସମ୍ପର୍କ) :** ବିଶେଷ ଲୋକସମ୍ପର୍କ ସେଲର ଦାୟିତ୍ୱରେ ସେ ରୁହନ୍ତି। ଆଦିବାସୀମାନଙ୍କ ମଧ୍ୟରେ ବିଭିନ୍ନ ବିକାଶ ଯୋଜନାଗୁଡିକ ବିଷୟରେ ବିଭିନ୍ନ ଉପକରଣ ଦ୍ୱାରା ସଚେତନତା ସୃଷ୍ଟି କରନ୍ତି।

୧୫. **ସଂପ୍ରସାରଣ ଅଧିକାରୀ (ମାଛଚାଷ)** ସେ ଆଦିବାସୀମାନଙ୍କୁ ମାଛଚାଷ ବିଷୟରେ ପରାମର୍ଶ ଦିଗ୍‌ଦର୍ଶନ ଦିଅନ୍ତି।

## ୩.୪ ଓଡ଼ିଶାରେ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା

ଆଦିବାସୀ ବିକାଶ କହିଲେ, ବିଭିନ୍ନ କ୍ଷେତ୍ରରେ ଥିବା ବିଭିନ୍ନ ଆଦିବାସୀ ସମାଜମାନଙ୍କର ବିଭିନ୍ନ ସ୍ତରୀୟ ବିକାଶର ବୁଝାଯାଏ । ଦେଶରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଆଦିବାସୀମାନଙ୍କର ଆବଶ୍ୟକତା ଓ ପ୍ରାଥମିକତା ଆଧାରରେ ଏହି ଆଦିବାସୀ ବିକାଶ ପ୍ରକ୍ରିୟାରେ ଅନେକ ପରିବର୍ତ୍ତନ ଆସିଛି । ଉଦାହରଣ ସ୍ୱରୂପ, ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଆଦିବାସୀମାନଙ୍କ ବିକାଶ ପାଇଁ କ୍ଷେତ୍ର ବିକାଶ ପ୍ରକ୍ରିୟାର ଅୟମାରମ୍ଭ ହୋଇଥିଲା ଯେଉଁଥିରେ ବିଭିନ୍ନ ଆଦିବାସୀ ବହୁଳ କ୍ଷେତ୍ରଗୁଡ଼ିକରେ ଆଦିବାସୀ ବ୍ଲକ୍ ଚିହ୍ନଟ କରାଯାଇଥିଲା । କିନ୍ତୁ ସେମାନଙ୍କର ବିବିଧତା ଓ ସମସ୍ୟାଗୁଡ଼ିକର ଭୀଷଣତା ଯୋଗୁଁ ସେମାନଙ୍କୁ ପ୍ରକୃତ ବିକାଶ କାର୍ଯ୍ୟକ୍ରମଗୁଡ଼ିକରେ ଠିକ୍ ଭାବେ ସମନ୍ୱିତ କରାଯାଇପାରିନଥିଲା । ଫଳସ୍ୱରୂପ ଆଦିବାସୀ ବିକାଶ ବ୍ଲକ୍ ଗୁଡ଼ିକରେ ଗଠନ କରାଗଲା ଏବଂ ୭୫ଟି ଆଦିବାସୀ ବିକାଶ (TD)ବ୍ଲକ୍ ଓଡ଼ିଶାରେ ଚିହ୍ନଟ ହେଲା ଓ ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ପାନୀୟଜଳ ଆଦି କ୍ଷେତ୍ରରେ ସୁବିଧାମାନ କରାଗଲା । ଏହି ସବୁ ଯୋଜନାମାନଙ୍କ ଦ୍ୱାରା ସେହି କ୍ଷେତ୍ରଗୁଡ଼ିକର ବିଶେଷକରି ଆଦିବାସୀମାନଙ୍କର ବିକାଶ ସାଧିତ ହେଲା । ଏହି ପ୍ରକ୍ରିୟା ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ସମାପ୍ତି ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ୧୧୮ଟି ବ୍ଲକ୍ ଆଦିବାସୀ ଜନସଂଖ୍ୟା ବହୁଳତା ଆଧାରରେ ଚିହ୍ନଟ କରାଗଲା ଯାହାକୁ ITDA ନାମରେ TSP ଯୋଜନା ଅନ୍ତର୍ଭୂକ୍ତ କରାଗଲା । ITDA ଗୁଡ଼ିକ ହେଉଛି ପ୍ରଥମ/ ମୁଖ୍ୟ ଆଦିବାସୀ ବିକାଶ ସଂସ୍ଥା । ଓଡ଼ିଶାରେ ୨୧ଟି ଉଇ ମାଧ୍ୟମରେ ସମୁଦାୟ ୧୧୮ଟି ବ୍ଲକ୍‌ରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି ଯଥା - ITDA କୋରାପୁଟ, ଜୟପୁର, ମାଲକାନାଗିରି, ନବରଙ୍ଗପୁର, ରାୟଗଡା, ଗୁଣୁପୁର, ରାମପୁର, ବାରିପଦା, କପ୍ତିପଦା, କରଞ୍ଜିଆ, ରାଇରଙ୍ଗପୁର, ସୁନ୍ଦରଗଡ଼, ବଣାଇ, ପାନପୋଷ, କେଉଁଝର, ଚମ୍ପୁଆ, କୁଚିଣ୍ଡା, ନୀଳଗିରି, ପାରଳାଖେମୁଣ୍ଡି, ବାଲିଗୁଡ଼ା ଏବଂ ଫୁଲବାଣୀ । ପ୍ରତ୍ୟେକ ITDA ରେ ଜଣେ ପ୍ରକଳ୍ପ ପ୍ରଶାସକ, ଯେ କି O.A.S ବା I.A.S. ପାହ୍ୟାରେ ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ ଅଛନ୍ତି । ଏହାଛଡ଼ା, ପ୍ରତ୍ୟେକ ITDAରେ ଗୋଟିଏ ଅଭିଯାନ୍ତ୍ରିକ ସେଲ୍ ସହାୟକ ଯନ୍ତ୍ରୀଙ୍କ ଦାୟିତ୍ୱରେ ଅଛି ।

ରାଜ୍ୟରେ ପ୍ରମୁଖ ବିଭାଗ ହିସାବରେ SC, ST, ଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗଙ୍କର ସର୍ବାଙ୍ଗୀନ ବିକାଶ ଓ କଲ୍ୟାଣ ପାଇଁ ରାଜ୍ୟ SC, ST, ଲଘୁ ସମ୍ପଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଛି । ଏହି ବିଭାଗର ଲକ୍ଷ୍ୟ ହେଲା ବିଭିନ୍ନ ନୀତି, ନିୟମ, ଆଇନ, ଯୋଜନା ଓ ନିୟମାବଳୀ ଆଦି ଏହି ଶ୍ରେଣୀୟ ଲୋକଙ୍କ ଆର୍ଥିକ ସାମାଜିକ ଓ ଶୈକ୍ଷିକ ବିକାଶ ପାଇଁ ତିଆରି କରିବା ଓ ପରିଚାଳନ କରିବା । ଏହାର ମୁଖ୍ୟ ଲକ୍ଷ୍ୟ ହେଲା ପ୍ରମୁଖ ହିତଗ୍ରାହୀମାନଙ୍କୁ ଶିକ୍ଷା, ଆର୍ଥିକ ଓ ସାମାଜିକ ବିକାଶ ମାଧ୍ୟମରେ ସେମାନଙ୍କ ମଧ୍ୟର ଆତ୍ମବିଶ୍ୱାସ, ଆତ୍ମନିର୍ଭରତା ଆଦିସୃଷ୍ଟି କରିବ । ଏବଂ ସେମାନଙ୍କୁ ସଶକ୍ତ କରିବା । ରାଜ୍ୟର ପ୍ରାୟ ୪୪.୭୦ ପ୍ରତିଶତ କ୍ଷେତ୍ରକୁ ଅନୁସୂଚିତ କ୍ଷେତ୍ର ଭାବରେ ଦର୍ଶାଯାଇଛି ଯାହା ରାଷ୍ଟ୍ରପତିଙ୍କ କାର୍ଯ୍ୟଦେଶ କ୍ରମେ ସମ୍ବିଧାନର ପଞ୍ଚମ ଅନୁଚ୍ଛେଦର ପରିଚ୍ଛେଦରେ ଅନ୍ତର୍ଭୂକ୍ତ କରାଯାଇଛି । ଅଞ୍ଚ ସୂଚୀତ କ୍ଷେତ୍ର ହିସାବରେ ଓଡ଼ିଶାରେ ସମ୍ପୂର୍ଣ୍ଣ ମୟୁରଭଞ୍ଜ ଜିଲ୍ଲା, କୋରାପୁଟ, ମାଲକାନାଗିରି, ରାୟଗଡା, ନବରଙ୍ଗପୁର, ସୁନ୍ଦରଗଡ଼ ଏବଂ କନ୍ଧମାଳ ଜିଲ୍ଲା ଓ ଆର୍. ଉଦୟଗିରି ତହସିଲ,

ଗଜପତି ଜିଲ୍ଲାର ଗୁମ୍ମା ଓ ରାୟଗଡ଼ା ବ୍ଲକ୍, ଗଞ୍ଜାମର ସୋରଡା ତହସିଲ (ଗଜଲବାଡ଼ି ଓ ମୋଛା ପଞ୍ଚାୟତକୁ ଛାଡ଼ି), ସମ୍ବଲପୁରର କୁଚିଣ୍ଡା ତହସିଲ, କେଉଁଝରର ତେଲକୋଇ, କେନ୍ଦୁଝର, ଚମ୍ପୁଆ ଓ ବଡ଼ବିଲ ତହସିଲ, କଳାହାଣ୍ଡି ଜିଲ୍ଲାର ରାମପୁର, ଲାଞ୍ଜିଗଡ଼ ବ୍ଲକ୍ ଏବଂ ବାଲେଶ୍ୱର ନୀଳଗିରି ବ୍ଲକ୍ ଅନ୍ତର୍ଭୁକ୍ତ ।

## ୩.୫ ଜନଜାତି ଉପ-ଯୋଜନା ପ୍ରକ୍ରିୟା / ପଦ୍ଧତି

ଜନଜାତି ଉପ-ଯୋଜନା (TSP) ପଦ୍ଧତି ଆଦିବାସୀ ଅଞ୍ଚଳ ଗୁଡ଼ିକର ସମନ୍ୱିତ ବିକାଶର ପରିକଳ୍ପନା କରେ ଯେଉଁଥିରେ, ପାଣ୍ଠିର ନିର୍ବିଶେଷରେ ସମସ୍ତ ଯୋଜନାଗୁଡ଼ିକ ଗୋଟିଏ ଛାତ ତଳେ କ୍ରିୟାମାନ ରହିବ ଯଦ୍ୱାରା ଆଦିବାସୀମାନଙ୍କର ଜୀବନଯାପନ ଶୈଳୀରେ ଉନ୍ନତିଥାପିବା ସହିତ ରାଜ୍ୟ ଅନ୍ୟ ବିକଶିତ ସ୍ଥାନ ଭଳି ଆଦିବାସୀ ଅଞ୍ଚଳରେ ମଧ୍ୟ ବିକାଶର ଲକ୍ଷ୍ୟ ହାସଲ କରାଯାଇପାରିବ । ଏଥିରେ ପ୍ରଥମ କାର୍ଯ୍ୟନୀତି ଭାବରେ ପରିବାର ଭିତ୍ତିକ ଆୟ ଉତ୍ପାଦନ ଯୋଜନା ଗୁଡ଼ିକ ଶିକ୍ଷା ଏବଂ ପ୍ରଶିକ୍ଷଣ ଦ୍ୱାରା କୃଷି, ଉଦ୍ୟାନ କୃଷି, ପଶୁପାଳନ, ପୋଷଣ ଦୂରୀକରଣ, ମାନବ ସମ୍ବଳ ବିକାଶ ଆଦି କ୍ଷେତ୍ରରେ ହାତକୁ ନିଆଯିବ । ଏହି କାର୍ଯ୍ୟନୀତି ରୋଜଗାର ଏବଂ ଆୟ ଉତ୍ପାଦନ କାର୍ଯ୍ୟ ଆଧାରରେ ପର୍ଯ୍ୟ ବେସିତ । ଅଳ୍ପ ବା ବହୁତ ପରିମାର୍ଜିତ ସହିତ ଏହି କାର୍ଯ୍ୟନୀତି ଏ ଯାବତ୍ ଆଦିବାସୀ ବିକାଶ କ୍ଷେତ୍ରରେ ଅବ୍ୟାହତ ରହିଛି ।

ଆମ ସମ୍ବିଧାନର କଲ୍ୟାଣକାରକ ଓ ବିକାଶକାରକ ଲକ୍ଷ୍ୟ ସାଧକ କରିବାର ମୂଖ୍ୟ ଉପକରଣ ହେଲା TSP, ଯାହା ଅତି ଯତ୍ନ ସହକାରେ ଯୋଜନା ଭିତ୍ତିକ ଭାବରେ କାର୍ଯ୍ୟକାରୀ କରାଯାଉଛି । ଏହା ବ୍ୟତୀତ, ୨୧ଟି ITDA, ଲକ୍ଷ ଆଦିବାସୀ (ରାଜ୍ୟର) ପ୍ରାୟ ଆଦିବାସୀ ଜନସଂଖ୍ୟାଙ୍କ ବିକାଶରେ ସହଯୋଗ କରୁଛି । ଅଳ୍ପ ସୂଚୀତ କ୍ଷେତ୍ର ବାହାର ରହୁଥିବା ଆଦିବାସୀଙ୍କ ପାଇଁ ୧୧୬ଟି ସଂଶୋଧିତ କ୍ଷେତ୍ର ବିକାଶ ସଂସ୍ଥା (Modified area development agency MADA)୧୪ଟି କ୍ଲଷ୍ଟରରେ କାର୍ଯ୍ୟ କରୁଛି । ଯେଉଁ ସାଙ୍ଗ ଆଦିବାସୀ ମାନେ ବିସ୍ତୃତ ଭାବେ ଅବସ୍ଥାନ କରୁଛନ୍ତି ସେମାନଙ୍କ ପାଇଁ DTDP ଯୋଜନା କାର୍ଯ୍ୟ କରୁଛି । ଏହା ସହିତ ୧୭ଟି ଅଣୁ ପ୍ରକଳ୍ପ ୧୩ଟି ଆଦିମ ଆଦିବାସୀ ସମ୍ପ୍ରଦାୟର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରୁଛି । ସମସ୍ତ ୧୭ଟି ଅଣୁ ପ୍ରକଳ୍ପ ମଧ୍ୟରୁ ୧୩ଟି ଅନୁସୂଚିତ କ୍ଷେତ୍ରରେ ହିଁ କାର୍ଯ୍ୟ କରୁଛି ।

## ୩.୬ TSPର ଲକ୍ଷ୍ୟ ଏବଂ କାର୍ଯ୍ୟ ନୀତି

TSP ର ମୂଖ୍ୟତଃ ଦୁଇଟି ଲକ୍ଷ୍ୟ ଅଛି । ପ୍ରଥମତଃ, ଅନୁସୂଚିତ ଜନଜାତି ଏବଂ ସେମାନଙ୍କର ସ୍ଥାନର ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ଆଦିବାସୀମାନଙ୍କୁ ଶୋଷଣରୁ ରକ୍ଷା କରିବା । ବହୁମୂଖ୍ୟୟ କାର୍ଯ୍ୟନୀତି ଗ୍ରହଣ କରି ଆଦିବାସୀ ଓ ସମସ୍ତ ମାନବସମାଜ ମଧ୍ୟରେ ରହିଥିବା ଦୂରତାକୁ ସଂକୀର୍ଣ୍ଣ କରିବାର ପରିକଳ୍ପନା ଆଦିବାସୀ ମାନଙ୍କର ବିକାଶସ୍ତରରେ ଉନ୍ନତି ଦ୍ୱାରା କରାଯାଏ ।

TSP ର ଲକ୍ଷ୍ୟ ନିମ୍ନରେ ଦିଆଗଲା -

ସମ୍ବଳର ସୁବିଧା ପ୍ରଦାନ କରିବା, ରୋଜଗାର ସୁଯୋଗ ବୃଦ୍ଧି କରିବା ଏବଂ ଏହାଦ୍ୱାରା ଅତି ଗରିବ ଶ୍ରେଣୀର ଆଦିବାସୀଙ୍କର ଆୟସ୍ତର ବୃଦ୍ଧି କରିବା। PVTG ମାନଙ୍କର ବଞ୍ଚିବାର ଅଧିକାର, ସୁରକ୍ଷା ଏବଂ ବିକାଶ କରି ସମାଜର ଅନ୍ୟ ଅନୁସୂଚୀତ ଜନଜାତି ମାନଙ୍କର ଜଙ୍ଗଲ ଉପରେ ଅଧିକାରର ସୁରକ୍ଷା କରିବା ଏହା ସହିତ ସ୍ଥାନାନ୍ତରଣ କୃଷକମାନଙ୍କର ଅଧିକାର ବଜାୟ ରଖିବା। ଗମନାଗମନ ଓ ଅର୍ଥନୈତିକ ଭିତ୍ତିଭୂମି ଏବଂ ସାମାଜିକ ଭିତ୍ତିଭୂମି ଆଦି କ୍ଷେତ୍ରରେ ଥିବା ଅଭାବକୁ ପୂରଣ କରିବା। ଅନୁସୂଚୀତ ଜନଜାତିଙ୍କ ସ୍ୱାସ୍ଥ୍ୟଗତ ସ୍ଥିତିକୁ ସାଧାରଣ ସ୍ୱାସ୍ଥ୍ୟ ସେବା ପ୍ରଦାନ ବ୍ୟବସ୍ଥାଦ୍ୱାରା ଉନ୍ନତି କରେଇବା, ବିଶେଷକରି ମାତୃ ମୃତ୍ୟୁଲାଭ ଓ ଶିଶୁ ମୃତ୍ୟୁହାର କୁ କମ୍ କରିବା ଏବଂ ମ୍ୟାଲେରିଆର ନିରାକରଣ କରେଇବା। ସାଧାରଣ ଜନତା ଓ ଆଦିବାସୀଙ୍କ ମଧ୍ୟରେ ଶିକ୍ଷାଗତ ବ୍ୟବଧାନକୁ ବିଶେଷକରି ପ୍ରାଥମିକ ଶିକ୍ଷା ପ୍ରଦାନ ଦ୍ୱାରା ପୂରଣ କରିବା। ସେମାନଙ୍କ ମଧ୍ୟରେ ଥିବା ନିମ୍ନ ସାକ୍ଷରତା ହାରକୁ କମ୍‌କରି ସାକ୍ଷରତା ହାର ବଢ଼େଇବା ଯାହାକି ପଛୁଆ ହେବାର ଏକ ବଡ଼ କାରଣ ଅଟେ।

ରାଜ୍ୟ ସରକାର ତାଙ୍କ ଚେଷ୍ଟାବଳରେ ଅନୁସୂଚୀତ ଜନଜାତିଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଅନେକ ବିଶେଷ ଯୋଜନା ମାନ ଆରମ୍ଭ କରିଛନ୍ତି ଯଥା - ବୈଧାନିକ ଆଇନଗତ ସହାୟତା, ପୀଡ଼ିତ ମାନଙ୍କର ପୁନରୁଦ୍ଧାର, ଆବାସିକ ସୁବିଧା, ବିଶେ ରୋଜଗାର କାର୍ଯ୍ୟାଳୟ ର ପ୍ରତିଷ୍ଠା, ରୋଜଗାରରେ ସଂରକ୍ଷଣର ବ୍ୟବସ୍ଥା, ଆବାସିକ ବିଦ୍ୟାଳୟ ଗୁଡ଼ିକର ପ୍ରତିଷ୍ଠା ଏବଂ ହଷ୍ଟେଲ ପ୍ରତିଷ୍ଠା ଆଦି।

ସେମାନଙ୍କର ଉନ୍ନତି ପାଇଁ ରାଜ୍ୟ ସରକାର ନିମ୍ନଲିଖିତ କାର୍ଯ୍ୟନୀତି ଆପଣାଇଛନ୍ତି -

- ଶିକ୍ଷା କ୍ଷେତ୍ରକୁ ଆଦିବାସୀମାନଙ୍କର ସଶକ୍ତିକରଣ ପାଇଁ ଏକ ପ୍ରଭାବଶାଳୀ ଉପକରଣ ହିସାବରେ ଅଗ୍ରାଧିକାର ଦିଆଯାଇଛି।
- ମୌଳିକ/ପ୍ରାଥମିକ ଶିକ୍ଷାର ପ୍ରସାର, ବିସ୍ତାରଣ ଓ ସୁବିଧା ପ୍ରଦାନ କରିବାକୁ ଏବଂ ଆଦିବାସୀ ଛାତ୍ରଛାତ୍ରୀମାନେ କିପରି ଶିକ୍ଷା ମଝିରେ ନଛାଡ଼ି ସମ୍ପୂର୍ଣ୍ଣ କରିବେ ସେଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି।
- ସେମାନଙ୍କ ପାଠପଢ଼ା ସହିତ ହଷ୍ଟେଲ ସୁବିଧା, ବୃତ୍ତି ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି ଯଦ୍ୱାରା ସେମାନଙ୍କ ମଧ୍ୟରେ ସ୍କୁଲରେ ନାମଲେଖା ଏବଂ ଶିକ୍ଷା ସମାପ୍ତ କରିବା ହାରରେ ବୃଦ୍ଧି ଘଟିବ। ତେଣୁ ୧୦୦ଟି ଅନୁସୂଚୀତ ଜନଜାତି ଛାତ୍ରୀନିବାସ (ହଷ୍ଟେଲ)ଖୋଲା ଯାଇଛି।
- ବିଭିନ୍ନ ରୋଜଗାର ଏବଂ ଆୟ ଉତ୍ପାଦନ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାକୁ ବିଶେଷ ଦୃଷ୍ଟି ଦିଆଯାଇଛି।
- ଭୂମି ହସ୍ତାନ୍ତରଣ, ସାହୁକାରୀ, ବନ୍ଧକ ଦାସତ୍ୱ, ବ୍ୟବସାୟ, ଲଘୁବନ୍ୟ ଦ୍ରବ୍ୟର ବିକ୍ରି ଆଦି କ୍ଷେତ୍ରରେ ହେଉଥିବା ଶୋଷଣରୁ ଆଗୁଆ ପଦକ୍ଷେପ ଦ୍ୱାରା ରକ୍ଷା କରିବା ମଧ୍ୟ ସରକାରଙ୍କ ବିଶେଷ ଦୃଷ୍ଟି ଆକର୍ଷଣ କରିଛି।
- ୧୯୫୬ରେ ନିୟମ ୨ରେ ସଂଶୋଧନ କରାଯାଇଛି ଯଦ୍ୱାରା କ୍ଷୁଦ୍ରଚାଷୀଙ୍କ କ୍ଷେତୟରେ ବହୁଳ ଭାବରେ ହେଉଥିବା ଭୂମିର ସ୍ୱାମୀତ୍ୱକୁ ଆଦିବାସୀଙ୍କୁ ହସ୍ତାନ୍ତର କରିବାକୁ ରୋକ ହେବ।
- ସଂଶୋଧିତ ସାହୁକାରୀ ନିୟମାନୁସାରେ ଗ୍ରାମ ପଞ୍ଚାୟତକୁ ଗୋଟି, ଦକ୍ଷ ଜଗୁଆଳୀ ଭାବେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି ଯଦ୍ୱାରା ସାହୁକାରଙ୍କ ଦ୍ୱାରା ଆଦିବାସୀ ମାନଙ୍କର ନିର୍ଯ୍ୟାତନାକୁ ରୋକାଯାଇ ପାରିବ।

- ସମସ୍ତ ସ୍ତରୀୟ ଲାଭକାରୀ ଯୋଜନା ଯେପରି-SGSYରେ ଆଦିବାସୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି।
- ସମସ୍ତ ଆୟ-ଉତ୍ପାଦନ କାର୍ଯ୍ୟଗୁଡ଼ିକରେ, ଗୋଷ୍ଠୀ ଭିତ୍ତିକ ପଦ୍ଧତି ଗ୍ରହଣ କରାଯାଇ ସମସ୍ତଙ୍କୁ ଗୋଷ୍ଠୀ ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯାଇଛି ଯାହାଦ୍ୱାରା ସମୁଦାୟ ବା ଗୋଷ୍ଠୀଗତ ଏକତା ସେମାନଙ୍କର ମଧ୍ୟରେ ବଜାୟ ରହିବ।
- ଆଦିବାସୀମାନଙ୍କ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବାକୁ ବିକାଶମୁଖୀ କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରୀ ପଞ୍ଚାୟତିରାଜ ସଂସ୍ଥା ଦ୍ୱାରା କରାଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପ୍ରତିଷ୍ଠା କରାଯାଇ ସେମାନଙ୍କ ସାମାଜିକ ଏବଂ ସଶକ୍ତିକରଣ ସୁନିଶ୍ଚିତ କରାଯାଇଛି।
- SGRY, ITDA ଭଳି ଯୋଜନା ଦ୍ୱାରା ଯେଉଁଠି ଆବଶ୍ୟକ, ଆଦିବାସୀ ଲାଭାର୍ଥୀ ମାନଙ୍କର ସ୍ଥାୟୀ ଅର୍ଥନୈତିକ କାର୍ଯ୍ୟଗୁଡ଼ିକ କ୍ଷେତ୍ରରେ ଅଭାବଜନିତ ମୂଳଭିତ୍ତି ସହାୟତା ପ୍ରଦାନ କରାଯାଉଛି।
- ଦୁର୍ଗମ ଆଦିବାସୀ ଅଞ୍ଚଳ ଗୁଡ଼ିକରେ ଗମନାଗମନ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯାଇ ଗ୍ରାମୀଣ ରାସ୍ତା ଏବଂ କ୍ଷୁଦ୍ର ପୋଲ ତିଆରି କାମ କରାଯାଉଛି। ପାହାଡ଼ିଆ ଅଞ୍ଚଳରେ କଲଭର୍ଟମାନ ନିର୍ମାଣ କରାଯାଇଛି ଯଦ୍ୱାରା ଆଦିବାସୀମାନେ ଅନ୍ୟାନ୍ୟ ସେବା ପାଇବା ସହିତ ବଜାର ସୁବିଧା ଦ୍ୱାରା ନିଜର ଦ୍ରବ୍ୟଗୁଡ଼ିକ ବିକ୍ରୟ କରିବାର ସୁବିଧା ପାଇବେ।
- PVTGମାନଙ୍କର ବିକାଶ ପାଇଁ ବିଶେଷ ଦୃଷ୍ଟି ଦିଆଯାଇଛି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସୁନିଶ୍ଚିତ କରାଯାଉଛି। PVTG ଙ୍କ ସଂରକ୍ଷଣ ଓ ବିକାଶ ଯୋଜନା ଭଳି ଏକ କେନ୍ଦ୍ରୀୟ ଯୋଜନା ୨୦୦୭-୦୮ ମସିହାରୁ ଆରମ୍ଭ କରାଯାଇ ଏଯାବତ୍ ସୁବିଧା ପ୍ରଦାନ କରାଯାଉଛି।

ତଥାପି, ଅନେକ ଆଦିବାସୀ ଉପରୋକ୍ତ ସୁବିଧାରୁ ବଞ୍ଚିତ ରହୁଛନ୍ତି। ତେଣୁ ଏହା ଆବଶ୍ୟକ ଯେ କିପରି ଅଧିକରୁ ଅଧିକ ଆଦିବାସୀମାନଙ୍କୁ ବିକାଶମୂଳକ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। କିଛି ଆଦିବାସୀ ସମୁଦାୟ ବା ପରିବାର ଅତ୍ୟନ୍ତ ଦୁର୍ଗମ ଏବଂ ଏକାନ୍ତ ଅଞ୍ଚଳରେ ରହୁଥିବାରୁ ବିକାଶର ଧାରା ସେମାନଙ୍କ ପାଖରେ ପହଞ୍ଚି ପାରିବି। ତେଣୁ, ସଂଶୋଧିତ କ୍ଷେତ୍ର ବିକାଶ ପଦ୍ଧତି (MADA) ପଞ୍ଚମ ପଞ୍ଚବାର୍ଷିକ ଯୋଜନାର ଶେଷଭାଗରେ ଗ୍ରହଣ କରାଯାଇଥିଲା ଯାହ ୧୦,୦୦୦ ରୁ ଜନଜାତି ରହୁଥିବା ସ୍ଥାନଗୁଡ଼ିକରେ କାର୍ଯ୍ୟକାରୀ କରାଯାଇଥିଲା। ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଆଦିବାସୀ ବିକାଶ ପାଇଁ ଆହୁରି ଅଧିକ ଆଦିବାସୀ କ୍ଷେତ୍ର କ୍ଲଷ୍ଟର ପଦ୍ଧତି ଦ୍ୱାରା ସମ୍ମିଳିତ କରାଯାଇଥିଲା। ତଥାପି, ଏହା ଦେଖାଯାଇଥିଲା ଯେ PVTG ମାନେ ଅତ୍ୟଧିକ ପଛୁଆ ହୋଇ ରହିଯାଇଛନ୍ତି। ତେଣୁ ୧୩ଟି PVTG ଙ୍କୁ ଚିହ୍ନଟକରି ୧୭ଟି ଅଣୁ ପ୍ରକଳ୍ପ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରତିଷ୍ଠା କରାଯାଇଥିଲା। ଯେଉଁ ଆଦିବାସୀମାନେ ITDA, ଅଣୁ ପ୍ରକଳ୍ପ, ଗଇଉଇ ବା କ୍ଲଷ୍ଟର ଯୋଜନା କ୍ଷେତ୍ରରେ ବାହାରେ ଅବସ୍ଥାନ କରୁଛନ୍ତି, ସେମାନଙ୍କ ପାଇଁ ଡିସ୍‌ପର୍ଜଡ ଟ୍ରାଇବାଲ୍ ଡେଭେଲପ୍‌ମେଣ୍ଟ ଯୋଜନା DTDP, SC, ଏବଂ ST ବିକାଶ ବିତ୍ତ ସମବାୟ ପରିଷଦ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି।

ST ମାନଙ୍କ ପାଇଁ ଥିବା ବିଶେଷ ପ୍ରକଳ୍ପଗୁଡ଼ିକ ନିମ୍ନରେ ଦିଆଗଲା -

| ପ୍ରକଳ୍ପ ନାମ | ପ୍ରକଳ୍ପ ସଂଖ୍ୟା |
|---|---|
| ୧. ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ITDA) | ୨୧ |
| ୨. PVTG ଙ୍କ ପାଇଁ ଅଣୁ ପ୍ରକଳ୍ପ | ୧୭ |
| ୩. ସଂଶୋଧିତ କ୍ଷେତ୍ର ବିକାଶ ପଦ୍ଧତି କ୍ଷେତ୍ର ଗଇଡଇ | ୪୬ |
| ୪. କ୍ଲଷ୍ଟର କ୍ଷେତ୍ର | ୧୪ |

ଷଷ୍ଠ ପଞ୍ଚବାର୍ଷିକ ଯୋଜନାଠାରୁ MADA ଯୋଜନା କାର୍ଯ୍ୟକାରୀ କରାଯାଇ ଆସୁଛି । ଏହା TSP କ୍ଷେତ୍ର ବାହାରୁ ଅବସ୍ଥାପିତ ଆଦିବାସୀମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରୁଛି । ଯେଉଁ କ୍ଷେତ୍ରରେ ସମ୍ପୂର୍ଣ୍ଣ ଜନସଂଖ୍ୟାର ୫୦ ପ୍ରତିଶତ ଜନସଂଖ୍ୟାଠୁ କମ୍ ସଂଖ୍ୟକ ଆଦିବାସୀ ଲୋକ ଅଛନ୍ତି ବା ୧୦.୦୦୦ ଜନସଂଖ୍ୟା ଠୁ କମ୍ ଆଦିବାସୀ ଲୋକ ବସବାସ କରି ରହିଛନ୍ତି ସେ କ୍ଷେତ୍ରରେ ଗଇଡଇ କାର୍ଯ୍ୟ କରୁଛି । ରାଜ୍ୟରେ ୧୭ ଟି ଜିଲ୍ଲାରେ ୪୭ ଟି ବ୍ଲକ୍‌ରେ, ୪୬ଟି ଗଇଡଇ କ୍ଷେତ୍ର ଚିହ୍ନଟ କରାଯାଇ ପ୍ରାୟ ୫.୬୮ ଲକ୍ଷ ଆଦିବାସୀଙ୍କୁ (୨୦୦୧ ଜନଗଣନା) ଅନ୍ତର୍ଭୁକ୍ତ କରାଯାଇଛି । ବି.ଡ଼ିଓଙ୍କ ଦ୍ୱାରା ଏହି କ୍ଷେତ୍ରରେ ଆଦିବାସୀମାନଙ୍କ ପାଇଁ ବିଭିନ୍ନ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି କ୍ଷେତ୍ରରେ ଆୟ ଉତ୍ପାଦନ ଯୋଜନା ଗୋଷ୍ଠୀ ପାଖରେ ଏବଂ ସମୁଦାୟ-ଭିତ୍ତିକ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ପ୍ରତ୍ୟେକ MADA ପ୍ରକଳ୍ପରେ ସ୍ଥାନୀୟ ଗଚ,ଗଖଇ ସଦସ୍ୟ ଭାବରେ ଥାଇ, ଉପ-ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏବଂ ଅନ୍ୟ ଅଧିକାରୀ ଏବଂ ଅଣ-ଅଧିକାରୀଙ୍କୁ ନେଇ ଗୋଟିଏ ଗଇଡଇ ପ୍ରକଳ୍ପ ସ୍ତରୀୟ କମିଟି ଅଛି ।

ଏହି କମିଟି ଯୋଜନାମାନ ତିଆରି କରି ଏହାର କାର୍ଯ୍ୟକାରୀ କରାଇବା କାର୍ଯ୍ୟ ତଦାରଖ କରନ୍ତି । କ୍ଲଷ୍ଟର ପଦ୍ଧତି ସପ୍ତମ ପଞ୍ଚବାର୍ଷିକ ଯୋଜନାର ମଧ୍ୟଭାଗରେ ଆପଣା ଯାଇଥିଲା । ଏହା ଦ୍ୱାରା MADA ରୁ ଯେଉଁ ଆଦିବାସୀ କ୍ଷେତ୍ରଗୁଡ଼ିକ ବଞ୍ଚିତ ହେଲେ, ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଚେଷ୍ଟା କରାଗଲା । ସଂସ୍ପର୍ଶ କ୍ଷେତ୍ର ଯେଉଁଠି ୫୦୦୦ ବା ତତ୍‌ଊର୍ଦ୍ଧ ଆଦିବାସୀ ଏକତ୍ରିତ ହୋଇ ବସବାସ କରୁଥିବେ ବା ଅତିକମ୍‌ରେ ୫୦ ପ୍ରତିଶତ ଆଦିବାସୀ ଥିବେ, ସେହିପରି କ୍ଷେତ୍ରକୁ କ୍ଲଷ୍ଟର ଭାବେ ଚିହ୍ନଟ କରାଗଲା । ଏହି ପ୍ରକାରର ୧୪ଟି କ୍ଲଷ୍ଟର କ୍ଷେତ୍ର ରାଜ୍ୟରେ ୧୦ ଟି ଜିଲ୍ଲାର ୧୩ଟି ବ୍ଲକ୍‌ରେ ପ୍ରାୟ ୬୨,୦୨୧ ଆଦିବାସୀଙ୍କୁ (ଜନଗଣନା) ନେଇ ଚିହ୍ନଟ କରାଗଲା । MADA କ୍ଷେତ୍ରପରି କ୍ଲଷ୍ଟର କ୍ଷେତ୍ରରେ ସମାନ ପ୍ରକାର ପ୍ରଶାସନିକ ବ୍ୟବସ୍ଥା ନିହିତ ରହିଛି ।

## ୩.୭ ସାରାଂଶ

ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥାର ମୁଖ୍ୟ ଲକ୍ଷ୍ୟ ହେଲା - ଆୟ ଉତ୍ପାଦନ କାର୍ଯ୍ୟ ଏବଂ ସମବର୍ଗୀୟ ଅବସଂରଚନା (infrastructure) ବିକାଶ ଦ୍ୱାରା ଆଦିବାସୀ ସଂପ୍ରଦାୟଗୁଡ଼ିକର ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ସେମାନଙ୍କୁ ଶୋଷଣରୁ ସୁରକ୍ଷା ପ୍ରଦାନ କରିବା । ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ପରିଯୋଜନା

କ୍ଷେତ୍ର ହେଉଛି ଗୋଟିଏ ତହସିଲ ବା ବ୍ଲକ୍ ଯେଉଁଠି ପୂର୍ଣ୍ଣ ଜନସଂଖ୍ୟାର ୫୦ ପ୍ରତିଶତ ବା ତଦୁର୍ଦ୍ଧ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର ଥିବେ। ଓଡ଼ିଶାରେ ପ୍ରାୟତଃ ୧୧୮ଟି ବ୍ଲକ୍‌ରେ ୫୦ ପ୍ରତିଶତ ବା ଏହାଠୁ ଉର୍ଦ୍ଧ୍ୱ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟ ଅଟନ୍ତି ଏବଂ ସେମାନେ ୨୧ ଟି ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଯୋଜନାର ଅନ୍ତର୍ଭୂକ୍ତ ଅଟନ୍ତି।

## ୩.୮ ମୁଖ୍ୟ ଶବ୍ଦାବଳୀ

- ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା : ଆୟ ଉତ୍ପାଦନ କାର୍ଯ୍ୟ ଏବଂ ସମବର୍ଗୀୟ ଅବସଂରଚନା (infrastructure) ବିକାଶ ଦ୍ୱାରା ଆଦିବାସୀ ସଂପ୍ରଦାୟଗୁଡ଼ିକର ସାମାଜିକ ଓ ଅର୍ଥନୈତିକ ବିକାଶ ଏବଂ ସେମାନଙ୍କୁ ଶୋଷଣରୁ ସୁରକ୍ଷା ପ୍ରଦାନ କରିବା।
- ଜନଜାତି ଉପ-ଯୋଜନା : ଏହା ଆଦିବାସୀ ଅଞ୍ଚଳଗୁଡ଼ିକର ସମନ୍ୱିତ ବିକାଶର ପରିକଳ୍ପନା କରେ ଯେଉଁଥିରେ ବହୁମୁଖୀ କାର୍ଯ୍ୟ ପଦ୍ଧତିମାନ ଗ୍ରହିତା କରି ଆଦିବାସୀ ଓ ଅଣ- ଆଦିବାସୀମାନଙ୍କ ମଧ୍ୟରେ ଥିବା ଆର୍ଥିକ ତାରତମ୍ୟକୁ ଦୂର କରାଯାଏ।
- ସଂଶୋଧିତ କ୍ଷେତ୍ର ବିକାଶ ସଂସ୍ଥା : ସଂଶୋଧିତ କ୍ଷେତ୍ର ବିକାଶ ସଂସ୍ଥା ଯୋଜନା ଷଷ୍ଠବାର୍ଷିକ ଯୋଜନା ସମୟରୁ କାର୍ଯ୍ୟକ୍ଷମ ହୋଇ ଆସୁଛି। ଏହା ଜନଜାତି ଉପ-ଯୋଜନା କ୍ଷେତ୍ରର ବାହାରେ ବିଛୁରିତ ହୋଇ ବସବାସ କରୁଥିବା ଆଦିବାସୀମାନଙ୍କର ସମଗ୍ର ବିକାଶ ପାଇଁ କାର୍ଯ୍ୟ କରେ।

## ୩.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. ITDA ର ଲକ୍ଷ୍ୟଗୁଡ଼ିକ କ'ଣ ?

୨. ITDAର ଅଭିଯାନ୍ତ୍ରିକ ଶାଖାର ଦାୟିତ୍ୱ କ'ଣ ?

୩. ନିମ୍ନ ଶବ୍ଦଗୁଡ଼ିକର ପୂର୍ଣ୍ଣ ଆକାର ଲେଖ –

ITDA :-

TSP :-

MADA :-

DTDP :-

PVTG :-

## ୩.୧୦ ସହାୟକ ଗ୍ରନ୍ଥସୂଚୀ


- ସାମନ୍ତ, ଆର.କେ ୧୯୮୯ କୃଷି ଏବଂ ଗ୍ରାମୀଣ ବିକାଶରେ ପରିଚାଳନା, ନୂଆଦିଲ୍ଲୀ, UDH ପ୍ରକାଶନ।
- ଗୋଏଲ, ଆର ୨୦୧୨ ପଞ୍ଚାୟତରାଜ ଏବଂ ଗ୍ରାମୀଣ ବିକାଶ, ସୋନାଲି ପ୍ରକାଶନ।

# ଚତୁର୍ଥ ଏକକ :

# ସଂଶୋଧିତ କ୍ଷେତ୍ର ବିକାଶ ସଂସ୍ଥା  ଏବଂ ଅଣୁ ପ୍ରକଳ୍ପ

**ବିଷୟ ଗଠନ :**

୪.୦ ପଠନର ଉଦ୍ଦେଶ୍ୟ

୪.୧ ଉପକ୍ରମ

୪.୨ ସଂଶୋଧିତ କ୍ଷେତ୍ର ବିକାଶ ପଦ୍ଧତି (MADA) ପକେଟ

୪.୩ TSPକୁ ବିଶେଷ ସହାୟତା

୪.୪ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ITDA)

୪.୫ ସଂରକ୍ଷଣ ବିକାଶ ଯୋଜନା (Conservation-Cum-Development-CCD Plan)

୪.୬ ସଂଶୋଧିତ କ୍ଷେତ୍ର ବିକାଶ ପଦ୍ଧତି (MADA)

୪.୭ ବିଛୁରିତ ଜନଜାତି ବିକାଶ ପରିଯୋଜନା

୪.୮ କେ.ବି.କେ ଜିଲ୍ଲାଗୁଡ଼ିକ ପାଇଁ ବିଶେଷ ଯୋଜନା (RLTAP)

୪.୯ ସାରାଂଶ

୪.୧୦ ମୂଖ୍ୟ ଶବ୍ଦାବଳୀ

୪.୧୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୧୨ ସହାୟକ ଗ୍ରନ୍ଥସୂଚୀ

## ୪.୦ ପଠନର ଉଦ୍ଦେଶ୍ୟ

ଏକ ଏକକ ପଠନ କରିଲା ପରେ, ବିଦ୍ୟାର୍ଥୀ ସକ୍ଷମ ହେବେ -

- MADA ର ଧାରଣା ବିଷୟରେ ବର୍ଣ୍ଣନା କରିବା
- ପ୍ରାଚୀନ/ଆଦିମ ଜନଜାତି ସମୁଦାୟ (PVTG) ବିଷରେ ଆଲୋଚନା କରିବ।
- PVTGଙ୍କର ସଂରକ୍ଷଣ ଏବଂ ବିକାଶ ଯୋଜନାର ବ୍ୟାଖ୍ୟା କରିବା
- KBK ଜିଲ୍ଲାପାଇଁ ଥିବା ବିଶେଷ ଯୋଜନା (Special Plan) ର ମହତ୍ୱ ବର୍ଣ୍ଣନା କରିବା।

## ୪.୧ ଉପକ୍ରମ

ସମନ୍ୱିତ ଆଦିବାସୀ ବିକାଶ ପ୍ରକଳ୍ପ (ITDA) ସାଧାରଣତଃ ସଂସ୍ପର୍ଶୀୟ କ୍ଷେତ୍ର (Contiguous areas) ଯେଉଁଠାରେ ୫୦ ପ୍ରତିଶତରୁ ଅଧିକ ଜନସଂଖ୍ୟା ଆଦିବାସୀ ସଂପ୍ରଦାୟର ଥିବେ, ସେହିଠାରେ କାର୍ଯ୍ୟ କରେ । ଆସାମ, କର୍ଣ୍ଣାଟକ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ଜନସଂଖ୍ୟା ବ୍ୟବଧାନ କାରଣରୁ ଅପେକ୍ଷାକୃତ ଛୋଟ ସଂସ୍ପର୍ଶୀ କ୍ଷେତ୍ର ଦେଖାଯାଆନ୍ତି । ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ (ITDP)ଗୁଡ଼ିକ ସଂସ୍ଥା ଭାବେ କାର୍ଯ୍ୟ କରନ୍ତି । ଏ ଯାବତ୍ ୧୯୪ ଟି ITDP ବା ITDA ଦେଶର ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଗୁଜୁରାଟ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ଓଡ଼ିଶା, ରାଜସ୍ଥାନ, ସିକ୍କିମ, ତାମିଲନାଡୁ, ତ୍ରିପୁରା, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଡାମନ୍ ଓ ଡିଉ ଦ୍ୱୀପପୁଞ୍ଜ ଭଳି କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଛି । ଜମ୍ମୁ ଓ କାଶ୍ମୀର ରାଜ୍ୟରେ ଯଦିଓ ଓଞଉଚ ନାହିଁ, ସେଠାକାର ଆଦିବାସୀମାନଙ୍କୁ ଜନଜାତି ଉପ-ଯୋଜନା (TSP) ମାଧ୍ୟମରେ, ବିକାଶ ସୁବିଧା ପ୍ରଦାନ କରାଯାଇଛି । ଦେଶର ୮ଟି ରାଜ୍ୟର ଅନୁସୂଚୀତ କ୍ଷେତ୍ରରେ ITDP/ITDA TSP ସମାନ୍ତରାଳରେ କାର୍ଯ୍ୟ କରୁଛି । ଏହି ITDP/ITDA ଗୁଡ଼ିକ ପ୍ରକଳ୍ପ ଅଧିକାରୀଙ୍କ ଅଧକ୍ଷତାରେ, (ପ୍ରକଳ୍ପ ପ୍ରଶାସକ ବା ନିର୍ଦ୍ଦେଶକ ଭାବରେ) କାର୍ଯ୍ୟ କରୁଛି ।

## ୪.୨ ସଂଶୋଧିତ କ୍ଷେତ୍ର ବିକାଶ ପଦ୍ଧତି (MADA) ପକେଟ

ଯେଉଁ ସ୍ଥାନରେ ଜନସଂଖ୍ୟା ଅନ୍ୟୁନ ୧୦,୦୦୦ ଏବଂ ଏହାର ୫୦ ପ୍ରତିଶତ ବା ଅଧିକ ଜନସଂଖ୍ୟା ଆଦିବାସୀ ଅଟନ୍ତି ସେହି ଜଗା ବା ପକେଟଗୁଡ଼ିକୁ MADA ଭାବରେ ଚିହ୍ନଟ କରାଯାଇଛି । ବିଭିନ୍ନ TSP ରାଜ୍ୟରେ ଏହି MADA ପ୍ରକଳ୍ପଗୁଡ଼ିକର ସଂଖ୍ୟା ୨୫୯ ଅଟେ । ସାଧାରଣତଃ, ପକେଟଗୁଡ଼ିକର ସ୍ୱତନ୍ତ୍ର ପ୍ରଶାସନିକ ସଂରଚନା ନ ଥାଏ । ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ଦ୍ୱାରା ଏହାର ଯୋଜନାଗୁଡ଼ିକ ଜିଲ୍ଲା ଅଧିକାରୀଙ୍କ ଦାୟିତ୍ୱରେ କାର୍ଯ୍ୟକାରୀ କରାଯାଇଥାଏ ।

- **କ୍ଲଷ୍ଟର :** ଯେଉଁ ଜାଗାରେ ଅନ୍ୟୁନ ୫୦୦୦ ବା ତତ୍‌ଊର୍ଦ୍ଧ୍ୱ ଜନସଂଖ୍ୟା ଥାନ୍ତି ଏବଂ ଏହାର ୫୦ ପ୍ରତିଶତ ବା ଅଧିକ ଜନସଂଖ୍ୟା ଅନୁସୂଚୀତ ଜନଜାତି ଅଟନ୍ତି, ସେପରି ସ୍ଥଳ ବିଶେଷରେ ଗୋଟିଏ କ୍ଲଷ୍ଟର ଚିହ୍ନଟ କରାଯାଏ । ଯେପରି MADA ପ୍ରକଳ୍ପରେ କୌଣସି ପ୍ରଶାସନିକ ଢ଼ାଞ୍ଚା ନ ଥାଏ ସେହିପରି କ୍ଲଷ୍ଟର କ୍ଷେତ୍ରରେ ମଧ୍ୟ କୌଣସି ସ୍ୱତନ୍ତ୍ର ପ୍ରଶାସନିକ ଢ଼ାଞ୍ଚା ରହିନଥାଏ । ଏ ଯାବତ୍, ବିଭିନ୍ନ TSP ରାଜ୍ୟଗୁଡ଼ିକରେ ୮୨ ଟି କ୍ଲଷ୍ଟର କ୍ଷେତ୍ର ଚିହ୍ନଟ କରାଯାଇଛି ।

- **ଅଧିବାସୀ/ଆଦିମ ଆଦିବାସୀ ସମୁଦାୟ (PTGI) :** Primitive Tribal Groups ଏବେ Particularly Vulnerable Tribal Groups କୁହାଯାଉଛି । ଏହି ସମୁଦାୟଗୁଡ଼ିକ ପ୍ରାୟତଃ ଏକାନ୍ତ ଓ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ବସବାସ କରି ରୁହନ୍ତି । ନିମ୍ନ ବିକାଶ ହାର, ପାରମ୍ପାରିକ କୃଷି ଉପକରଣ ବା ପ୍ରାକ୍-କୃଷି ସରଞ୍ଜାମର ବ୍ୟବହାର ଏବଂ ଅତି ନିମ୍ନ ସ୍ତରୀୟ ଶିକ୍ଷା ଆଦି ସେମାନଙ୍କର ବିଶେଷତ୍ୱ ଅଟେ । ଦେଶରେ ଏଯାବତ୍ ୭୫ ଟି ମାନଙ୍କୁ ଚିହ୍ନଟ କରାଯାଇଛି ତନ୍ମଧ୍ୟରୁ ୧୩ ଟି ଓଡ଼ିଶାରେ ଦେଖାଯାଆନ୍ତି ।

## ୪.୩ TSPକୁ ବିଶେଷ ସହାୟତା

**କେନ୍ଦ୍ରୀୟ ବିଶେଷ ସହାୟତା (Special Central Assistance - SCA) :**

ରାଜ୍ୟ ସରକାରଙ୍କ ରାଜ୍ୟ Tribal Sab-plan କୁ ଆଦିବାସୀ ମନ୍ତ୍ରାଳୟ ଦ୍ୱାରା ପ୍ରଦାନ କରାଯାଏ। ଆଦିବାସୀମାନଙ୍କ ଦ୍ରୁତ ବିକାଶରେ ଏହା ବିନିଯୋଗ ହୁଏ। ୧୦ମ ପଞ୍ଚବାର୍ଷିକ ଯୋଜନାଠାରୁ ଏହି SCA ର ଲକ୍ଷ୍ୟକୁ ସମ୍ପ୍ରସାରିତ କରାଯାଇଛି ଯାହା ବିଶେଷ କରି ରୋଜଗାର ଓ ଆୟ ଉତ୍ପାଦନ ଯୋଜନା ଏବଂ ପରିବାର ଆଧାରିତ ମୂଳଭିତ୍ତି ପ୍ରସ୍ତୁତ କରିବା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (SNG) ବା ସମୁଦାୟକୁ ଏହାର ଅନ୍ତର୍ଭୁକ୍ତ ତେଣୁ SCA ପ୍ରାଥମିକତା ଭାବେ ପରିବାରଭିତ୍ତିକ ଆର୍ଥିକ ଲାଭ ବା ଆୟ ଉତ୍ପାଦନ ଯୋଜନା ଯଥା - ପଶୁପାଳନ, ସମବାୟ ନିମନ୍ତେ ପ୍ରଦାନ କରାଯାଏ। SCA ର ଗୋଟିଏ ଭାଗ (୩୦% ରୁ ଅଧିକ ନୁହେଁ) ଏହି ଆୟଉତ୍ପାଦନ ଯୋଜନାର ଭିତ୍ତିଭୂମି ବିକାଶରେ ସ୍ଥଳ ବିଶେଷରେ ଖର୍ଚ୍ଚ କରାଯାଏ। ଆଦିବାସୀ ମନ୍ତ୍ରାଳୟ, ଭାରତ ସରକାର ଏହି SCA ସରକାରୀ ଅନୁଦାନ ହିସାବରେ ରାଜ୍ୟସରକାରଙ୍କୁ ଆଦିବାସୀ ଜନସଂଖ୍ୟା ଆଧାରରେ ପ୍ରଦାନ କରନ୍ତି। ଏହି ପାଣ୍ଠିରେ ସୂଚନା, ଶିକ୍ଷା ଓ ଯୋଗାଯୋଗ (Information, Education $ Communication - IEC) ସମ୍ପର୍କିତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଏ। ଏହି SCA ଅତିରିକ୍ତ ପାଣ୍ଠି ଭାବରେ TSP କୁ ପ୍ରଦାନ କରାଯାଏ ଯଦ୍ୱାରା TSP କ୍ଷେତ୍ରରେ ଥିବା ଆଦିବାସୀ ପରିବାରକୁ ବିଭିନ୍ନ ଆୟ ଉତ୍ପାଦନ କାରୀ ଯୋଜନା ଓ ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ବିକାଶରେ ସହାୟତା ପ୍ରଦାନ କରାଯାଇ ପାରିବ। SCA ର ଅନ୍ୟ ଏକ ଭାଗ OSFDC କୁ ପ୍ରଦାନ କରାଯାଏ ଯଦ୍ୱାରା DTDP ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ। SCA ର ଗୋଟିଏ ଛୋଟ ଭାଗ ଆଦିବାସୀ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଦୀକ୍ଷା ପାଇଁ ଶିକ୍ଷାଗତ ଭିତ୍ତିଭୂମି ବିକାଶରେ ଖର୍ଚ୍ଚ କରାଯାଉଛି। ଏହାଛଡ଼ା, ଅନ୍ୟ ପକ୍ଷରେ SCA ର କିଛି ଅଂଶ ITDA ଅଣୁ ପ୍ରକଳ୍ପ, ଗଇଡଇ ଏବଂ କ୍ଲଷ୍ଟର ପ୍ରକଳ୍ପ ଗୁଡ଼ିକୁମଧ ଦିଆଯାଏ ଯାହା ୭୦: ୩୦ ଅନୁପାତରେ ଆୟ-ଉତ୍ପାଦନ ଯୋଜନା ଓ ଭିତ୍ତିଭୂମି ବିକାଶ ଯୋଜନାରେ (IGS) Income Generation Schemes (IDS) and Infrastructure Development Schemesଖର୍ଚ୍ଚ କରାଯାଏ। ୧୦ ମ ପଞ୍ଚବାର୍ଷିକ ଯୋଜନାରେ (୨୦୦୨-୦୩ରୁ ୨୦୦୬-୦୭) ସର୍ବମୋଟ ୩୪୭.୬୨ କୋଟି ବିଭିନ୍ନ TSP କୁ SCA ଆଧାରରେ ପ୍ରଦାନ କରାଯାଇଛି।

## ୪.୪ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା (ITDA)

ନୋଡାଲ ସଂସ୍ଥାଭାବେ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥାର ପ୍ରତିଷ୍ଠା ୫ମ ପଞ୍ଚବାର୍ଷିକ ଯୋଜନା ସମୟରେ ହୋଇଥିଲା। ଅଧିକରୁ ଅଧିକ ଓଡ଼ିଶାରେ ୧୧୮ ଟି ବ୍ଲକ୍‌ରେ ୫୦ ପ୍ରତିଶତରୁ ଅଧିକ ଜନଜାତି ସଂମ୍ପ୍ରଦାୟର ଲୋକେ ବସବାସ କରନ୍ତି ଯାହା ୨୧ଟି ITDA ଦ୍ୱାରା ଅନ୍ତର୍ଭୁକ୍ତ କରାଯାଇଛି। ଏଗୁଡ଼ିକ ହେଲା- ITDA କୋରାପୁଟ, ଜୟପୁର, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ରାମପୁର, ବାରିପଦା, କପ୍ତିପଦା, କରଞ୍ଜିଆ, ରାଇରଙ୍ଗପୁର, ସୁନ୍ଦରଗଡ଼, ବଣାଇ, ପାନପୋଷ, କେନ୍ଦୁଝର, ଚମ୍ପୁଆ, କୁଚିଣ୍ଡା, ନୀଳଗିରି, ପାରଳାଖେମୁଣ୍ଡି, ବାଲିଗୁଡା ଏବଂ ଫୁଲବାଣୀ। ପ୍ରତ୍ୟେକ ITDA ରେ ଜଣେ ପ୍ରକଳ୍ପ ପ୍ରଶାସକ ନିଯୁକ୍ତ ହୋଇଛନ୍ତି ଯିଏ OAS ବା IAS ପାହ୍ୟାର ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ ଅଟନ୍ତି। ଏହା ବ୍ୟତୀତ, ପ୍ରତ୍ୟେକ I ITDA ରେ ଏକ ଅଭିଯାନ୍ତ୍ରିକ ସେଲ୍‌ର (ଜଣେ ସହାୟକ ଯନ୍ତ୍ରୀ ଓ ବୈଷୟିକ ମୁଖ୍ୟଙ୍କୁ ନେଇ) ସୁବିଧା ଅଛି।

**ଅଣୁ ପ୍ରକଳ୍ପ :**

Particularly Vulnerable Tribal Groups (PTGs) ଙ୍କୁ ଏକ ବିଶେଷ ବର୍ଗ ଭାବେ ବିଚାରକୁ ନିଆଯାଏ । ସେମାନେ ଅନ୍ୟ ଆଦିବାସୀ ସମ୍ପ୍ରଦାୟଠାରୁ ଭିନ୍ନ । ତାଙ୍କର ପ୍ରାକ୍ କୃଷି ଭିତ୍ତିକ ଅର୍ଥନୀତି, ଅତି ନିମ୍ନ ସାକ୍ଷରତା ହାର ଏବଂ ଜନବସତିରୁ ଅତି ଦୂରରେ ଏକାନ୍ତ ରହିବା ଆଦି ଯୋଗୁଁ ସେମାନେ ଅନ୍ୟ ମାନଙ୍କଠୁ ଭିନ୍ନ । ୫ମ ପଞ୍ଚବାର୍ଷିକ ଯୋଜନା ସମୟରେ ଏହା ନିଷ୍ପତ୍ତି ନିଆଯାଇଥିଲା ଯେ ଭାରତ ସରକାର PVTGS ଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କିଛି ନିଶ୍ଚିତ ଯୋଜନାମାନ ତିଆରି ଓ କାର୍ଯ୍ୟକାରୀ କରିବେ । ଏହା ବିଶେଷ କରି ସେମାନଙ୍କର ସାଂସ୍କୃତିକ, ସାମାଜିକ, ଶିକ୍ଷାଗତ ଓ ବୃତ୍ତିଗତ ପରିସ୍ଥିତିକୁ ଆନରେ ରଖି ଯୋଜନାମାନ ପ୍ରସ୍ତୁତ କରାଯାଇଛି ଯଦ୍ୱାରା ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିହେବ ଏବଂ ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ଏହି ଯୋଜନାଗୁଡ଼ିକ ସମୟ ସହିତ ଧୀରେ ଧୀରେ ଆହୁରି ସଂପ୍ରସାରିତ କରାଯାଇଛି । ଓଡ଼ିଶାରେ ଭାରତ ସରକାର ୧୩ଟି PVTGS ଚିହ୍ନଟ କରିଛି । ୨୦୦୭ ମସିହାରେ କରାଯାଇଥିବା ସର୍ଭେ ଆଧାରରେ ସେମାନଙ୍କ ସମୁଦାୟ ଜନସଂଖ୍ୟା ହେଉଛି ୭୮,୫୧୯ ଏବଂ ସେମାନେ ରାଜ୍ୟର ୧୨ ଟି ଜିଲ୍ଲାର ପ୍ରାୟ ୨୦ ଟି ବ୍ଲକରେ ବସବାସ କରି ରହୁଛନ୍ତି । ଆମ ରାଜ୍ୟରେ PVTG ମାନଙ୍କର ସମଗ୍ର ବିକାଶ ପାଇଁ ୧୭ ଟି ଅଣୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । PVTG ପରିବାରଗୁଡ଼ିକ ଅଣୁ ପ୍ରକଳ୍ପ ଦ୍ୱାରା ସହାୟତା ପ୍ରାପ୍ତ କରୁଛନ୍ତି । ବିଶେଷ କରି କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପଶୁ ପାଳନ ଆଦି ଯୋଜନା ଦ୍ୱାରା ସେମାନେ ଉପକୃତ ହେଉଛନ୍ତି ।

ଏହାବ୍ୟତୀତ, ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା, ଯେପରିକି-ପାନୀୟଜଳ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସଂଯୋଗୀକରଣ ରାସ୍ତା ଆଦି ର ସୁବିଧା ଅଣୁ ପ୍ରକଳ୍ପ ଅଞ୍ଚଳରେ ବିଶେଷ ଭାବେ ଦୃଷ୍ଟି ଦେଇ ପ୍ରଦାନ କରାଯାଉଛି । ଓଡ଼ିଶାର ଟି ୧୨ ଟି ଜିଲ୍ଲାରେ ବିଭିନ୍ନ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହି PVTG ମାନେ ବସବାସ କରନ୍ତି । ସେଗୁଡ଼ିକ ହେଲା - କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ମୟୁରଭଞ୍ଜ, କେନ୍ଦୁଝର, ମାଲକାନ୍‌ଗିରି, ରାୟଗଡ଼ା, କନ୍ଧମାଳ, ଗଜପତି ଓ ଗଞ୍ଜାମ । ରାଜ୍ୟରେ ସମୁଦାୟ ୧୭ଟି ଅଣୁ ପ୍ରକଳ୍ପ କରାଯାଇଛି ଏବଂ ତନ୍ମଧ୍ୟରୁ ୧୩ଟି ଅନୁସୂଚୀତ କ୍ଷେତ୍ରରେ ଅବସ୍ଥାପିତ ଓ ବାକି ୪ ଟି TSP କ୍ଷେତ୍ର ବାହାରେ ଅବସ୍ଥିତ ।

## ୪.୫ ସଂରକ୍ଷଣ ବିକାଶ ଯୋଜନା (Conservation-Cum-Development-CCD Plan)

ଭାରତ ସରକାର ଆଦିବାସୀ ମନ୍ତ୍ରାଳୟ PVTGମାନଙ୍କ ବିକାଶ ପାଇଁ ୧୧ତମ ପଞ୍ଚବାର୍ଷିକ ଯୋଜନା ସମୟରେ (୨୦୦୭-୨୦୧୨)) ଆଗରୁ ନିଆଯାଇଥିବା କାର୍ଯ୍ୟନୀତିକୁ ପୁନର୍ବଲୋକନ କରିଛନ୍ତି । ସେ ବିଶେଷକରି PVTGମାନଙ୍କର ସଂସ୍କୃତି ସଂରକ୍ଷଣ ଓ ସାମାଜିକ ଓ ଆର୍ଥିକ ଉନ୍ନତି ସକାଶେ ଧ୍ୟାନ ଦେଇଛନ୍ତି । ତେଣୁ, ୧୧ତମ ଯୋଜନା ସମୟରେ ଏହି ଦୁଇଟି କ୍ଷେତ୍ରରେ ବିଶେଷ ଓ ସମନ୍ୱୟ ରକ୍ଷା କରାଯାଇ ବିକାଶ ପଦ୍ଧତି କାର୍ଯ୍ୟକାରୀ କରାଯାଇଛି । ଆଦିବାସୀ ମନ୍ତ୍ରାଳୟର ନିୟମାବଳୀ ଆଧାରରେ, ରାଜ୍ୟ ସରକାର ଏହାର SC ଓ ST ବିକାଶ ବିଭାଗ ଦ୍ୱାରା ସଂରକ୍ଷଣ ଓ ବିକାଶ ଯୋଜନା (CCDPLM) ତିଆରି କରିଛନ୍ତି ଯାହା ୧୭ ଟି ଅଣୁପ୍ରକଳ୍ପ ଅନ୍ତର୍ଗତ ୧୩ ଟି PVTGମାନଙ୍କ ପାଇଁ ଉର୍ଦ୍ଦିଷ୍ଟ । ୧୧ତମ ପଞ୍ଚବାର୍ଷିକ ଯୋଜନାରେ CCD ଯୋଜନା ଏବଂ

ପ୍ରଶଂସନୀୟ ପଦକ୍ଷେପ ଅଟେ ଯଦ୍ୱାରା PVTG ମାନଙ୍କର ସାମଗ୍ରିକ ବିକାଶ ଆଣିବାରେ ସହାୟକ ହେଉଛି। ଏହାର ଲକ୍ଷ୍ୟ ହେଲା ସ୍ଥଳ ବିଶେଷରେ PVTG ମାନଙ୍କ ଦ୍ୱାରା ଅନୁଭୂତ ଆବଶ୍ୟକତା ଆଧାରରେ ଦରକାରୀ ଭିତ୍ତିଭୂମିର ବିକାଶକରି ସେମାନଙ୍କୁ ବିଶେଷ ସହାୟତା ପ୍ରଦାନ କରିବା ଯଦ୍ୱାରା ସେମାନଙ୍କ ମଧ୍ୟରେ ଥିବା ଦାରିଦ୍ର୍ୟତା, ଦୂର ହୋଇପାରିବ, ସେମାନଙ୍କ ସାକ୍ଷରତା ହାର ବୃଦ୍ଧି ପାଇବ, ସ୍ୱାସ୍ଥ୍ୟଗତ ସ୍ଥିତିରେ ସୁଧାର ଆସିବ, ଖାଦ୍ୟ ଅସୁରକ୍ଷା ଭଳି ସମସ୍ୟାର ସମାଧାନ କରାଯାଇପାରିବ ଏବଂ ସର୍ବ ମୋଟରେ ସେମାନଙ୍କର ଜୀବନଶୈଳୀରେ ବିକାଶ ସହିତ ସେମାନଙ୍କର ପାରମ୍ପରିକ ସଂସ୍କୃତିକୁ ସଂରକ୍ଷିତ କରାଯାଇପାରିବ।

**CCDe ବିଶେଷ ପଦ୍ଧତି ଗୁଡ଼ିକ ହେଲା -**

- ସମନ୍ୱିତ ପଦ୍ଧତି ଦ୍ୱାରା PVTGମାନଙ୍କର ସର୍ବାଙ୍ଗୀନ ବିକାଶ କରିବା ଏବଂ ଏଥିପାଇଁ ପାଣ୍ଠି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କଠୁ ଆଣିବା।
- ବିଭିନ୍ନ ସରକାରୀ ସଂସ୍ଥା, ବେସରକାରୀ ସଂସ୍ଥା ଓ ଗ୍ରାମପଞ୍ଚାୟତଗୁଡ଼ିକୁ ଭାଗୀଦାରୀ ମାଧ୍ୟମରେ PVTG ର ବିକାଶ ଆବଶ୍ୟକତାକୁ ମେଣ୍ଟେଇବା
- ବିକାଶ ପ୍ରକ୍ରିୟାରେ ଜନଭାଗୀଦାରୀକୁ ପ୍ରୋତ୍ସାହିତ କରିବା ଏବଂ ଏଥିରେ ପାରମ୍ପରିକ ଅନୁଷ୍ଠାନ ଯଥା ଶ୍ରମିକ ସମବାୟ ସଂସ୍ଥା, ଯୁବସଂଘ ଓ ସ୍ୱୟଂସହାୟକ ଗୋଷ୍ଠୀ ଆଦିଙ୍କୁ ସମ୍ମିଳିତ କରିବା।
- ଆବଶ୍ୟକୀୟ ଭିତ୍ତିଭୂମି ଯଥା - ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଏବଂ ସର୍ବଋତୁକାଳୀନ ରାସ୍ତା ସମସ୍ତ ବସତିରେ ସୁବିଧା ଉପଲବ୍ଧ କରାଇବା।
- ସ୍ଥାନାନ୍ତର କୃଷିଜନିତ ପାହାଡ଼ର ଢାଲୁ ଅଞ୍ଚଳର ପୁନରୁଦ୍ଧାର ଉଦ୍ୟାନବୃଦ୍ଧି ଭିତ୍ତିକ ବନୀକରଣ ଦ୍ୱାରା କରାଇବା ଯଦ୍ୱାରା ପ୍ରାକୃତିକ ପରିବେଶ ସୁରକ୍ଷା ହୋଇପାରିବ ଏବଂ PVTGମାନଙ୍କୁ ରୋଜଗାର ଓ ଆୟ ର ସୁଯୋଗ ମିଳିବ।
- PVTGମାନଙ୍କ ପରମ୍ପରା ଯଥା - ଶ୍ରମିକ ସମବାୟ ସହିତ, ପାରମ୍ପାରିକ ଦକ୍ଷତା, କଳା, ଓ ହସ୍ତଶିଳ୍ପ, ନୃତ୍ୟ ଏବଂ ସଂଗୀତ ଆଦିଗୁଡ଼ିକର ସଂରକ୍ଷଣ ଓ ବିକାଶ ପାଇଁ ସହାୟତା ପ୍ରଦାନ କରିବା, ଏବଂ ଅଗ୍ନିନିବାରକ ଗୃହ, ଶସ୍ୟବ୍ୟାଙ୍କ୍ ଏବଂ ସମସ୍ତ ପରିବାରକୁ ଜନଶ୍ରୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ସେମାନଙ୍କର ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା।

ପଞ୍ଚବାର୍ଷିକ ଯୋଜନା (୨୦୦୭-୨୦୧୨) ରେ ସମସ୍ତ CCD ଯୋଜନା ଅନ୍ତର୍ଗତ ସମୁଦାୟ ଅନୁମାନିକ RS. ୮୪.୨୫ କୋଟିର ଅନୁଦାନ ଓଡ଼ିଶାକୁ ମଞ୍ଜୁର କରାଯାଇଛି। ଏହି ଅନୁଦାନରୁ RS. ୬୪.୪୬ କୋଟି ଆଦିବାସୀ ମନ୍ତ୍ରାଳୟ, ଭାରତ ସରକାରଙ୍କୁ ପାଞ୍ଚବର୍ଷ ପାଇଁ ସହାୟତା ରାଶି ଆଧାରରେ ଦିଆଯାଇଛି ଓ ବାକି RS. ୧୯.୮୦ କୋଟି ଅନ୍ୟ ବିଭାଗ ଦ୍ୱାରା ଖର୍ଚ୍ଚ ପାଇଁ ପ୍ରଦାନ କରାଯାଇଛି। CCD ଯୋଜନାରେ, ରାଜ୍ୟରେ, PVTG ଙ୍କର ବିକାଶ ପାଇଁ ଅଗ୍ରାଧିକାର ଭାବେ ଶିକ୍ଷାର ବିକାଶ ବିଶେଷ କରି ପ୍ରାକ୍-ପ୍ରାଥମିକ ଶିକ୍ଷା ଉପରେ ଅଧିକ ଜୋର୍ ଦିଆଯାଉଛି। ଆଗରୁ ଥିବା ଜ୍ଞାନମନ୍ଦିର ଗୁଡ଼ିକର ପୁନର୍ବିନ୍ୟାସ ସହିତ ନାରୀ ଶିକ୍ଷା ପାଇଁ ୧୯ଟି ଶିକ୍ଷା

ସମୂହ (Complex) ପ୍ରତିଷ୍ଠା କରାଯାଇଛି । ତତ୍‌ସହିତ ଆବାସିକ, ସଂଯୋଗୀକରଣ ଓ ପାନୀୟ ଜଳ ବ୍ୟବସ୍ଥା ଆଦି ଭିତ୍ତିଭୂମି ବିକାଶରେ, କୃଷି ଏବଂ ଉଦ୍ୟାନକୃଷି ସହିତ ଅନ୍ୟାନ୍ୟ ସମ୍ପର୍କୀୟ କ୍ଷେତ୍ରରେ, ଆଧୁନିକ ବୈଷୟିକ ଜ୍ଞାନ ସମ୍ମିଳିତ ପାରମ୍ପରିକ ବୈଷୟିକ ବ୍ୟବହାର ଆଜି  କ୍ଷେତ୍ରରେ ମାନଙ୍କର ଖାଦ୍ୟସୁରକ୍ଷା ଓ ରୋଜଗାର, ଦୁଇଟିଯାକ ସୁନିଶ୍ଚିତ କରାଯାଇପାରିବ । ୧୧ତମ ଯୋଜନା ସମୟାବଧି (୨୦୦୭-୨୦୧୨) ମଧ୍ୟରେ ଉକ୍ତ ଯୋଜନା ଅତ୍ୟନ୍ତ ଫଳପ୍ରସ୍ତ ସାବସ୍ତ୍ୟ ହୋଇଛି । ଏହା ଓଡ଼ିଶା ରାଜ୍ୟରେ ଚଠଞ୍ଚଏ ମାନଙ୍କର ସ୍ଥାୟୀ ବିକାଶ ହାସଲ କରିବାରେ ବହୁତ ସହାୟକ ହୋଇଛି । ୨୦୧୨-୧୩ ଅଟକଳ ରେ ସମୁଦାୟ ଲକ୍ଷ CCD ଯୋଜନା ପାଇଁ ପ୍ରସ୍ତାବିତ କରାଯାଇଥିଲା ।

## ୪.୬ ସଂଶୋଧିତ କ୍ଷେତ୍ର ବିକାଶ ପଦ୍ଧତି (MADA)

ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସମୟରୁ TSP କ୍ଷେତ୍ରର ବାହାରେ ବିଚ୍ଛୁରିତ (Disperad) ହୋଇ ବସବାସ କରୁଥିବା ଆଦିବାସୀମାନଙ୍କ ସମଗ୍ର ବିକାଶ ପାଇଁ MADA କାର୍ଯ୍ୟକାରୀ କରାଯାଉଛି । ଓଡ଼ିଶା ରାଜ୍ୟରେ ୧୭ ଟି ଜିଲ୍ଲାରେ ଥିବା ବା ବ୍ଲକ୍‌ରେ ୪୬ ଟି MADA ପ୍ରକଳ୍ପ ପ୍ରାୟ ୫.୬୮ ଲକ୍ଷ ଆଦିବାସୀଙ୍କ ପାଇଁ କାର୍ଯ୍ୟ କରୁଛି । ଏହି ଅଞ୍ଚଳରେ ବି.ଡ଼ି.ଓ.ଙ୍କ ଦ୍ୱାରା ବିଭିନ୍ନ ବିକାଶମୁଖୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି । ଗୋଷ୍ଠୀଭିତ୍ତିକ ଆୟ ଉତ୍ପାଦନ ଯୋଜନା (IGS) ଏବଂ ସମୁଦାୟ ଭିତ୍ତିକ ଯୋଜନାମାନ ଏହି ସବୁ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି । ପ୍ରତ୍ୟେକ MADA ପ୍ରକଳ୍ପରେ MADA ସ୍ତରୀୟ କମିଟି ଗଠନ କରାଯାଇଛି ଯାହାର ଅଧ୍ୟକ୍ଷ ଉପ-ଜିଲ୍ଲାପାଳ ଅଟନ୍ତି ଏବଂ ସ୍ଥାନୀୟ M-P ଓ M.L.A ସଦସ୍ୟ ଭାବରେ ଏହି କମିଟିରେ ରୁହନ୍ତି । ଏହା ସହିତ ଅନ୍ୟ ଅଧିକାରୀ ଓ ଅଣ-ଅଧିକାରୀମାନେ ମଧ୍ୟ ଏହି କମିଟିର ସଦସ୍ୟ ଭାବେ କାର୍ଯ୍ୟ କରନ୍ତି । ଏହି କମିଟିର କାର୍ଯ୍ୟ ହେଲା ନୂଆ ଯୋଜନା ଗୁଡ଼ିକର ରୂପରେଖ ତିଆରି କରିବା ଓ ସେଗୁଡ଼ିକ କାର୍ଯ୍ୟକାରୀ କରାଇବା । TSP କୁ ଦିଆଯାଇଥିବା SCA ଅନୁଦାନ ପରିମାଣ ଓ ଭାରତୀୟ ସମ୍ବିଧାନର ଧାରା ୨୭୫ (୧) ଅନ୍ତର୍ଗତ ପ୍ରଦାନ କରାଯାଇଥିବା ପ୍ରାୟ RS. ୩୨୯.୧୩ ଲକ୍ଷରୁ RS. ୧୭୧.୭୧ ଲକ୍ଷ ୨୦୧୨-୧୩ ଆର୍ଥିକ ବର୍ଷରେ ଖର୍ଚ୍ଚ କରାଯାଇଥିଲା । ୨୦୧୩-୧୪ ଆର୍ଥିକ ବର୍ଷପାଇଁ RS. ୧୨୦୫.୦୦ ଲକ୍ଷ SCA ର ଅନୁଦାନ ଏବଂ RS. ୬୯୦.୦୦ ଲକ୍ଷ ସମ୍ବିଧାନ ଧାରା ୨୭୫ (୧) ଅନ୍ତର୍ଗତ ଅନୁଦାନ ପ୍ରଦାନ କରାଯିବା ପାଇଁ ଅଟକଳରେ ପ୍ରସ୍ତାବିତ କରାଯାଇଥିଲା ।

### କ୍ଲଷ୍ଟର ପକେଟ ପଦ୍ଧତି :

୭ମ ପଞ୍ଚବାର୍ଷିକ ଯୋଜନାର ମଧ୍ୟବର୍ତ୍ତୀ ସମୟରେ କ୍ଲଷ୍ଟର ପଦ୍ଧତିର ଆରମ୍ଭ ହୋଇ ଥିଲା । ଏହା MADA ପ୍ରକଳ୍ପ ବାହାରେ ରହିଯାଇଥିବା କ୍ଷୁଦ୍ର ଆଦିବାସୀ ବସତିଗୁଡ଼ିକୁ ମୁଖ୍ୟସ୍ରୋତରେ ସମ୍ମିଳିତ କରିବାକୁ ଗ୍ରହଣ କରାଯାଇଥିଲା । ଯେଉଁ ସଂସ୍ପର୍ଶୀୟ କ୍ଷେତ୍ରରେ ଅନ୍ୟୁନ ୫୦୦୦ ବା ଉର୍ଦ୍ଧ୍ୱ ଜନସଂଖ୍ୟା ଥା'ନ୍ତି ଓ ଏହାର ୫୦ ପ୍ରତିଶତ ବା ଅଧିକ ଜନସଂଖ୍ୟା ଅନୁସୂଚୀତ ଜନଜାତି ଅଟନ୍ତି ସେପରି କ୍ଷେତ୍ରରେ ଗୋଟିଏ କ୍ଲଷ୍ଟରର ନିର୍ମାଣ କରାଯାଏ । ଏହିପରି କ୍ଲଷ୍ଟର ରାଜ୍ୟର ୧୦ଟି ଜିଲ୍ଲାରେ ୧୩ଟି ବ୍ଲକ୍‌ରେ ସମୁଦାୟ ୧୪ଟି କ୍ଲଷ୍ଟର ଚିହ୍ନଟ କରାଯାଇ ପ୍ରାୟ ୬୨,୦୨୧ ଅନୁସୂଚୀତ ଜନଜାତିଙ୍କୁ (୨୦୦୧ ଜନଗଣନା) ଅନ୍ତର୍ଭୁକ୍ତ କରାଯାଇଛି । MADA

ର ସଂଚାଳନା ଢାଞ୍ଚା ଭଳି ଏହି ୧୪ଟି କ୍ଲଷ୍ଟରର ମଧ୍ୟ ସମାନ ପ୍ରକାର ସଂଚାଳନା ଢାଞ୍ଚା ଗଠନ କରାଯାଏ। କ୍ଲଷ୍ଟରଗୁଡ଼ିକରେ ଆଦିବାସୀ / ଜନଜାତିଙ୍କର ବିକାଶ ପାଇଁ ସାଧାରଣ ଯୋଜନାମାନ ସହିତ, SCA ଦ୍ୱାରା RS. ୧୨୦.୦୦ଆୟ ଉତ୍ପାଦନ ଯୋଜନା ଗୋଷ୍ଠୀ ଭିତ୍ତିରେ ସମୁଦାୟ-ଲାଭ ଭିତ୍ତିକ ଯୋଜନା କାର୍ଯ୍ୟକାରୀ କରାଯାଉଛି। TSP କୁ SCA ଦ୍ୱାରା ଲକ୍ଷ ଏବଂ ଭାରତୀୟ ସମ୍ବିଧାନ ଧାରା ୨୭୫ (୧) ଆଧାରରେ RS. ୧୧୫.୦୦ ଲକ୍ଷ ସମସ୍ତ ୧୪ ଟି କ୍ଲଷ୍ଟର୍ ପକେଟକୁ ୨୦୧୩-୧୪ ଆର୍ଥିକ ବର୍ଷ ଅଟକଳରେ ପ୍ରଦାନ କରାଯାଇଛି।

## ୪.୭ ବିଚ୍ଛୁରିତ ଜନଜାତି ବିକାଶ ପରିଯୋଜନା

Dispersed Tribal Development Project (DTDP) :- MADA/ITDA/ କ୍ଲଷ୍ଟର ପକେଟ/ ଅଣୁ ପ୍ରକଳ୍ପ କ୍ଷେତ୍ର ବାହାରେ ଯେଉଁ ଆଦିବାସୀ ଜନବସତିଗୁଡ଼ିକ ରହିଯାଇଛି, ସେମାନଙ୍କ ପାଇଁ TSPର ସଂପ୍ରସାରଣ ଅନୁସାରେ ବିଶେଷ ପ୍ରକଳ୍ପ 'ବିଚ୍ଛାରିତ ଜନଜାତି ବିକାଶ ପରିଯୋଜନା' (DTDP) ଆରମ୍ଭ କରାଯାଇଥିଲା। ବିସ୍ତୁରିତ ସମସ୍ତ ଆଦିବାସୀଙ୍କ ପାଇଁ ଓଡ଼ିଶା ରାଜ୍ୟରେ Scheduled Castes and Scheduled Tribes Development Finance Cooperative Corporation Limited ନୋଡାଲ ସଂସ୍ଥା ଭାବେ ଏହି DTDPକୁ କାର୍ଯ୍ୟକାରୀ କରାଏ। ଆଦିବାସୀ ଗୋଷ୍ଠୀଙ୍କର ଉନ୍ନତି ହେଉଛି ଏହି ପ୍ରକଳ୍ପର ଲକ୍ଷ୍ୟ। ଗୋଟିଏ କ୍ଷେତ୍ରରୁ ଅନ୍ୟ କ୍ଷେତ୍ରରେ ଏହି ବିସ୍ତୁରିତ ଭାବରେ ଥିବା ଆଦିବାସୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଏହା ସବୁ ଜାଗାରେ ସମାନ ସଂଖ୍ୟାରେ ନଥା'ନ୍ତି। ରାଜ୍ୟର ସମୁଦାୟ ଆଦିବାସୀ ଜନସଂଖ୍ୟାର ୨୭ ପ୍ରତିଶତ ଏହି ବର୍ଗର ଅଟନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏହିପରି ବିଚ୍ଛୁରିତ ଆଦିବାସୀ ମାନଙ୍କର ବିକାଶ ପାଇଁ ନିମ୍ନଲିଖିତ କାର୍ଯ୍ୟକ୍ରମ ମାନ କାର୍ଯ୍ୟକାରୀ କରାଯାଉଛି କି -

- ବିଶ୍ୱାସନୀୟ ଆୟ ଉତ୍ପାଦନ ଯୋଜନା ଆଦି ରିହାତି ଦରରେ ଉପଲବ୍ଧ କରାଇବ।
- ସମୁଦାୟ କ୍ଷୁଦ୍ର ଜଳସେଚବ ପ୍ରକଳ୍ପ ଯଥା LIP, WHS, ଚେକ୍‌ଡ୍ୟାନ୍ ଆଦି
- ସ୍ୱ-ରୋଜଗାର ଓ ମଜୁରୀ ଭିତ୍ତିକ ରୋଜଗାର ପାଇଁ ପ୍ରଶିକ୍ଷଣ ଯୋଜନାର ସୁବିଧା ପ୍ରଦାନ କରିବା
- ବିଶ୍ୱାସନୀୟ ଆୟ ଉତ୍ପାଜନ ଯୋଜନା ଅନ୍ତର୍ଗତ - କୃଷି / ଉଦ୍ୟାନ କୃଷି ବିକାଶ, କ୍ଷୁଦ୍ର ଜଳସେଚନ, ପଶୁପାଳନ, ମାଛଚାଷ, କ୍ଷୁଦ୍ର ଏବଂ ଗ୍ରାମ୍ୟ ଶିଳ୍ପ, ବ୍ୟବସାୟିକ ଶିଳ୍ପ ଓ କ୍ଷୁଦ୍ର ବ୍ୟବସାୟ ଆଦି ନିହିତ। ସ୍ୱ-ରୋଜଗାର ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବିଶେଷ ପ୍ରାଧାନ୍ୟତା ଦିଆଯାଇଛି ଫଳସ୍ୱରୂପ, ୧୧୬୦ ଜଣ ପ୍ରଶିକ୍ଷଣାର୍ଥୀ ଯାବତ୍ ଲାଭାନ୍ୱିତ ହୋଇପାରିଛନ୍ତି।

## ୪.୮ କେ.ବି.କେ ଜିଲ୍ଲାଗୁଡ଼ିକ ପାଇଁ ବିଶେଷ ଯୋଜନା (RLTAP)

Revised Long Term Action Plan (RLTAP) ବା ପରିଶୋଧିତ ଦୀର୍ଘ ମିଆଦି କାର୍ଯ୍ୟ ଯୋଜନା ୧୯୯୮-୯୯ ମସିହାରେ ଆରମ୍ଭ ହୋଇ କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନା ର ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ SC ଏବଂ ST ଙ୍କର ସାକ୍ଷରତାହାର ବୃଦ୍ଧି ଏବଂ ବିଶେଷକରି ଛାତ୍ରୀବୃତ୍ତି ପ୍ରଦାନ କରି SC/ST ଛାତ୍ରଛାତ୍ରୀମାନଙ୍କୁ

ଶିକ୍ଷା ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବା, ପ୍ରାଥମିକ ସ୍ତରର ହଷ୍ଟେଲ ସୁବିଧା ଉପଲବ୍ଧ କରାଇବା, ଜରୁରୀ ସୁବିଧାନାମ ହଷ୍ଟେଲରେ ଉପଲବ୍ଧ କରାଇବା, ହଷ୍ଟେଲଗୁଡ଼ିକର ପୁନର୍ବିନ୍ୟାସ ଓ ମରାମତି କାମ କରାଇବା ଆଦି ଯୋଜନା ଦ୍ୱାରା ନାରୀ ସାକ୍ଷରତା ହେଲେ ବୃଦ୍ଧ କରିବା ଆଦି ଅନ୍ତର୍ଭୁକ୍ତ । ଫଳସ୍ୱରୂପ, କେ.ବି.କେ ବା କଳାହାଣ୍ଡି, ବଲାଙ୍ଗିର ଓ କୋରାପୁଟ ଜିଲ୍ଲାରେ ୪୦୦ ଟି ୪୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ୧୯୯୮-୯୯ ରୁ ୨୦୦୧-୦୨ ମଧ୍ୟରେ କରାଯାଇଛି । ୨୦୦୨-୦୩ ରୁ ୨୦୦୭-୦୮ ମସିହା ମଧ୍ୟରେ RS. ୧୫୮୨-୫୦ ଲକ୍ଷ ବ୍ୟୟରେ ୪୭୧ ଟି ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲଗୁଡ଼ିକ ମରାମତି ଓ ପୁନର୍ବିନ୍ୟାସ କରାଯାଇଛି । ଏହା ବ୍ୟତୀତ, ୨୪୬ ଟି ST/SC ଛାତ୍ର ଏବଂ ଛାତ୍ରୀ ନିବାସ ୨୦୦୫-୦୬ ରୁ ୨୦୦୭-୦୮ ମଧ୍ୟରେ ଜଷ୍. ୩୨୧୦.୦୦ ବ୍ୟୟରେ ନିର୍ମାଣ କରଯାଇଛି । କେ.ବି.କେ. ଜିଲ୍ଲାରେ ST/SC ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରିବାକୁ ୨୦୦୭-୦୮ ଆର୍ଥିକ ବର୍ଷରେ ଆଗରୁ ଥିବା ୮ଟି ଉଚ୍ଚବିଦ୍ୟାଳୟକୁ, ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି । ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୨୦୦୭-୦୮ ଆର୍ଥିକ ବର୍ଷରେ Rs. ୪୮୦.୦୦ ଲକ୍ଷ ବ୍ୟୟ କରାଯାଇଛି । "କେ.ବି.କେ ଜିଲ୍ଲା ପାଇଁ ବିଶେଷ ଯୋଜନା" ଭଳି ନୂଆ ଯୋଜନାର ଆରମ୍ଭ ହେଲାପରେ (ଯାହା ପ୍ରାୟ RLTAP ପରି ଯୋଜନା ସହିତ ସମାନ), ୨୦୦୮-୦୯ ଆର୍ଥିକ ବର୍ଷରେ RS. ୩୫.୫୦ କୋଟି ଏହି ଜିଲ୍ଲାର ଯୋଜନା କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରଦାନ କରାଯାଇଥିଲା । ୨୦୦୯-୧୦ ବର୍ଷରେ ୨୩.୦୫ କୋଟି ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ପ୍ରଦାନ କରାଯାଇଥିଲା ଯେଉଁଥିରୁ RS. ୩.୦୦ କୋଟି ITDA, ଗୁଣୁପୁରର ହତାମୁନିଗୁଡ଼ାରେ ଶିକ୍ଷାଭବନ ସମୂହ ନିର୍ମାଣ ପାଇଁ ଜ.କ. ମିଶନକୁ ପ୍ରଦାନ କରାଯାଇଥିଲା । ୨୦୧୧ ବର୍ଷରେ କେବିକେ ଜିଲ୍ଲାରେ ଟି ପରିଯୋଜନା କାର୍ଯ୍ୟକାରୀ କରିବାକୁ RS. ୪୩୦୩.୦୦ ଲକ୍ଷ ପ୍ରଦାନ କରାଯାଇଥିଲା । ଏହି ସମସ୍ତ ପଦ ଯୋଜନାମାନ ସଫଳତାର ସହିତ ସମ୍ପୂର୍ଣ୍ଣ କରାଯାଇଛି । ୨୦୧୧-୧୨ ଆର୍ଥିକ ବର୍ଷରେ RS. ୨୮୦୦.୦୦ ଲକ୍ଷ ଅନୁଦାନ ଦେବାକୁ ପ୍ରସ୍ତାବିତ କରାଯାଇଥିଲା ଏବଂ ୨୦୧୨-୧୩ ଆର୍ଥିକ ବର୍ଷରେ RS. ୫୦୫୭.୦୦ ଲକ୍ଷ କେବିକେ ଜିଲ୍ଲାଗୁଡ଼ିକୁ RLTAP ଆଧାରରେ ବିଶେଷ ଯୋଜନା ପାଇଁ ଅଟକଳରେ ପ୍ରଦାନ କରାଯାଇଥିଲା ।

## ୪.୯ ସାରାଂଶ

ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସମୟରୁ ଜନଜାତି ଉପ-ଯୋଜନା ବହିର୍ଭୂତ କ୍ଷେତ୍ରରେ ବିଚ୍ଛୁରିତ ହୋଇ ବସବାସ କରୁଥିବା ଆଦିବାସୀମାନଙ୍କ ସମଗ୍ର ବିକାଶ ପାଇଁ ସଂଶୋଧିତ କ୍ଷେତ୍ର ବିକାଶ ସଂସ୍ଥା କାର୍ଯ୍ୟ କରେ ଏହା ଅପେକ୍ଷାକୃତ କ୍ଷୁଦ୍ରଅଞ୍ଚଳ, ଯେଉଁଠି ୧୦,୦୦୦ ବା ତତୁର୍ଦ୍ଧ୍ୱ ଜନସଂଖ୍ୟା ଥିବେ ଏବଂ ଏହାର ୫୦ ପ୍ରତିଶତ ଜନସଂଖ୍ୟା ଆଦିବାସୀ ସମ୍ପ୍ରଦାୟର ହୋଇଥିବେ । ରାଜ୍ୟରେ ୧୭ ଟି ଜିଲ୍ଲାରେ ଥିବା ୪୬ ଟି ବ୍ଲକ୍‌ରେ ସମୁଦାୟ ୪୯ ଟି ସଂଶୋଧିତ କ୍ଷେତ୍ର ବିକାଶ ସଂସ୍ଥା ପ୍ରାୟ ୫.୬୮ ଲକ୍ଷ ଆଦିବାସୀଙ୍କ ପାଇଁ କାର୍ଯ୍ୟ କରୁଛି । ପ୍ରତ୍ୟେକ ସଂଶୋଧିତ କ୍ଷେତ୍ର ବିକାଶ ସଂସ୍ଥାରେ ସଂସ୍ଥାସ୍ତରୀୟ କମିଟି ଗଠନ କରାଯାଇଛି ଯାହାର ଅଧକ୍ଷ ଉପ-ଜିଲ୍ଲାପାଳ ଅଟନ୍ତି ଏବଂ ସ୍ଥାନୀୟ । M-P ଓ M.L.A ସଦସ୍ୟ ଭାବରେ ଏହି କମିଟିରେ ରୁହନ୍ତି । ଏହି କମିଟିର କାର୍ଯ୍ୟକ୍ରମ ଗୁଡ଼ିକର ରୂପରେଖ ପ୍ରସ୍ତୁତ କରନ୍ତି ଓ ସେଗୁଡ଼ିକ କାର୍ଯ୍ୟକାରୀ କରାନ୍ତି ।

## ୪.୧୦ ମୁଖ୍ୟ ଶବ୍ଦାବଳୀ

- **ଅଧିବାସୀ/ ଆଦିମ ଜନଜାତି ସମୁଦାୟ (PVTG) :** ପ୍ରାଚୀନ ଜନଜାତି ସମୁଦାୟ ଆଦିବାସୀ ସମ୍ପ୍ରଦାୟମାନଙ୍କ ମଧ୍ୟରୁ କିଛି ସମ୍ପ୍ରଦାୟ ଅଟନ୍ତି ଯେଉଁମାନେ ଆଭ୍ୟନ୍ତରୀଣ ଅଞ୍ଚଳରେ ଆଧୁନିକ/ ସାଧାରଣ ଜନସମୁଦାୟ ଦୂରରେ ଏକାନ୍ତ ଭାବେ ବସବାସ କରନ୍ତି । ପ୍ରାକ୍ କୃଷି ଭିତ୍ତିକ ଅର୍ଥନୀତି, ଅତିନିମ୍ନ ସାକ୍ଷରତାହାର ଓ ନିମ୍ନ ଜନସଂଖ୍ୟା ହାର ଆଦି ସେମାନଙ୍କ ବିଶେଷତ୍ୱ ଅଟେ ।
- **ବିଚ୍ଛୁରିତ ଜନଜାତି ବିକାଶ ପରିଯୋଜନା :** ଜନଜାତି ଉପ-ଯୋଜନାର ସମ୍ପ୍ରସାରଣ କାର୍ଯ୍ୟ ଭାବେ 'ବିଚ୍ଛୁରିତ' ଜନଜାତି ବିକାଶ ପରିଯୋଜନା ଆରମ୍ଭ କରାଯାଇଥିଲା । ଏହା ସମନ୍ୱିତ ଅଦିବାସୀ ବିକାଶ ସଂସ୍ଥା, ସଂଶୋଧିତ ଜନଜାତି ବିକାଶ ସଂସ୍ଥା ଓ କ୍ଲଷ୍ଟର ପକେଟ ବା କ୍ଷୁଦ୍ର ପ୍ରକଳ୍ପ ଆଦିର ବାହାରେ ରହିଯାଇଥିବା ଆଦିବାସୀ ଜନସମୁଦାୟ ବିକାଶ ପାଇଁ ବିଶେଷ ଭାବେ କାର୍ଯ୍ୟ କରେ ।

## ୪.୧୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. ପ୍ରାଚୀନ/ଆଦିମ ଆଦିବାସୀ ଗୋଷ୍ଠୀ PVTG କହିଲେ କ'ଣ ବୁଝ ?

୨. ସଂରକ୍ଷଣ ଓ ବିକାଶ ଯୋଜନା (CCD) ର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ବର୍ଣ୍ଣନା କର ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ପୂର୍ଣ୍ଣ ନାମ ଲେଖ ।

PVTG :-

TSP:-

SHG:-

CCD:-

RLTAP:-

DTDP:-

## ୪.୧୨ ସହାୟକ ଗ୍ରନ୍ଥସୂଚୀ


- ସାମନ୍ତ, ଆର.କେ ୧୯୮୯ କୃଷି ଏବଂ ଗ୍ରାମୀଣ ବିକାଶରେ ପରିଚାଳନା, ନୂଆଦିଲ୍ଲୀ, UDH ପ୍ରକାଶନ ।
- ଗୋଏଲ, ଆର ୨୦୧୨ ପଞ୍ଚାୟତିରାଜ ଏବଂ ଗ୍ରାମୀଣ ବିକାଶ, ସୋନାଲି ପ୍ରକାଶନ ।


### ୱେବ୍ ସାଇଟ୍

- www. rural.nic.in
- www.rdodisha.gov.in

❐❐❐